RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR | ◆VOLUME- 43 ◆ISSUE-81 ◆SUNDAY ◆14 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୮୧ ◆ରବିବାର ◆୧୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବିଶ୍ୱର ପ୍ରଥମ ଏଆଇ ମନ୍ତ୍ରୀ 'ଡାଏଲା'



**ଦୁର୍ନୀତି ରୋକିବାକୁ ନିଯୁକ୍ତ କଲା ଆଲ୍‌ବେନିଆ**

■ **ଟିରାନ,୧୩।୯(ଏଜେନ୍ସି):** ବିଶ୍ୱର ପ୍ରଥମ ଦେଶ ଭାବେ ଆଲ୍‌ବେନିଆ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମନ୍ତ୍ରୀକୁ ନିଯୁକ୍ତି ଦେଇଛି। ୟୁରୋପୀୟ ଦେଶ ଆଲ୍‌ବେନିଆର ଏହି ଏଆଇ ମନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କୌଣସି ବ୍ୟକ୍ତି ଏହି ମନ୍ତ୍ରୀପଦରେ ନାହାନ୍ତି। ବରଂ ଏହା ପିକ୍ସଲ ଓ କୋଡ୍ ଦ୍ୱାରା ତିଆରି ହୋଇଥିବା ଏକ ଅଭାସୀ ମନ୍ତ୍ରୀ। ଏହା ସମ୍ପୂର୍ଣ୍ଣ ଭାବେ ଏଆଇ ଦ୍ୱାରା କାମ କରିବ। ଏହାର ନାମ 'ଡାଏଲା' ରଖାଯାଇଛି। ଆଲ୍‌ବେନିଆ ଭାଷାରେ 'ଡାଏଲା' ଅର୍ଥ ଖରା ବା ସୂର୍ଯ୍ୟ। ଦୁର୍ନୀତି ରୋକିବାକୁ ଆଲ୍‌ବେନିଆ ଏହି ଅଭିନବ ଉପାୟ ଅବଲମ୍ବନ କରିଛି। ପ୍ରଧାନମନ୍ତ୍ରୀ ଏଡି ରାମା ଚତୁର୍ଥଥର ପାଇଁ ନିର୍ବାଚନ ଜିତିବା ପରେ କିଛିମାସ ପରେ ଡାଏଲାକୁ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ଡାଏଲାକୁ ସରକାରୀ ପାଣ୍ଠି ପ୍ରକଳ୍ପ ଓ ପବ୍ଲିକ ଟେଣ୍ଡରରେ ଦୁର୍ନୀତି ରୋକିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ଏହାକୁ ସମାଲୋଚନା କରିଛି ଓ ଏହାକୁ ପବ୍ଲିସିଟି ଷ୍ଟଣ୍ଟ ଅର୍ଥାତ ପ୍ରଚାର ସର୍ବସ୍ୱ ବୋଲି ଅଭିହିତ କରିଛି। ଏହାପୂର୍ବରୁ ଡାଏଲା ଆଲ୍‌ବେନିଆରେ କାର୍ଯ୍ୟ କରିଛି। ସେ ଏକ ଏଆଇ ଆଭାସୀ ଆସିଷ୍ଟାଣ୍ଟ ଭାବେ ନାଗରିକଙ୍କୁ ସରକାରୀ କାଗଜପତ୍ର ଦେବାରେ ସହାୟତା ପ୍ରଦାନ କରିଛି। ଏହି କ୍ରମରେ ସେ ୧୦ ଲକ୍ଷ ଲୋକଙ୍କୁ ସାହାଯ୍ୟ କରିଛି ଓ ଆଲ୍‌ବେନିଆ ନାଗରିକ ଡାଏଲା ସହ ପୂର୍ବରୁ ପରିଚିତ ଅଛନ୍ତି।

## ରାଜସ୍ଥାନରୁ ୧୫ରେ ମୌସୁମୀର ଲେଉଟାଣି

**ଏଥର ୭ ପ୍ରତିଶତ ଅଧିକ ବର୍ଷା ହେଲାଣି**

**ହିମାଚଳରେ ପୁଣି ବାଦଲ୍‌ଫଟା ବର୍ଷା**

■ **ନୂଆଦିଲ୍ଲୀ, ୧୩।୯(ଏଜେନ୍ସି):** ଏଥର ଦେଶରେ ରାଜସ୍ଥାନରୁ ହିଁ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ କରିବ। ସେପ୍ଟେମ୍ବର ୧୫ରୁ ମୌସୁମୀ ଭାରତ ଏହି ଉତ୍ତରପଶ୍ଚିମ ରାଜ୍ୟରୁ ମେଲାଣି ନେବା ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସାଧରଣତଃ ମୌସୁମୀ ଉତ୍ତରପଶ୍ଚିମ ଭାରତରେ ସେପ୍ଟେମ୍ବର ୧୭ରେ ଫେରିବା ଆରମ୍ଭ କରିଥାଏ ଓ ଅକ୍ଟୋବର ୧୫ରେ ଦେଶରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଥାଏ। ଏଥର ମୌସୁମୀ ମେ ୨୪ରେ କେରଳରେ ପ୍ରଥମେ ପ୍ରବେଶ କରିଥିଲା। ୨୦୦୯ ପରେ ସବୁଠାରୁ ଶୀଘ୍ର ଅର୍ଥାତ ୮ ଦିନ ପୂର୍ବରୁ ଆସିଥିଲା। ▶ପୃଷ୍ଠା-୭



**ଭାରତ, ଚୀନ ଉପରେ କଠୋର କଟକଣା ପାଇଁ ମସୁଧା**

## ସହଯୋଗୀ ଖୋଜୁଛନ୍ତି ଟ୍ରମ୍ପ



**ଜି-୭, ନାଟୋର ସହାୟତା ଲୋଡ଼ିଲେ**

■ **ୱାସିଂଟନ, ୧୩।୯ (ଏଜେନ୍ସି):** ବ୍ୟସ୍ତ ବିବ୍ରତ ହୋଇପଡ଼ିଲେଣି ଆାମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ। ଯେତେ ଯାହା କଲେ ମଧ୍ୟ ରୁଷ-ୟୁକ୍ରେନ ଯୁଦ୍ଧ ଅଟକାଇ ପାରୁ ନାହାନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ବ୍ୟାକୁଳ ଥିବା ଟ୍ରମ୍ପ ତାଙ୍କର ସମସ୍ତ ରାଗ ଭାରତ ଉପରେ ଶୁଝାଉଛନ୍ତି। ରୁଷ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ଭାରତୀୟ ସାମଗ୍ରୀ ଉପରେ ସେ ୫୦ ପ୍ରତିଶତ ଶୁଳ୍କ ମଧ୍ୟ ଲଗାଇଛନ୍ତି। ଏହାସତ୍ତ୍ୱେ ରୁଷରୁ ତେଲ କିଣିବା ଅବ୍ୟାହତ ରଖିବା ସହିତ ଚୀନ ଓ ରୁଷ ସହିତ ବନ୍ଧୁତା ବଢ଼ାଇ ଚାଲିଛି ଭାରତ। ଏହାକୁ ନେଇ ଅସହାୟ ହୋଇପଡ଼ିଛନ୍ତି ଟ୍ରମ୍ପ। ତେଣୁ ଆମେରିକା ଭଳି ଭାରତ ଓ ଚୀନ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିବା ଲାଗି ସେ ଜି-୭ ରାଷ୍ଟ୍ର ଓ ୟୁରୋପୀୟ ୟୁନିଅନ୍ ଉପରେ ଚାପ ପକାଉଛନ୍ତି। ଦରକାର ପଡ଼ିଲେ ଏହି ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଶୁଳ୍କ ବସାଇବାକୁ ସେ ମେ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମରେିକାର ଅର୍ଥ ମନ୍ତ୍ରୀ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ଜେମିସନ୍ ଆଜି ଜି-୭ ଦେଶର ମନ୍ତ୍ରୀମାନଙ୍କୁ ଭେଟି ଟ୍ରମ୍ପଙ୍କ ବାର୍ତ୍ତା ଶୁଣାଇଛନ୍ତି। ସେମାନେ କହିଥିଲେ ଯେ ୟୁକ୍ରେନ ଉପରେ ରୁଷ ଯୁଦ୍ଧ ଶେଷ କରିବାକୁ ହେଲେ ରୁଷରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଜାରି କରାଯିବାର ଆବଶ୍ୟକତା ରହିଛି। ସେମାନେ ଭାରତ ଓ ଚୀନକୁ ଟାର୍ଗେଟ କରି ଏହି ଅଭିଯାନ ଚଳାଇଛନ୍ତି। ଏହି ଜି-୭ ସଂଗଠନରେ ଆମେରିକା ସମେତ ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ବିକଶିତ ଓ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ଅଛନ୍ତି। ଆମେରିକା ସେମାନଙ୍କୁ ବୁଝାଇଛି ଯେ ଜି-୭ ସହଯୋଗ ନକଲେ ଆମେରିକାର କଟକଣା କାମ ଦେବନାହିଁ।

ଗୋଟିଏ ପଟେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି ସମ୍ପର୍କ ସୁଧାରିବା ପାଇଁ ଟ୍ରମ୍ପ ପ୍ରୟାସ କରୁଥିବା ବେଳେ ଅନ୍ୟପଟେ ଜି-୭ ରାଷ୍ଟ୍ର ସହ ମିଶି ଭାରତ ବିରୋଧୀ ଷଡ଼ଯନ୍ତ୍ର କରୁଥିବା ଏଥିରୁ ସ୍ପଷ୍ଟ ହୋଇଯାଉଛି। ଶୁଳ୍କ ଲଗାଇ ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଥିବା ଆମେରିକା ରାଷ୍ଟ୍ରପତି ଜି-୭ ରାଷ୍ଟ୍ର ଗୋଷ୍ଠୀଙ୍କୁ ମଧ୍ୟ ଏପରି କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ମଧ୍ୟରେ ରୁଷଠୁ ତେଲ କିଣିବାକୁ ନେଇ ଜି-୭ ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀ ଭାରତ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଜି-୭ ଆଲୋଚନା ପରେ ଆମେରିକା ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ସେମାାନେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବାର୍ତ୍ତା ରଖିଥିଲେ। ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିଲେ ରୁଷ୍‌ଠୁ ତେଲ କିଣୁଥିବା ରାଷ୍ଟ୍ର ଉପରେ ଶୁଳ୍କ ଲଗାଇବା ଜରୁରୀ ବୋଲି କହିଥିଲେ। ଏନେଇ ଆମେରିକାକୁ ସହଯୋଗ କରିବା ଆବଶ୍ୟକ। ତେବେ ବିବୃତିରେ କୌଣସି ଦେଶର ନାମ ନିଆଯାଇ ନ ଥିଲା। କିନ୍ତୁ ଭାରତ ଏବଂ ଚୀନ୍‌କୁ ଆମେରିକା ଦୋଷ ଦେଇ ଆସୁଛି। ରୁଷ ଠାରୁ ଚୀନ୍ ସର୍ବାଧିକ ତେଲ କିଣୁଥିବା ବେଳେ ଟ୍ରମ୍ପ କେବଳ ଭାରତ ଉପରେ ଶୁଳ୍କ ଲଗାଇଛନ୍ତି।

ଟ୍ରମ୍ପ ଆଜି ନାଟୋ ଦେଶମାନଙ୍କୁ ମଧ୍ୟ ଭାରତ ଓ ଚୀନ ଉପରେ କଟକଣା ଲଗାଇବାକୁ ଅନୁରୋଧ କରିଛନ୍ତି। ନାଟୋ ସଂଗଠନର ସଭ୍ୟମାନଙ୍କୁ ପତ୍ର ଲେଖି ସେ କହିଛନ୍ତି ଯେ ସେମାନେ ମଧ୍ୟ ରୁଷ ଠାରୁ ତେଲ କିଣିବା ବନ୍ଦ କରନ୍ତୁ। ୟୁାକ୍ରେନ ଉପରେ ରୁଷ ଆକ୍ରମଣ ବନ୍ଦ ନକରିବା ପର୍ଯ୍ୟନ୍ତ ଚୀନ ଓ ଭାରତ ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିବାକୁ ସେ ଚାପ ପକାଇଛନ୍ତି। କାରଣ ଏହି ଦୁଇ ଦେଶ ରୁଷରୁ ସର୍ବାଧିକ ତେଲ କିଣୁଛନ୍ତି। ନାଟୋ ଏଥିରେ ସହଯୋଗ କଲେ ସେ ରୁଷ ଉପରେ ଅଧିକ କଠୋର କଟକଣା ଲଗାଇବାକୁ ପ୍ରସ୍ତୁତ ବୋଲି ଟ୍ରମ୍ପ କହିଛନ୍ତି। ତେବେ ନାଟୋ ଦେଶଙ୍କ ପ୍ରତିକ୍ରିୟା ମିଳିନାହିଁ।

**ଏସିଆ କପ୍ କ୍ରିକେଟ**

## ଭାରତ-ପାକ୍ ମୁକାବିଲା ଆଜି




**ମ୍ୟାଚ୍ ବର୍ଜନ ପାଇଁ ଭାରତରେ ଅଭିଯାନ**

**ଦୁବାଇ ଯିବେନି ବିସିସିଆଇ କର୍ମକର୍ତ୍ତା**

■ **ଦୁବାଇ, ୧୩।୯ (ଏଜେନ୍ସି):** ଟି-୨୦ ବିଶ୍ୱ ଚାମ୍ପିଅନ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମଧ୍ୟରେ ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ମୁକାବିଲା ହେବ। ଏହି ପ୍ରତିଯୋଗିତା ଲାଗି ଉଭୟ ଦଳର ଖେଳାଳି, ସମର୍ଥକ ଓ କର୍ମକର୍ତ୍ତା ପ୍ରସ୍ତୁତ ଥିଲାବେଳେ ଟିକଟ ବିକ୍ରି ହୋଇ ନ ଥିବାରୁ ଏହି ମ୍ୟାଚ୍ ଆକର୍ଷଣ ହରାଇବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆସନ୍ତାକାଲିର ମୁକାବିଲା ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ର ସିଧାପ୍ରସାରଣ ସୋନି ଟିଭି ନେଟ୍‌ୱର୍କରେ ପ୍ରସାରିତ ହେବ।

ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ବର୍ଜନ ଲାଗି ଦେଶ ଭିତରେ ବଡ଼ ଧରଣର ଅଭିଯାନ ଚାଲିଛି। ବିଶେଷ କରି ବିରୋଧୀ ଦଳ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ କ୍ରିକେଟ ପ୍ରଶଂସକ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ ଯୁକ୍ତି କରିଛନ୍ତି ଯେ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ଅକ୍ରମଣର ଶିକାର ହୋଇଥିବା ପରିବାର ଆଖିରୁ ଲୁହ ଶୁଖି ନଥିବା ବେଳେ ପାକିସ୍ତାନ ସହ ମ୍ୟାଚ୍ ସେମାନଙ୍କର ଭାବନା ପ୍ରତି ଅସମ୍ମାନ। କେବଳ ଏତିକି ନୁହେଁ; ଏହା ସମଗ୍ର ଦେଶବାସୀଙ୍କ ପ୍ରତି ମଧ୍ୟ ଅପମାନ ଏହାକୁ ବର୍ଜନ କରିବା ପାଇଁ ସେମାନେ ଆହ୍ୱାନ ଜଣାଇଛନ୍ତି। କଂଗ୍ରେସ, ଆପ୍ ଏବଂ ଶିବସେନା (ଉଦ୍ଧବ) ପକ୍ଷରୁ ▶ପୃଷ୍ଠା-୭

**୨୭ରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ**

## ବ୍ରହ୍ମପୁର ସମାବେଶରେ ଯୋଗଦେବେ

**ଚଳିତ ମାସରେ ବହୁତ କିଛି ହେବ: ତୋମାର**

**ପୁଣି ବଢ଼ିଲା ମନ୍ତ୍ରିମଣ୍ଡଳ ପୁନର୍ଗଠନ ଚର୍ଚ୍ଚା**



■ **ଭୁବନେଶ୍ୱର, ୧୩।୯ (ସମିସ):** ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବ୍ରହ୍ମପୁରରେ ଏକ ଜନସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ବିଜେପିର ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯେତେବେଳେ ଓଡ଼ିଶା ଗସ୍ତରେ ଆସନ୍ତି, ସେତେବେଳେ ଓଡ଼ିଶାକୁ କିଛି ନା କିଛି ଦେଇକରି ଯାଇଥା'ନ୍ତି। ସବୁ ସମୟରେ ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ଓଡ଼ିଶା ରହିଥାଏ। ପ୍ରଧାନମନ୍ତ୍ରୀ ସବୁବେଳେ ଯୁବ ଓ ମହିଳା ବର୍ଗକୁ ପ୍ରାଥମିକତା ଦେଇଆସିଛନ୍ତି ବୋଲି ତୋମାର କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ, ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା ଥମୁ ନଥିବା ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ତୋମାର କହିଛନ୍ତି, ଏହି ମାସରେ ରାଜ୍ୟରେ ବହୁତ କିଛି ହେବ। ଶ୍ରୀ ତୋମାରଙ୍କ ଏପରି ବୟାନ ପରେ ଚଳିତ ମାସ ଶେଷ ଆଡ଼କୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ଜୋର୍ ଧରିଛି। ବିଜେପିର ଓଡ଼ିଶା ପ୍ରଭାରୀ ଶ୍ରୀ ତୋମାରଙ୍କ ବକ୍ତବ୍ୟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ରାଜନୈତିକ ବିଶ୍ଳେଷକମାନେ ମଧ୍ୟ ଭିନ୍ନ ଦୃଷ୍ଟିରେ ଆକଳନ କରୁଛନ୍ତି।

**ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ**

## ନୂଆପଡ଼ାରେ ହେବ ଏସ୍‌ଏସ୍‌ଆର୍

**ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା**

■ **ଭୁବନେଶ୍ୱର, ୧୩।୯ (ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଉକ୍ତ ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏହି ନିର୍ବାଚନ ମଣ୍ଡଳୀରେ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସଏସଆର) ପାଇଁ କାର୍ଯ୍ୟସୂଚୀ ଜାରି କରାଯାଇଛି। ୨୦୨୫ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ବିବେଚନା କରି ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏହି ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି। ▶ପୃଷ୍ଠା-୭

## ଭୁଶୁଡ଼ିଲା ମାର୍କେଟ୍ କମ୍ପ୍ଲେକ୍ସ; ଜଣେ ମୃତ



■ **କୋରାପୁଟ, ୧୩।୯ (ସମିସ):** ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖ କୋରାପୁଟ ପୌରପରିଷଦର ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଛାତ ଭୁଶୁଡ଼ି ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରୁ ଅନେକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ, ଲୋକନାଥ ପାତ୍ର (୬୨)। ସୂଚନାନୁଯାୟୀ, ଉକ୍ତ କମ୍ପେଲକ୍ସର ହରି ପାତ୍ର ବେକେରୀରେ ମରାମତି କାର୍ଯ୍ୟ ଚାଲୁଥିଲା ବେଳେ ଅଚାନକ ଛାତ ଭୁଶୁଡ଼ି ▶ପୃଷ୍ଠା-୭






**ରାଜଧାନୀରେ ଲଜ୍ଜା**

## ମେଲୋଡି ଗାର୍ଲଙ୍କୁ ଗଣଦୁଷ୍କର୍ମ

**ଥଣ୍ଡା ପାନୀୟରେ ନିଶା ଦେଇଥିଲେ**

**ଗୀତ ଶିଖାଇବା ଆଳରେ ଗେଷ୍ଟହାଉସ୍‌କୁ ଡକାଇଥିଲେ**

**୩ ଅଭିଯୁକ୍ତ ଗିରଫ**

■ **ଭୁବନେଶ୍ୱର, ୧୩।୯(ସମିସ):** ରାଜଧାନୀରେ ପୁଣି ଲଜ୍ଜା। ଗୀତ ଶିଖାଇବା ନାଁରେ ଓୟୋରେ ଯୁବତୀଙ୍କୁ ଗଣଦୁଷ୍କର୍ମ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗତ ବୁଧବାର ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଚାଷୀଖଣ୍ଡା ଗାଁର ଚନ୍ଦନ କୁମାର ହାତୀ (୨୫) ଓରଫ୍ ଚନ୍ଦୁ, ପ୍ରସନ୍ନ କୁମାର ଆଚାର୍ଯ୍ୟ (୩୭) ଓ ଶ୍ରୀମାର୍ଗ ଗେଷ୍ଟହାଉସ୍ କେୟାରଟେକର୍ ରାଜେଶ କୁମାର ଦାସ (୩୨)। ଚନ୍ଦନ ଓ ପ୍ରସନ୍ନ ଦୁଇ ସାଙ୍ଗ।

ପୁଲିସ ସୂଚନା ଅନୁସାରେ, ବଡ଼ ଭଉଣୀ ସହ ଭୁବନେଶ୍ୱରରେ ରହୁଥିବା ଯୁବତୀଜଣଙ୍କ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ କାମ କରନ୍ତି। କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ଜରିଆରେ ସେ ଚନ୍ଦନ ସହ ପରିଚିତ ହୋଇଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି ବୋଲି କହିଥିଲା। ଚନ୍ଦନ କିଛି ଦିନ କଥା ହେବା ପରେ ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଖରୀପୁଟ ଭିଲେଜ୍‌ସ୍ଥିତ ଶ୍ରୀମାର୍ଗ ଗେଷ୍ଟହାଉସ୍ (ଓୟୋ)କୁ ଡକାଇଥିଲା। ଲୋକେସନ୍ ପଠାଇବା ସହ ଯୁବତୀଙ୍କ ରୁମ୍ ପାଖରୁ ଗେଷ୍ଟହାଉସ୍ ଆସିବାକୁ ଏକ କ୍ୟାବ ବୁକ୍ କରିଦେଇଥିଲା। ବୁଧବାର ଦିନ ପ୍ରାୟ ୧୨ଟା ବେଳକୁ ଯୁବତୀଜଣଙ୍କ ଉକ୍ତ ଗେଷ୍ଟହାଉସ୍‌ରେ ପହଞ୍ଚିଥିଲେ। ଗେଷ୍ଟହାଉସ୍‌ଟି ସାଧାରଣ ଘର ଭଳି ହୋଇଥିବାରୁ ଯୁବତୀଜଣଙ୍କ କିଛି ▶ପୃଷ୍ଠା-୭




## ଆତ୍ମସମର୍ପଣ କଲେ ମାଓ ନେତା କିଶେନ୍‌ଜୀଙ୍କ ପତ୍ନୀ

ହାଇଦରାବାଦ୍, ୧୩।୯(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଦିଂବଗତ ମାଓନେତା ତଥା କମାଣ୍ଡର କିଶେନଜୀଙ୍କ ପତ୍ନୀ ପଥୁଲା ପଦ୍ମାବତୀ ଓରଫ୍ କଳ୍ପନା ଶନିବାର ତେଲଙ୍ଗାନା ପୁଲିସ ଡିଜି ଜିତେନ୍ଦରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୧୯୮୨ରୁ ପଦ୍ମାବତୀ ଅଣ୍ଡରଗ୍ରାଉଣ୍ଡ ହୋଇ ରହିଥିଲେ। ୬୨ ବର୍ଷୀୟ ପଦ୍ମାବତୀଙ୍କ ଉପରେ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ମାଓ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ସମ୍ପାଦନ କରୁଥିଲେ। ସେ ସଂଗଠନର ସାଉଥ ସବ୍- ଜୋନାଲ ବ୍ୟୁରୋ ସେକ୍ରେଟାରୀ ଥିଲେ। ସେ ମଧ୍ୟ ଦଣ୍ଡକାରଣ୍ୟ ସ୍ପେଶିଆଲ ଜୋନାଲ କମିଟିରେ ଜନତା ସରକାରର କାର୍ଯ୍ୟବାହୀ ମୁଖ୍ୟ ଥିଲେ। ସେ ମଧ୍ୟ ସିପିଆଇ (ମାଓଷ୍ଟ) କେନ୍ଦ୍ରୀୟ କମିଟିର ସଦସ୍ୟ ଥିଲେ। ତେଲେଙ୍ଗାନାର ଜୋଗୁଲାମ୍ବା ଗଡ଼ୱାଲ ଜିଲ୍ଲାରେ ସେ ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ବରିଷ୍ଠ ମାଓନେତା ମାଲୋଜୁଲା କୋଟେଶ୍ୱର ରାଓ ଓରଫ୍ କିଶେନଜୀଙ୍କୁ ବିବାହ କରିଥିଲେ। ନିଜର ସମ୍ପର୍କୀୟ ଭାଇଙ୍କଠାରୁ ପ୍ରେରଣା ପାଇ ମାଓ ଆନ୍ଦୋଳନରେ ଯୋଗ ଦେଇଥିଲେ। ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା ଓ ଓଡ଼ିଶା ପୁଲିସ ତାଙ୍କୁ ଖୋଜୁଥିଲା।

## ୧୧୪ ରାଫେଲ ପାଇଁ ବାୟୁସେନାର ବରାଦ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଭାରତୀୟ ବାୟୁସେନାକୁ ଏବେ ୧୧୪ଟି ମେଡ୍ ଇନ୍ ଇଣ୍ଡିଆ ତଥା ସ୍ୱଦେଶୀ ଲଢୁଆ ରାଫେଲ ବିମାନ ଆବଶ୍ୟକ। ଏଥିପାଇଁ ବାୟୁସେନା ତରଫରୁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ଏହି ବିମାନଗୁଡ଼ିକୁ ଫ୍ରାନ୍ସର ଡାସଲ୍ଟ ଅଭିଏସନ କମ୍ପାନୀ ଓ ଭାରତୀୟ ଏରୋସ୍ପେଶ କମ୍ପାନୀ ମିଶିକରି ପ୍ରସ୍ତୁତ କରିବେ। ପାକିସ୍ତାନ ବିପକ୍ଷରେ ଅପରେସନ ସିନ୍ଦୂରରେ ରାଫେଲର ଦମ୍‌ଦାର ପ୍ରଦର୍ଶନ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତାବ ଅନୁସାରେ ୧୧୪ଟି ରାଫେଲ ବିମାନ ନିର୍ମାଣ କରିବାକୁ ପାଖାପାଖି ୨ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ। ବାୟୁସେନା ତରଫରୁ ଦିଆଯାଇଥିବା ଏହି ପ୍ରସ୍ତାବ ମନ୍ତ୍ରଣାଳୟ ନିକଟରେ ପହଞ୍ଚିଛି। ଏ ନେଇ ବିଚାର କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଭାରତୀୟ ବାୟୁସେନା ପାଖରେ ଏବେ ୩୬ଟି ରାଫେଲ ବିମାନ ରହିଛି। ଭାରତୀୟ ନୌସେନା ମଧ୍ୟ ୨୬ଟି ରାଫେଲ ମେରିନର ଅର୍ଡର ଦେଇଛି। ୧୧୪ଟି ବିମାନ ମିଳିବା ପରେ ଭାରତ ପାଖରେ ମୋଟ୍ ୧୭୬ଟି ରାଫଲେ ବିମାନ ଉପଲବ୍ଧ ହେବ। ଗତ ଜୁନ୍ ମାସରେ ଭାରତ ୨୬ଟି ରାଫେଲ ମେରିନ୍ ନେଇ ଫ୍ରାନ୍ସ ସହ ୬୩, ୦୦୦ କୋଟି ଟଙ୍କାର ଡିଲ୍ କରିଥିଲା।

## ଏଡିଆର୍ ପ୍ରତିଷ୍ଠାତା ଜଗଦୀପଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର)ର ସହ ପ୍ରତିଷ୍ଠାତା ଜଗଦୀପ ଏସ୍ ଛୋକର ଶୁକ୍ରବାର ଦିଲ୍ଲୀରେ ହୃଦ୍‌ଘାତ୍‌ରେ ୮୦ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବାରେ ଏହି ସଂଗଠନ ଏଡିଆର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ରିସର୍ଚ୍ଚ ପାଇଁ ଲେଡି ହାର୍ଡିଙ୍ଗେ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। ଆଇଆଇଏମ୍ ଅହମଦାବାଦ୍‌ରେ ପ୍ରଫେସର ଭାବେ ଶିକ୍ଷାଦାନ କରିଥିବା ଛୋକର ୧୯୯୯ରେ ଏଡିଆର ସ୍ଥାପନ କରିଥିଲେ। ଏହି ସଂଗଠନ ଜରିଆରେ ନିର୍ବାଚନ ପ୍ରକ୍ରିୟାକୁ ସୁଧାରିବାରେ ସେ ଆଇନଗତ ଲଢ଼େଇ ଲଢିଥିଲେ। ନିର୍ବାଚନରେ ପ୍ରାର୍ଥୀଙ୍କ ପୃଷ୍ଠଭୂମି ଓ ଇଲେକଟୋରାଲ ବଣ୍ଡ ସ୍କିମକୁ ରଦ୍ଦ କରିବାକୁ ସେ ପ୍ରୟାସ କରିଥିଲେ। ୧୯୪୪ ନଭେମ୍ବର ୨୫ରେ ଜନ୍ମଗ୍ରହଣ କରିଥିବା ଛୋକର ଭାରତୀୟ ରେଳବାଇରେ ନିଜର କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜରେ ଏମ୍‌ବିଏ, ଆମେରିକାର ଲୋଇସିଆନା ଷ୍ଟେଟ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବାର ପରେ ଆଇଆଇଏମ୍ ଅହମଦାବାଦ୍‌ରେ ୧୯୮୫ରେ ପ୍ରଫେସର ଭାବେ ଯୋଗ ଦେଇଥିଲେ।


## ୧୨ ମହଲାରୁ ଖସି ମା'-ପୁଅ ମୃତ

ନୋଏଡା, ୧୩।୯(ଏଜେନ୍ସି): ନୋଏଡାର ଗୌତମ ବୁଦ୍ଧ ନଗରରେ ଶନିବାର ସକାଳେ ଏକ ବିଲ୍ଡିଂର ଦ୍ୱାଦଶ ମହଲାରୁ ଖସିପଡ଼ି ଜଣେ ୧୨ ବର୍ଷୀୟ ପୁଅ ଓ ତା'ର ମା ମୃତ୍ୟୁବରଣ କରିଛନ୍ତି। ଦର୍ପନ ଚାୱଲା ନାମକ ଜଣେ ମାନସିକ ଅଗ୍ରସର ବାଳକ ରହୁଥିଲା। ସେ ଦ୍ରୁତଗତି ଦୌଡି ଆସି ବାଲକୋନୀ ଉପରୁ ତଳକୁ ଖସିପଡ଼ିଥିଲା। ତାକୁ ବଞ୍ଚାଇବାକୁ ଯାଇ ତା'ର ମା ୩୮ ବର୍ଷୀୟା ସାକ୍ଷୀ ଚାୱଲା ମଧ୍ୟ ତଳକୁ ଖସିପଡ଼ିଥିଲେ ବୋଲି ବିସରାଖ ଭାରପ୍ରାପ୍ତ ଥାନା ଅଧିକାରୀ ମନୋଜ କୁମାର ସିଂ କହିଛନ୍ତି। ପୁଲିସ ଦୁଇଜଣଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣା ବେଳେ ଦର୍ପନ ଅଲଗା ପ୍ରକୋଷ୍ଠରେ ଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

## ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଡିଡି ଲାପାଙ୍ଗ ଶୁକ୍ରବାର ରାତିରେ ୯୨ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ୧୯୩୪ ଏପ୍ରିଲ ୧୦ରେ ଜନ୍ମିତ ଲାପାଙ୍ଗ ୧୯୯୨ରୁ ୨୦୦୮ ମଧ୍ୟରେ ୪ ଥର ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ରାଜଧାନୀ ଶିଲଂର ଏକ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୭୨ରେ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ସେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମେ ନୋଙ୍ଗପୋ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ ଏକାଧିକବାର ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସେ ୪ ଥର ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ।

## ନେପାଳର ବିତାଡ଼ିତ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏତଲା



କଠମାଣ୍ଡୁ, ୧୩।୯(ଏଜେନ୍ସି): ନେପାଳର ବିତାଡ଼ିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବିରୋଧରେ ଶନିବାର ରାଜଧାନୀ କାଠମାଣ୍ଡୁରେ ଏଫ୍‌ଆଇଆର ବା ଏତଲା ଦିଆଯାଇଛି। ସେପ୍ଟେମ୍ବର ୮ରେ ଯେତେବେଳେ ଆନ୍ଦୋଳନ ଆରମ୍ଭ ହେଲା ସେ ପ୍ରଦର୍ଶନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଆକ୍ରମଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିବାର ଅଭିଯୋଗ ହୋଇଛି। ସେ ୯ ତାରିଖରେ ଚାପର ସମ୍ମୁଖୀନ ହୋଇ ନପାରି ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ସେ ସେନା ସୁରକ୍ଷା ବଳୟ ମଧ୍ୟରେ ଶରଣ ନେଇଛନ୍ତି। ସେପଟେ ନେପାଳର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଲା କାର୍କି ଆହତ ହୋଇଥିବା ଆନ୍ଦୋଳନକାରୀଙ୍କୁ ଭେଟିବା ପାଇଁ କାଠମାଣ୍ଡୁର ହସ୍ପିଟାଲରେ ପହଞ୍ଚିଛନ୍ତି। ସେ ଶୁକ୍ରବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୬ ମାର୍ଚ୍ଚ ୫ ପର୍ଯ୍ୟନ୍ତ ସେ ସଂସଦୀୟ ନିର୍ବାଚନ କରାଇବେ ଦାୟିତ୍ୱ ନେଇଛନ୍ତି। ଇତିମଧ୍ୟରେ ୬ ଦିନର ହିଂସା ପରେ କାଠମାଣ୍ଡୁ କେତକ ଅଞ୍ଚଳରେ କର୍ଫ୍ୟୁକୁ ହଟାଇ ଦିଆଯାଇଛି। କିନ୍ତୁ ୬ଟି ସ୍ଥାନରେ ଏବେବି କର୍ଫ୍ୟୁ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୁଶୀଲାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ରିଟେନରେ ଶିଖ୍ ଯୁବତୀଙ୍କୁ ଗଣଦୁଷ୍କର୍ମ



ଜଳନ୍ଧର, ୧୩।୯(ଏଜେନ୍ସି): ବ୍ରିଟେନର ଓଲ୍ଡବୁରୀ ଟାଉନ୍‌ରେ ଜଣେ ୨୦ ବର୍ଷୀୟା ଭାରତୀୟ ଶିଖ ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦୁଇଜଣ ବ୍ୟକ୍ତି ତାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିବା ସହ ଏକ ପାର୍କରେ ଏହି କାଣ୍ଡ ଘଟାଇଛନ୍ତି। ପୁଣି ସେମାନେ ଯୁବତୀଙ୍କୁ ସ୍ୱଦେଶ ଫେରିଯିବାକୁ ଚେତାବନୀ ଦେଇଛନ୍ତି। ଏଠାରେ ତମେ ରହିବାର କୌଣସି ଆବଶ୍ୟକତା ନାହିଁ ବୋଲି ଦୁହେଁ କହିଥିଲେ। ଗତ ମଙ୍ଗଳବାର ସକାଳ ୮.୩୦ରେ ଓଲ୍ଡବୁରୀର ଟେମ୍ ରୋଡ୍‌ରେ ଏହି ଯୁବତୀ ଜଣକ ଦୁଷ୍କର୍ମର ଶିକାର ହୋଇଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ତେବେ ଏହି ଦୁଇ ଅଭିଯୁକ୍ତ ଇଂରେଜ ନଥିଲେ ବୋଲି ପୁଲିସ ସ୍ପଷ୍ଟ କରିଛି। କିନ୍ତୁ ଏହି ଦୁଇ ଜଣ ଡେଙ୍ଗା ଚଉଡା ବ୍ରିଟେନର ଯୁବକ ଥିଲେ ବୋଲି ଯୁବତୀ ଜଣକ କହିଛନ୍ତି। ୟୁନାଇଟେଡ କିଙ୍ଗଡ଼ମ୍‌ର ଶିଖ ଫେଡେରେସନ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛି। ଫରେନ୍‌ସିକ ଟିମ୍ ଏହାର ଯାଞ୍ଚ କରୁଛି। ଏହି ଘଟଣା ପରେ ସ୍ଥାନୀୟ ସମୁଦାୟ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଛି। ବ୍ରିଟେନର ଶିଖ ସାଂସଦ ପ୍ରୀତ କୌର ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେହିପରି ଲେବର ପାର୍ଟିର ସାଂସଦ ଗୁରିନ୍ଦର ସିଂ ଜୋସାନ ମଧ୍ୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ଘଟଣା ନିହାତି ଭୟାଭୟ ବୋଲି କହିଛନ୍ତି।

# ରୁଷରେ ପୁଣି ୭.୪ ତୀବ୍ରତାର ଭୂକମ୍ପ

**ଜାରି ହେଲା ସୁନାମୀ ସତର୍କତା**

**୩ ମାସରେ ୭ ତୀବ୍ରତାର ଆସିଲା ୩ ଭୂକମ୍ପ**

**ଗତ ୬ ମାସରେ ବିଶ୍ୱରେ ୧ ଲକ୍ଷରୁ ଅଧିକ ଭୂକମ୍ପ**



ମସ୍କୋ, ୧୩।୯(ଏଜେନ୍ସି): ରୁଷିଆର ସୁଦୂର ପୂର୍ବ ଉପକୂଳରେ ଥିବା କାମ୍‌ଚଟକାରେ ଶନିବାର ଏକ ବଡ଼ ଧରଣର ଭୂକମ୍ପ ଆସିଥିଲା। ଏହାର ତୀବ୍ରତା ୭.୪ ଥିଲା। ଭୂକମ୍ପ ପରେ ଏହି ଅଞ୍ଚଳରେ ସୁନାମୀ ସତର୍କତା ଜାରି କରାଯାଇଛି। ଏହି ଭୂକମ୍ପ ଭୂପୃଷ୍ଠର ୩୯.୫ କିମି ଗଭୀରରେ ହୋଇଥିଲା। ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ପ୍ରଥମେ ଭୂକମ୍ପର ତୀବ୍ରତା ୭.୫ ବୋଲି କହିଥିଲା। କିନ୍ତୁ ପରେ ଏହାକୁ ସଂଶୋଧନ କରି ୭.୪ ବୋଲି ସୂଚନା ଦେଇଥିଲା। ଏହି ଭୂକମ୍ପ ଫଳରେ ରୁଷିଆର ପୂର୍ବ ଉପକୂଳରେ ୩୦୦ କିମି ଅଞ୍ଚଳରେ ସମୁଦ୍ରରୁ ବିପଜ୍ଜନକ ଲହରି ତଥା ସୁନାମୀ ଆସିବ ବୋଲି ପ୍ୟାସିଫିକ ସୁନାମୀ ଚେତାବନୀ କେନ୍ଦ୍ର ସତର୍କତା ଜାରି କରିଛି। ଏପର୍ଯ୍ୟନ୍ତ କେହି ମୃତାହତ ହୋଇଥିବାର ଖବର ଆସିନାହିଁ। ଏହାପୂର୍ବରୁ ଜୁଲାଇ ୩୦ରେ ରୁଷିଆରେ ୮.୯ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏହାକୁ ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ବୋଲି କୁହାଯାଇଥିଲା। କାମଚଟକାରେ ଗତ ୩ ମାସ ମଧ୍ୟରେ ୭ରୁ ଅଧିକ ତୀବ୍ରତାରେ ୩ଟି ଭୂକମ୍ପ ଆସିଛି। ଚଳିତ ବର୍ଷ ଏହି ଅଞ୍ଚଳରେ ମୋଟ୍ ୧, ୨୦୦ରୁ ଅଧିକ ଭୂକମ୍ପ ଆସିବା ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଏଥିମଧ୍ୟରୁ ଅଧିକାଂଶ ଛୋଟଛୋଟ ଭୂକମ୍ପ ସାମିଲ ରହିଛି। କିନ୍ତୁ ୪ରୁ ଅଧିକ ତୀବ୍ରତାର ଭୂକମ୍ପର ସଂଖ୍ୟା ୧୫୦ରୁ ଅଧିକ ଥିଲା। କାମଚଟକା ଦକ୍ଷିଣରେ ଜାପାନ, ପୂର୍ବରେ ଆମେରିକା ଓ ଦକ୍ଷିଣ ପଶ୍ଚିମରେ ଚୀନ୍ ରହିଛି। ତେବେ ଜାପାନ ଏହି ଭୂକମ୍ପ ପାଇଁ କୌଣସି ସୁନାମୀ ସତର୍କତା ଜାରି କରିନାହିଁ।

ଗତ ୬ ମାସ ମଧ୍ୟରେ ବିଶ୍ୱରେ ବହୁ ସଂଖ୍ୟାରେ ଭୂକମ୍ପ ଆସିଛି। ମାର୍ଚ୍ଚରୁ ସେପ୍ଟେମ୍ବର ୧୩ ମଧ୍ୟରେ ବିଶ୍ୱରେ ଭୂକମ୍ପର ପ୍ରକ୍ରିୟା ଜାରି ରହିଛି। ଏହି ସମୟ ଅବଧିରେ ପାଖାପାଖି ୧ ଲକ୍ଷ ୧୦ ହଜାର ଭୂକମ୍ପ ଆସିଛି ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଗତ ଅଗଷ୍ଟ ୩୧ରେ ଆଫଗାନିସ୍ତାନର ପୂର୍ବାଞ୍ଚଳରେ ୬.୦ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୮ରେ ମିଆଁମାରରେ ୭.୭ରୁ ୭.୯ ତ୍ରୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୨ ହଜାର ଲୋକ ପ୍ରାଣ ହରାଇଥିଲେ। ଅଗଷ୍ଟ ୩୦ରେ ଆଣ୍ଟାର୍କଟିକା ନିକଟସ୍ଥ ଦକ୍ଷିଣ ଆଣ୍ଟାଲଟିକ ମହାସାଗରରେ ଥିବା ସାଉଥ ସେଟଲାଣ୍ଡ ଦୀପରେ ୭.୫ ତୀବ୍ରତାର ଭୂକମ୍ପ ଆସିଥିଲା।

## ଟ୍ରକ୍ ଚକ ତଳେ ଫସି ୯ ମୃତ, ୨୨ ଆହତ

ବେଙ୍ଗାଲୁରୁ, ୧୩।୯(ଏଜେନ୍ସି): କର୍ଣ୍ଣାଟକର ହାସନ ଜିଲ୍ଲାରେ ଶୁକ୍ରବାର ରାତିରେ ଏକ ଗଣେଶ ବିସର୍ଜନ ଶୋଭାଯାତ୍ରା ଅବସରରେ ବଡ଼ଧରଣ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇ ଏକ ଟ୍ରକ ଏହି ଶୋଭାଯାତ୍ରା ଭିତରକୁ ପଶିଯାଇଥିଲା। ଫଳରେ ଟ୍ରକ୍ ଚକ ତଳେ ଆସି ୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ହୋସାହଲ୍ଲୀ ଗାଁରେ ରାତି ପାଖାପାଖି ୮.୪୫ରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଅଧିକ ଯୁବକ ରହିଛନ୍ତି। ଆହତଙ୍କୁ ହାସନ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରାଯାଇଛି। ଟ୍ରକ୍‌ଟି ଅରକଲାଗୁଡୁ ଆଡୁ ଆସୁଥିଲା। ଲୋକେ ଡିଜେ ବଜାଇ ନୃତ୍ୟ କରୁଥିଲେ। ଶୋଭାଯାତ୍ରାର ନିକଟତର ହେବା ମାତ୍ରେ ଟ୍ରକ୍ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଲୋକ ଚକ ତଳକୁ ଆସିଥିଲେ। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିଜନଙ୍କୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦, ୦୦୦ ଟଙ୍କା ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

# ମଣିପୁରରେ ମୋଦୀ, କ୍ଷତିଗ୍ରସ୍ତଙ୍କୁ ଭେଟିଲେ



**ଶାନ୍ତିର ରାସ୍ତା ଆପଣାଇବାକୁ ଜନତାଙ୍କୁ ନିବେଦନ**

**ହେଲିକପ୍ଟର ବଦଳରେ ଗାଡ଼ିରେ ଗଲେ ଚୁରାଚାନ୍ଦପୁର**

ଇମ୍ଫାଲ, ୧୩।୯ (ଏଜେନ୍ସି): ସଂରକ୍ଷଣକୁ ନେଇ ୨୦୨୩ ମେ' ୩ରୁ ମଣିପୁରରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ହିଂସା ଲାଗି ରହିଛି। ଏହି ହିଂସାରେ ଏ ପର୍ଯ୍ୟନ୍ତ ୨୬୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୭୦ ହଜାରରୁ ଉର୍ଦ୍ଧ୍ୱ ବିସ୍ଥାପିତ ହେଲେଣି। ହିଂସାର ଦୁଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମଣିପୁର ଗସ୍ତ କରିଛନ୍ତି। ସେ ଚୁରାଚାନ୍ଦପୁର ଏବଂ ଇମ୍ଫାଲରେ ପହଞ୍ଚିଛନ୍ତି। ଚୁରାଚାନ୍ଦପୁରରେ ୭,୩୦୦ କୋଟି ଏବଂ ଇମ୍ଫାଲରେ ୧୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିକାଶ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେ ଇମ୍ଫାଲରେ ଜନସାଧାରଣଙ୍କୁ ସମ୍ବୋଧନ କରି ହିଂସାକୁ ଦୁର୍ଭାଗ୍ୟଜନକ କହିଛନ୍ତି। ଇମ୍ଫାଲ ହେଉଛି ସମ୍ଭାବନାର ସହର। ଏକବିଂଶ ଶତାବ୍ଦୀ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ହେବ। ଆମକୁ ରାଜ୍ୟକୁ ଶାନ୍ତି ଏବଂ ବିକାଶର ମାର୍ଗରେ ନେବାକୁ ହେବ। ମୋଦୀ ସବୁ ସଂଗଠନଗୁଡ଼ିକୁ ଶାନ୍ତିର ମାର୍ଗରେ ଯିବା ପାଇଁ ନିବେଦନ କରିଛନ୍ତି। ସମସ୍ତଙ୍କ ସହ ରହିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମୋଦୀ ଇମ୍ଫାଲ ବିମାନବନ୍ଦରରେ ଅବତରଣ କରିଥିଲେ। ସେ ପ୍ରଥମେ ଚୁରାଚାନ୍ଦପୁର ଯିବାର ଥିଲା। ମାତ୍ର ଇମ୍ଫାଲରେ ପ୍ରବଳ ବର୍ଷା ହେଉଥିଲା। ହେଲିକପ୍ଟର ଉଡ଼ାଣ ପାଇଁ ପାଗ ଅନୁକୂଳ ନ ଥିଲା। ତେଣୁ ପ୍ରଧାନମନ୍ତ୍ରୀ ସଡ଼କ ମାର୍ଗରେ ୬୪ କିମି ଯାତ୍ରା କରି ଦେଢ଼ ଘଣ୍ଟାରେ ଚୁରାଚାନ୍ଦପୁରରେ ପହଞ୍ଚି ଥିଲେ। ପ୍ରଥମେ ଚୁରାଚାନ୍ଦପୁରରେ କାର୍ଯ୍ୟକ୍ରମ ସାରି ଇମ୍ଫାଲ ଆସିଥିଲେ। ମୋଦୀ ଚୁରାଚାନ୍ଦପୁରର ରିଲିଫ କ୍ୟାମ୍ପରେ ପୀଡ଼ିତଙ୍କୁ ଭେଟି ଥିଲେ। ସେ କାର୍ଯ୍ୟକ୍ରମ ସ୍ଥଳରେ ହିଂସା ପୀଡ଼ିତଙ୍କ ସହ ଆଲୋଚନା କରିଥିଲେ। ଚୁରାଚାନ୍ଦପୁର କୁକି ଏବଂ ଇମ୍ଫାଲ ମେଇତି ବହୁଳ ପାହାଡି ଅଞ୍ଚଳ। ଗତ ଦୁଇ ବର୍ଷ ହେଲା ଉଭୟ ସମ୍ପ୍ରଦାୟ ପରସ୍ପର ଅଞ୍ଚଳକୁ ଯାଉନାହାନ୍ତି।

ମୋଦୀ କହିଥିଲେ ଯେ ମଣିପୁରରେ ଶାନ୍ତି ଏବଂ ସ୍ଥିରତା ପ୍ରତିଷ୍ଠା ହେଉ। ଲୋକଙ୍କ ସ୍ୱାର୍ଥ ସୁରକ୍ଷା ହେଉ। କ୍ୟାମ୍ପରେ ରହୁଥିବା ଲୋକେ ପୁଣିଥରେ ମୁଖ୍ୟସ୍ରୋତକୁ ଫେରନ୍ତୁ। ଏଥିପାଇଁ ସରକାର କ୍ରମାଗତ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ମାଆ ଭାରତୀଙ୍କ ମୁକୁଟରେ ସଜ୍ଜିତ ରତ୍ନ ହେଉଛି ମଣିପୁର। ମଣିପୁରର ବିକାଶବାଦୀ ଛବିକୁ କ୍ରମାଗତ ଭାବେ ମଜବୁତ କରିବାକୁ ହେବ। ରାଜ୍ୟରେ କୌଣସି ପ୍ରକାରର ହିଂସା ଦୁର୍ଭାଗ୍ୟଜନକ। ଏହି ହିଂସା ପୂର୍ବଜ ଏବଂ ପରବର୍ତ୍ତୀ ପିଢି ପାଇଁ ବହୁତ ବଡ଼ ଅନ୍ୟାୟ। ମଣିପୁରରେ ସାମର୍ଥ୍ୟର ଅଭାବ ନାହିଁ। କିନ୍ତୁ ଆମକୁ ସମ୍ବାଦର ପଥକୁ ମଜବୁତ କରିବାକୁ ହେବ। ପାହାଡି ଏବଂ ଘାଟୀର ଲୋକଙ୍କ ମଧ୍ୟରେ ବିଶ୍ୱାସର ସେତୁକୁ ମଜବୁତ କରିବାକୁ ହେବ। ମଣିପୁର ଯୁବଗୋଷ୍ଠୀଙ୍କ ପରିଚୟକୁ ହିଂସାର କରାଳ ଛାୟାରେ ବୁଡ଼ିବାକୁ ଦିଆଯିବ ନାହିଁ। ମଣିପୁର ଆଶା ଏବଂ ଆକାଂକ୍ଷାର ଭୂମି। ଦୁର୍ଭାଗ୍ୟ ଯେ ହିଂସା ଏହି ସୁନ୍ଦର ଅଞ୍ଚଳକୁ ନିଜ ସଂସ୍ପର୍ଶକୁ ନେଇଯାଇଛି। ଆଶା ଏବଂ ବିଶ୍ୱାସର ନୂଆ ସକାଳ ମଣିପୁରରେ ପ୍ରବେଶ କରୁଛି। କୌଣସି କ୍ଷେତ୍ରର ବିକାଶ ପାଇଁ ଶାନ୍ତି ଜରୁରୀ। ଗତ ୧୧ ବର୍ଷରେ ପୂର୍ବୋତ୍ତରର ଅନେକ ସଂଘର୍ଷ ସମାପ୍ତ ହୋଇଛି। ମଣିପୁରରେ ମଧ୍ୟ ଶାନ୍ତିର ବାର୍ତ୍ତା ଆରମ୍ଭ ହୋଇସାରିଛି। ମୋଦୀ ଏହି ଅବସରରେ ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଲା କାର୍କିଙ୍କୁ ଭାରତବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ସେ ନେପାଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିର ମାର୍ଗ ପ୍ରଶସ୍ତ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ମ୍ୟାନ୍‌ମାର ସ୍କୁଲ ଉପରେ ଆକ୍ରମଣ; ୧୯ ଛାତ୍ର ମୃତ

ନେପିଡ, ୧୩।୯(ଏଜେନ୍ସି): ମ୍ୟାନମାରର ଦୁଇଟି ସ୍କୁଲ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଏଥିରେ ୧୯ ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ପଶ୍ଚିମ ମ୍ୟାନମାରର ରାଖାଇନ ରାଜ୍ୟରେ ଏହି ଆକ୍ରମଣ କରାଯାଇଛି ବୋଲି ଏଥିନିକ ଆରାକାନ ଆର୍ମି ତରଫରୁ କୁହାଯାଇଛି। ଶୁକ୍ରବାର ଅଧରାତିରେ ଛାତ୍ରମାନେ ନିଦରେ ଶୋଇଥିବା ବେଳେ ଏହି ଆକ୍ରମଣ କରାଯାଇଥିଲା। ଏଥିନିକ ଆରାକାନ ଆର୍ମି ଓ ମ୍ୟାନମାର ମିଲିଟାରୀ ଜୁନ୍ତା ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଏହି ଘଟଣା ଘଟିଛି। ମ୍ୟାନମାର ସେନା ହିଁ ଏହି ଆକ୍ରମଣ କରି ୫୦୦ ପାଉଣ୍ଡ ଅର୍ଥାତ ୨୨୬.୭୯ କେଜିର ବୋମା ପକାଇଥିଲା ବୋଲି କୁହାଯାଇଛି। ତେବେ ଏହି ଘଟଣା ନେଇ ମ୍ୟାନମାର ସେନା ତରଫରୁ କିଛି କୁହାଯାଇ ନାହିଁ। ଏହି ଆକ୍ରମଣକୁ ଜାତିସଂଘ ନିନ୍ଦା କରିଛି। ୨୦୨୧ରେ ସରକାରଙ୍କୁ ଗାଦିଚ୍ୟୁତ କରିବା ପରେ ମ୍ୟାନମାନରରେ ଅରାଜକତା ଓ ହିଂସା ଜାରି ରହିଛି। ସେନା ତଥା ମିଲିଟାରୀ ଜୁନ୍ତା ଆଙ୍ଗ ସାନ ସୁ କିଙ୍କ ସରକାରଙ୍କୁ ଗାଦିଚ୍ୟୁତ କରି ଶାସନ ହାତକୁ ନେଇଥିଲା।

## ମିଜୋରାମର ପ୍ରଥମ ରେଳ ଲାଇନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଆଇଜୋଲ, ୧୩।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମିଜୋରାମର ପ୍ରଥମ ରେଳ ଲାଇନ 'ବୈରାବୀ-ସାଇରଙ୍ଗ'କୁ ଉଦ୍‌ଘାଟନ କରିଛନ୍ତି। ୫୧ କିମିର ଏହି ରେଳ ଲାଇନ ମାଧ୍ୟମରେ ମିଜୋରାମରୁ ଦିଲ୍ଲୀ, ଗୌହାଟୀ ଏବଂ କୋଲକାତାକୁ ସିଧାସଳଖ ଟ୍ରେନ ଯୋଗାଯୋଗ ହୋଇଯାଇଛି। ଏହି ରେଳ ମାର୍ଗରେ ୪୫ ସୁଡ଼ଙ୍ଗ, ୮୮ ଛୋଟ ଏବଂ ୫୫ଟି ବଡ଼ ବ୍ରିଜ୍ ରହିଛି। ଏହା ବ୍ୟତୀତ ୧୧୪ ମିଟର ଉଚ୍ଚା ଦେଶର ଦ୍ୱିତୀୟ ବୃହତ୍ତମ ପିୟର ବ୍ରିଜ ରହିଛି। ଏହା କୁତୁବମିନାର (୭୨ମିଟର)ଠୁ ମଧ୍ୟ ବଡ଼। ଏହି ବ୍ରିଜ୍ ଉଦ୍‌ଘାଟନ କରି ମୋଦୀ କହିଥିଲେ ଯେ ଦୀର୍ଘ ଦିନ ହେଲା ଦେଶର କିଛି ରାଜନୈତିକ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ସେମାନେ ମିଜୋରାମକୁ ଅଣଦେଖା କରିଥିଲେ। କିନ୍ତୁ ଆଜି ଏହି ରାଜ୍ୟ ଆଗରେ ରହିଛି। ମୋଦୀ ଏହି ଅବସରରେ ଲେଙ୍ଗପୁଇ ବିମାନବନ୍ଦରରୁ ୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହା ପରେ ସେ ମଣିପୁର ଯାଇଥିଲେ।

## ଗାଜା- ହମାସ୍ ମାମଲାରେ ଫ୍ରାନ୍ସ, ବ୍ରିଟେନକୁ ଇସ୍ରାଏଲର ସମାଲୋଚନା



ତେଲଅଭିଭ୍, ୧୩।୯(ଏଜେନ୍ସି): ଗାଜା- ହମାସ ମାମଲାରେ ଇସ୍ରାଏଲ ଏବେ ଫ୍ରାନ୍ସ ଓ ବ୍ରିଟେନ ଭଳି ୟୁରୋପୀୟ ଦେଶକୁ ସମାଲୋଚନା କରିଛି। ଜାତିସଂଘ ମହାସଭାରେ ଇସ୍ରାଏଲ୍ ରାଷ୍ଟ୍ରଦୂତ ଡ୍ୟାନି ଡାନନ କାତାରରେ ହମାସ ଆତଙ୍କବାଦୀଙ୍କୁ ଟାର୍ଗେଟ କରି କରାଯାଇଥିବା ଆକ୍ରମଣକୁ ଯଥାର୍ଥ ବୋଲି କହିଛନ୍ତି। ଇସ୍ରାଏଲର ଏହି ଆକ୍ରମଣମକୁ ଫ୍ରାନ୍ସ ଓ ବ୍ରିଟେନ ନିନ୍ଦା କରିଥିଲେ। ଡାନନ କିନ୍ତୁ ଏହାକୁ ଠିକ୍ ବୋଲି କହିଛନ୍ତି। ୨୦୧୪ରୁ ୨୦୨୨ ପର୍ଯ୍ୟନ୍ତ ଫ୍ରାନ୍ସ ମାଲି, ଚାଦ, ବୁର୍କିନା ଫାସୋ ଓ ମାରିଟନିଆରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରିଥିଲା। ସେହିପରି ବ୍ରିଟେନ ଇରାକ ଓ ସିରିଆ ଉପରେ ଆଇଏସ୍‌ଆଇଏସ୍ ବିରୋଧରେ ଏୟାର ଷ୍ଟ୍ରାଇକ୍ କରିଥିଲା। ତେଣୁ ଯଦି ସେତେବେଳେ ଏଭଳି ଆକ୍ରମଣ ଯଥାର୍ଥ ଥିଲା ଏବେ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଛନ୍ତି। କାତାର ଉପରେ ଇସ୍ରାଏଲର ଆକ୍ରମଣ ଠିକ୍ ବୋଲି ଡାନନ କହିଛନ୍ତି। ଉଲ୍ଲେଖଥାଉ କି, ଇସ୍ରାଏଲ ସେନା ଗତ ୯ ତାରିଖରେ କାତାର ରାଜଧାନୀ ଦୋହା ଉପରେ ହମାସ ମୁଖ୍ୟ ଖଲିଲ ଅଲ- ହାୟାଙ୍କୁ ଲକ୍ଷ୍ୟ କରି ଏୟାର ଷ୍ଟ୍ରାଇକ୍ କରିଥିଲା। ଏହାପରେ ଫ୍ରାନ୍ସ, ବ୍ରିଟେନ ସମେତ କେତୋଟି ଦେଶ ଇସ୍ରାଏଲକୁ ସମାଲୋଚନା କରିଥିଲେ। ଏହି ଲୋକମାନେ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲରେ ନରସଂହାର କରିଥିଲେ ବୋଲି ଡାନନ କହିଛନ୍ତି।

## ସାହାର ଇଣ୍ଡିଆର ନିବେଶକଙ୍କୁ ଶୀଘ୍ର ମିଳିବ ଟଙ୍କା | ୫ ହଜାର କୋଟି ପ୍ରଦାନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): 'ସାହାର ଇଣ୍ଡିଆ'ରେ ଟଙ୍କା ନିବେଶ କରିଥିବା ଲୋକଙ୍କ ପାଇଁ ଭଲ ଖବର ଆସିଛି। ସାହାରା ଗ୍ରୁପ୍‌ର ସହକାରୀ ସମିତି (କୋଅପରେଟିଭ ସୋସାଇଟି)ରେ ଟଙ୍କା ଜମା କରିଥିବା ଲୋକଙ୍କୁ ଫେରାଇବା ପାଇଁ ଜମା ଅର୍ଥରୁ ୫ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ସେବିକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଶୁକ୍ରବାର ଏହି ନିର୍ଦ୍ଦେଶ ଦେଇଥିଲେ। ସାହାରାର ରିଫଣ୍ଡ ଖାତାରେ ଥିବା ରାଶିରୁ ଜମାକାରୀଙ୍କୁ ପୈଠ କରିବା ପାଇଁ ଟଙ୍କା ପ୍ରଦାନ ଲାଗି ଅନୁରୋଧ କରାଯାଇଥିଲା। ଏହା ବ୍ୟତୀତ ୨୦୨୩ରେ ପ୍ରଦାନ କରାଯାଇଥିବା ୫ ହଜାର କୋଟି ଟଙ୍କାକୁ ଆବଣ୍ଟନ କରିବାର ସମୟସୀମାକୁ ୨୦୨୫ ଡିସେମ୍ବର ୩୧ରୁ ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସୁପ୍ରିମକୋର୍ଟ କହିଥିଲେ ଯେ ୨୦୨୩ ମାର୍ଚ୍ଚ ୨୯ରେ ପାରିତ ନିର୍ଦ୍ଦେଶ ଆଧାରରେ କେନ୍ଦ୍ରର ଏହି ଅନୁରୋଧକୁ ସ୍ୱୀକାର କରାଯାଇଛି। ୫ ହଜାର କୋଟିର ରାଶିକୁ ସେବି-ସାହାରା ରିଫଣ୍ଡ ଖାତାରୁ କୋ-ଅପରେଟିଭ ସୋସାଇଟିର ସେଣ୍ଟ୍ରାଲ ରେଜିଷ୍ଟ୍ରାରଙ୍କ ଖାତାକୁ ସ୍ଥାନାନ୍ତର କରାଯାଉ। ଯାଞ୍ଚ ପ୍ରକୃତ ଜମାକାରୀଙ୍କୁ ଏହି ଟଙ୍କା ଆବଣ୍ଟନ କରାଯିବ। ଖଣ୍ଡପୀଠ କହିଥିଲେ ଯେ ପୂର୍ବତନ ବିଚାରପତି ଆର ସୁଭାଷ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସପ୍ତାହେ ଭିତରେ ଏହି ରାଶି ସ୍ଥାନାନ୍ତର କରାଯାଉ। ୨୦୨୩ ମାର୍ଚ୍ଚେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ ହେଉ। ପିନାକ ପି ମହାନ୍ତିଙ୍କ ଜନସ୍ୱାର୍ଥ ମାମଲାକୁ ନେଇ କେନ୍ଦ୍ର ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଏହି ଆବେଦନରେ ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀ ଏବଂ ସାହାରା କ୍ରେଡିଟ ଫାର୍ମରେ ନିବେଶ କରିଥିବା ନିବେଶକଙ୍କୁ ଟଙ୍କା ଫେରାଇବା ନେଇ ନିବେଦନ କରାଯାଇଥିଲା।

ଏ ପର୍ଯ୍ୟନ୍ତ ପ୍ରାୟ ୫.୪୩ କୋଟି ନିବେଶକ ୧, ୧୩, ୫୦୪.୧୨୪ କୋଟି ଟଙ୍କାର ଦାବି କଲେଣି। ଏଥିରୁ ୨୬, ୨୫, ୦୯୦ ପ୍ରକୃତ ଜମାକାରୀଙ୍କୁ ୫, ୦୫୩.୦୧ ଟଙ୍କା ଫେରାଗଲାଣି। ଏହା ବ୍ୟତୀତ ୧୩, ୩୪, ୯୯୪ ନିବେଶକ ନିର୍ଦ୍ଧାରିତ ୱେବ ପୋର୍ଟାଲରେ ନିଜ ଦାବି ପଞ୍ଜିକରଣ କରିଛନ୍ତି। ଏହାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ସବୁ ଦାବିରେ ପ୍ରାୟ ୨୭,୮୪୯.୯୫ କୋଟି ଟଙ୍କା ଦାବି କରାଯାଇଛି।

■ ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ

# ମହିଳାଙ୍କ ସମେତ ୩ ଜଣଙ୍କୁ ଖୁଣ୍ଟରେ ବାନ୍ଧି ଛେଚିଲେ

କରଞ୍ଜିଆ, ୧୩।୯ (ସମିସ): ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ। ଦୁଇ ଯୁବକ ଓ ଜଣେ ମହିଳାଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ଛେଚିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ବେଗୁନିଆ



ଗାଁରେ ଏଭଳି ଏକ ଘଟଣା ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାନୁସାରେ, ଶୁକ୍ରବାର ମହିଳାଜଣଙ୍କ ହାଟକୁ ସଉଦା ପାଇଁ ଯଶିପୁର ଯାଇଥିଲେ। କିଣାକିଣିରେ ସାହାଯ୍ୟ କରିବା ପାଇଁ ନିକଟସ୍ଥ କାଶୀପାଳ ଗାଁର ତାଙ୍କ ସମ୍ପର୍କୀୟ ଦୁଇ ଦିଅରଙ୍କୁ ସାଙ୍ଗରେ ନେଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ସମସ୍ତେ ଏକ ବାଇକ୍‌ରେ ଘରକୁ ଫେରିଥିଲେ। ତେବେ ମହିଳାଙ୍କ ପରିବାରଲୋକ ତାଙ୍କୁ ଦୁଇ ଯୁବକଙ୍କ ସହ ଦେଖି ହଠାତ୍ ଉତ୍ତ୍ୟକ୍ତ ହୋଇଉଠିଥିଲେ। ଯୁବକଦ୍ୱୟଙ୍କ ସହ ମହିଳାଙ୍କ

**୨ ଅଟକ**

ଅନୈତିକ ସଂପର୍କ ଥିବା ନେଇ ପରିବାରଲୋକ ଅଭିଯୋଗ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକ ରୁଣ୍ଡ ହୋଇ ୩ ଜଣଙ୍କୁ ମାରଧର କରିଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଏକ ପଡ଼ିଆରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ। ଖବର ପାଇ ଯଶିପୁର ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯଶିପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ବିନା ଟେଣ୍ଡର୍‌ରେ ମଧ୍ୟାହ୍ନଭୋଜନ ଚାଉଳ ପରିବହନ

ଠିକ୍ ସମୟରେ ସ୍କୁଲରେ ପହଞ୍ଚୁନି ଚାଉଳ

# ମଧ୍ୟାହ୍ନଭୋଜନରେ ଛୁଆ ଖାଉଛନ୍ତି ମୁଢ଼ି, ବିସ୍କୁଟ

ବାରିପଦା,୧୩।୯(ସମିସ): ସ୍କୁଲ ଛାତ୍ରଛାତ୍ରୀଙ୍କୁ ନିୟମିତ ସ୍କୁଲ ଆସିବାକୁ ଆକୃଷ୍ଟ କରିବା ସହ ଉତ୍ତମ ପୋଷଣ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ଦେଶରେ ପ୍ରଧାନମନ୍ତ୍ରୀ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ



ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। ଜିଲ୍ଲାରେ ଏହି ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ବର୍ଷକୁ ୮୩ ହଜାର କୁଇଣ୍ଟାଲ ଚାଉଳ ମଧ୍ୟାହ୍ନ ଭୋଜନ ବାବଦରେ ସରକାର ପ୍ରଦାନ କରୁଛନ୍ତି। କିନ୍ତୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ହେଉନାହିଁ। ବିଭିନ୍ନ ସମୟରେ ଜିଲ୍ଲାର ଅଧିକାଂଶ ସ୍କୁଲରେ ଚାଉଳ ଯୋଗାଣ ହେଉ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମୁଢ଼ି ବା ବିସ୍କୁଟ ପ୍ୟାକେଟ୍ କିଣି ପିଲାଙ୍କୁ ପ୍ରଦାନ କରୁଛନ୍ତି।

ମଧ୍ୟାହ୍ନଭୋଜନ ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି। ସ୍କୁଲଗୁଡ଼ିକୁ ଚାଉଳ ଯୋଗାଣ ତଥା ପରିବହନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିବର୍ଷ ଖୋଲା ଟେଣ୍ଡର ଆହ୍ୱାନ କରି ଯୋଗ୍ୟ ସଂସ୍ଥା ବା ବ୍ୟକ୍ତିଙ୍କୁ ଏଫସିଆଇ ବା ପିଇଜି ଗୋଦାମରୁ ମଧ୍ୟାହ୍ନ ଭୋଜନ ଚାଉଳ ନେଇ ସ୍କୁଲରେ ଯୋଗାଇବା ନିମନ୍ତେ ସରକାରୀ ଗାଇଡଲାଇନ୍ ରହିଛି। ରାଜ୍ୟ ସରକାର ଏହି ଚାଉଳ ପରିବହନ ପାଇଁ ଟେଣ୍ଡର୍‌ରେ କୁଇଣ୍ଟାଲ ପିଛା ସର୍ବାଧିକ ପରିବହନ ମୂଲ୍ୟ ୧୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ମାତ୍ର ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘ ବର୍ଷ ହେଲା ନିୟମିତ ଟେଣ୍ଡର୍ କରା ନ ଯାଇ ନିର୍ଦ୍ଦିଷ୍ଟ ଏକ ଏଜେନ୍ସି ବା ବ୍ୟକ୍ତିଙ୍କ ପରିଚାଳିତ ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଠିକା ସର୍ବାଧିକ ମୂଲ୍ୟରେ ପ୍ରଦାନ କରାଯାଉଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଙ୍ଗନବାଡ଼ି ସମୂହକୁ ଚାଉଳ, ଗହମ ଯୋଗାଉଥିବା ଏଜେନ୍ସି ଜରିଆରେ ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଉଦ୍‌ବେଗର କଥା ହେଲା, ସମ୍ପୃକ୍ତ ଏଜେନ୍ସି ମଧ୍ୟାହ୍ନଭୋଜନ ଚାଉଳ ପରିବହନ ଟେଣ୍ଡର୍ ପ୍ରକ୍ରିୟାରେ ଭାଗ ନେଇ ଅଯୋଗ୍ୟ ସାବ୍ୟସ୍ତ ହୋଇଥିଲା।

■ ସାନି ଟେଣ୍ଡର୍ ନ କରି ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଅନୁଗ୍ରହ
■ ସୋମବାର କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ଅନ୍ୟ ଟେଣ୍ଡର୍ ଆଶାୟୀ

ଏ ବାବଦରେ ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀ ଗତ ଜୁନ୍ ୧୮ରେ ଚାଉଳ ପରିବହନ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। କିନ୍ତୁ ସେଥିରେ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ସୁହାଇବା ଭଳି ସର୍ତ୍ତ ରଖାଯାଇଥିଲା। ଏନେଇ କମିଟିର ଚେୟାରମ୍ୟାନ୍ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଟେଣ୍ଡର୍‌ରେ ସର୍ତ୍ତ ପରିବର୍ତ୍ତନ କରାଯାଇଥିଲା। ଟେଣ୍ଡର୍ ଖୋଲିବା ସମୟସୀମା ବୃଦ୍ଧି କରାଯିବା ସହ କିଛି ସର୍ତ୍ତରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ପୁଣିଥରେ ସେଥିରେ ତ୍ରୁଟିପୂର୍ଣ୍ଣ ସର୍ତ୍ତାବଳୀ ଥିବାରୁ ଜୁଲାଇ ୩୦ରେ ଟେଣ୍ଡର୍ ଖୋଲାଯିବା ପରେ ମଧ୍ୟ କେହି ଚୟନ ହୋଇନଥିଲେ। ଏହି ଘଟଣା ଏକ ମାସରୁ ଅଧିକ ସମୟ ବିତିଯାଇଥିଲେ ହେଁ ଆଜିଯାଏ ସାନି ଟେଣ୍ଡର୍ ଆହ୍ୱାନ କରାଯାଇନାହିଁ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ପୁଣି ପ୍ରଶାସନ ତାକୁ ଦାୟିତ୍ୱ ପ୍ରଦାନ କରିବା ପଛରେ ଥିବି ଅଭିସନ୍ଧି ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି। ଧାର୍ଯ୍ୟ ସମୟ ମଧ୍ୟରେ ଟେଣ୍ଡର୍ ପ୍ରକ୍ରିୟା ସମ୍ପନ୍ନ ନ କରି ବାରମ୍ବାର ସମୟସୀମ ବୃଦ୍ଧି କରି ଅସ୍ଥାୟୀ ପରିବହନ ଦାୟିତ୍ୱ ଦେବା ପଛରେ ମୂଳ ଯୋଗାଣକାରୀ ସଂସ୍ଥା କାର୍ଯ୍ୟ ତୁଲାଉଥିବା ଅଭିଯୋଗ ହୋଇଛି।

ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏକକ ଅଂଶଗ୍ରହଣକାରୀ କାରଣରୁ ଟେଣ୍ଡର୍ ବାତିଲ ହୋଇଯାଇଥିଲା। ଖୁବ୍‌ଶୀଘ୍ର ସାନି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ତେବେ ଟେଣ୍ଡର ସମୟରେ ଅନ୍ୟ ଜିଲ୍ଲାରେ ପ୍ରଣିତ ନିୟମାବଳୀ ପରି ମୟୂରଭଞ୍ଜ ଜିଲ୍ଲାରେ ନିୟମ କରାଯିବାକୁ ଆଶାୟୀମାନେ ସୋମବାର ମୟୂରଭଞ୍ଜ ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିବେଦନ କରିବେ ବୋଲି ସୂଚନା ମିଳିଛି।

କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍

# ଶାଳିନୀ ପଣ୍ଡିତ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ନିଯୁକ୍ତ

ଭୁବନେଶ୍ୱର, ୧୩।୯ (ସମିସ): କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍। ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟିର ଅନୁମୋଦନ ପରେ ଶନିବାର ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସୂଚନାନୁସାରେ, ଶ୍ରୀମତୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ୫ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଯୁକ୍ତି ମିଳିଛି। ଶ୍ରୀମତୀ ପଣ୍ଡିତ ଏବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଦୁର୍ବୃତ୍ତଙ୍କ ଆତଙ୍କରାଜ

# ଦାଦା-ପୁତୁରାଙ୍କୁ ଛୁରାମାଡ଼

ପୁରୀ,୧୩।୯(ସମିସ): ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଚାଲିଛି 'ଅପରେଶନ ଚକ୍ର'। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ବୁଲାଉଛି ପୁଲିସ। ସପ୍ତାହକ ମଧ୍ୟରେ ବିଭିନ୍ନ ମାମଲାରେ ଅନେକ ଅଭିଯୁକ୍ତ ମଧ୍ୟ ବନ୍ଧା ହେଲେଣି। ଏହାସତ୍ତ୍ୱେ କିଛି ଅପରାଧୀ ଏବେ ବି ପୋଲିସର କାର୍ଯ୍ୟାନୁଷ୍ଠାନକୁ ଭୟ କରୁନାହାନ୍ତି। 'ଅପରେଶନ ଚକ୍ର'କୁ ଖୋଲା ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟିଛି ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ। ଜଣେ ଦୁର୍ବୃତ୍ତ ଆତଙ୍କରାଜ ସୃଷ୍ଟି କରିବା ସହ ଦାଦା ପୁତୁରାଙ୍କୁ ଛୁରାମାଡ କରିଛି। ଆକ୍ରମଣର ଶିକାର ହୋଇଥିବା ଦାଦା ଓ ପୁତୁରା ହେଉଛନ୍ତି ମାର୍କଣ୍ଡେଶ୍ୱର ସାହିର ଗୌରାଙ୍ଗ ସାହୁ ଓ ସନ୍ତୋଷ କୁମାର ସାହୁ। ଉଭୟଙ୍କ ଦେହରେ ଆଘାତ ଲାଗିଥିବା ବେଳେ ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖବର ପାଇ ଘଟଣା ସ୍ଥଳରେ ସିଂହଦ୍ୱାର ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ବିଶେଷକରି ବ୍ୟବସାୟକୁ ନେଇ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ତେବେ ଆହତ ଦାଦା ପୁତୁରାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢାଉ ଜାରି ରଖିଛି।

# ଟ୍ରେନ୍ ଆଗକୁ ଡେଇଁପଡ଼ିଲେ ଯୁବକ

ବାଲେଶ୍ୱର, ୧୩।୯(ସମିସ): ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଜଣଙ୍କ ହେଲେ, ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ରମାକାନ୍ତ ମଲ୍ଲିକଙ୍କ ପୁଅ ଧର୍ମରାଜ ମଲ୍ଲିକ (୨୫)। ବାଲେଶ୍ୱର ରେଳଷ୍ଟେସନ ନିକଟ ଆନନ୍ଦବଜାର ରେଲୱେ ଟ୍ରାକ୍‌ରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଡିବ୍ରୁଗଡ଼ ବିବେକ ସୁପରଫାଷ୍ଟ ଟ୍ରେନ୍ ଷ୍ଟେସନକୁ ପ୍ରବେଶ କରୁଥିବା ସମୟରେ ଧର୍ମରାଜ ହଠାତ ଟ୍ରେନ ସମ୍ମୁଖ ଦୌଡ଼ି ଯାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନି। ରେଲୱେ ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# କ୍ୟାମ୍ପରୁ ଦେଶୀ ବନ୍ଧୁକ ସହ ଗୁଳି ଜବତ, ୨ ଗିରଫ

ଅନୁଗୋଳ,୧୩।୯(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ଧଣ୍ଡାତୋପା ବନାଞ୍ଚଳ ଧଣ୍ଡାତୋପା ଓଭରବ୍ରିଜ୍ ନିକଟ ଏକ କ୍ୟାମ୍ପରୁ ଶୁକ୍ରବାର ଦେଶୀ ବନ୍ଧୁକ ସହ କିଛି ଅଫୁଟା ଗୁଳି ଜବତ ହୋଇଛି। ଧଣ୍ଡାତୋପା ବନ ବିଭାଗ ଓ ଠାକୁରଗଡ଼ ଥାନା ପୁଲିସ ମିଳିତ ଚଢ଼ଉ କରି ବନ୍ଧୁକ ଓ ଗୁଳି ଜବତ କରିଛନ୍ତି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମର ସୁଶାନ୍ତ ପ୍ରଧାନ ଓ କଦଳୀମୁଣ୍ଡା ଗ୍ରାମର




ଧୋବେଇ ପ୍ରଧାନ। ଏନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ, ସୁଶାନ୍ତ ଓ ଧୋବେଇ ଧଣ୍ଡାତୋପା ନିକଟରେ ଏକ କ୍ୟାମ୍ପ କରି କିଛି ଦିନ ହେବ ରହି ଆସୁଥିଲେ। ଦେଶୀ ବନ୍ଧୁକ ସାହାଯ୍ୟରେ ସେମାନେ ନିକଟସ୍ଥ ଜଙ୍ଗଲରୁ ଜନ୍ତୁ ଶିକାର କରୁଥିଲେ। ଏନେଇ ସୂଚନା ମିଳିବା ଚଢ଼ଉ କରାଯାଇଥିଲା। ସେଠାରୁ ବନ୍ଧୁକ ଓ ଗୁଳି ସହ ବାରୁଦ, ଛୁରୀ, ୨ଟି ମୋବାଇଲ, ଟାଙ୍ଗିଆ, ତାର ଆଦି ଜବତ କରାଯାଇଛି।

# ବାର୍‌ହା ଆକ୍ରମଣରେ ମହିଳା ଚାଷୀ ମୃତ

ପୋଲସରା,୧୩।୯(ସମିସ): ପୋଲସରା ବ୍ଲକ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଡୁଙ୍ଗୁରି ଗ୍ରାମରେ ବାର୍‌ହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସେହି ଗ୍ରାମର ପଦ୍ମାବତୀ ପୋଲାଇ। ଶୁକ୍ରବାର ସନ୍ଧ୍ୟାରେ ପଦ୍ମାବତୀ ନିଜ ଚାଷ ଜମିକୁ ଯାଇଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଉ ଘରକୁ ଫେରି ନଥିଲେ। ପରିବାରଲୋକେ ଖୋଜିବାକୁ ଯାଇ ଚାଷ ଜମିରେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ପଦ୍ମାବତୀଙ୍କୁ ମୃତ ଘୋଷଣା କରିଥିଲେ। ପଦ୍ମାବତୀ ଚାଷ କାମ ସାରି ଫେରିବା ବେଳେ ବାର୍‌ହା ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ପ୍ରତିବର୍ଷ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ବାର୍‌ହା ଉପଦ୍ରବ ଯୋଗୁ ବ୍ୟାପକ ଫସଲ ହାନୀ ହେଉଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ ବୋଲି ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା କହିଛନ୍ତି।

# ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକନାଗରି, ୧୩।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ନେସନାଲ ପାର୍କ ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳି ବିନିମୟରେ ଦୁଇ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟାରେ ଏହି ଗୁଳି ବିନିମୟ ହୋଇଥିଲା। ମାଓ ଦମନ ପାଇଁ ଡିଆରଜି, ଏସଟିଏଫ ଓ ସିଆରପିଏଫର ଯବାନମାନେ ତଲାସି ଅଭିଯାନ କରୁଥିବା ବେଳେ ଏହି ଗୁଳି ବିନିମୟ ଘଟିଥିଲା। ମାଓବାଦୀମାନେ ଯବାନଙ୍କ ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ରାତି ତମାମ ସେଠାରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିବା ବେଳେ ଘଟଣା ସ୍ଥଳରୁ ୨ ମାଓବାଦୀଙ୍କ ମର ଶରୀର ସହ ୨ଟି ବନ୍ଧୁକ ଓ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲେ ଯବାନ। ମୃତ ଦୁଇ ମାଓବାଦୀଙ୍କ ନାଁରେ ୮ ଲକ୍ଷ ଟଙ୍କା ଲେଖାଏଁ ମୋଟ ୧୬ ଲକ୍ଷ ଟଙ୍କା ପୁରସ୍କାର ରହିଥିଲା। ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି କହିଛନ୍ତି ବିଜାପୁର ଏସପି ଜିତେନ୍ଦ୍ର ଯାଦବ।

# ମହିଳା ମାଓନେତ୍ରୀ ସୁଜାତାଙ୍କ ଆତ୍ମସମର୍ପଣ

ମାଲକନାଗରି,୧୩।୯(ସମିସ): ମାଓ ସଂଗଠନକୁ ପୁଣି ବଡ଼ ଝଟ୍‌କା ଲାଗିଛି। କୁଖ୍ୟାତ ମାଓନେତ୍ରୀ ସୁଜାତା ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ। ତାଙ୍କ ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା।



ସୂଚନାନୁଯାୟୀ, ସୁଜାତା ଦୀର୍ଘ ବର୍ଷ ଧରି ମାଓ ସଙ୍ଗଠନରେ ରହି ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ। ଗତ କିଛି ବର୍ଷ ଧରି ସଂଗଠନର ବିଭିନ୍ନ ଦାୟିତ୍ୱରେ ରହି କେନ୍ଦ୍ରୀୟ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ବିଭିନ୍ନ ହିଂସାକାଣ୍ଡ ଘଟାଇବା ପାଇଁ ସଠିକ ରଣନୀତି ପ୍ରସ୍ତୁତ କରିବା ସହ ମାଷ୍ଟରମାଇଣ୍ଡ ଭାବେ କାର୍ଯ୍ୟ କରୁଥିଲେ। ତେଲେଙ୍ଗାନା, ଆନ୍ଧ୍ର, ଓଡ଼ିଶା ସହ ଛତିଶଗଡ଼ର ଅନେକ ହିଂସାକାଣ୍ଡର ମଧ୍ୟ ସେ ନେତୃତ୍ୱ ନେଇଥିଲେ। ସୁଜାତା ନକ୍ସଲ ସଂଗଠନର ଦକ୍ଷିଣ ଉପ-ଜୋନାଲ କମିଟିର ବ୍ୟୁରୋ ଇନ୍‌ଚାର୍ଜ ମଧ୍ୟ ରହିଥିଲେ। ବିଶେଷକରି, ସେ ଛତିଶଗଡ଼ ବସ୍ତର୍ ଅଞ୍ଚଳରେ ସକ୍ରିୟ ରହିବା ସହ ମାଓ ସଙ୍ଗଠନକୁ ଏହି ଅଞ୍ଚଳରେ ସକ୍ରିୟ ରଖିବାରେ ତାଙ୍କର ବଡ଼ ଭୂମିକା ଥିଲା।

**ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର**

ସୁଜାତାଙ୍କ ସ୍ୱାମୀ ତଥା ନକ୍ସଲ କମାଣ୍ଡର କିଶାନଜୀ ମଧ୍ୟ ଟପ୍ ମାଓନେତା ଭାବେ ସଂଗଠନ ପାଇଁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ବେଳେ ପଶ୍ଚିମବଙ୍ଗରେ ଯବାନଙ୍କ ଗୁଳିରେ ନିହତ ହୋଇଥିଲେ। ତେଲେଙ୍ଗାନା ଡିଜିପିଙ୍କ ନିକଟରେ ସେ ଆତ୍ମସମର୍ପଣ କରିଥିବା ବେଳେ ଏହା ମାଓ ସଙ୍ଗଠନ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି।

# ବାଣ ତିଆରି କାରଖାନାରେ ଚଢ଼ଉ

ବିପୁଳ ପରିମାଣର ବାଣ, ବାରୁଦ ଜବତ; ୨ ଗିରଫ



ବୈଶିଙ୍ଗା, ୧୩।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ବାଣ ତିଆରି କାରଖାନାରେ ଆଜି ପୁଲିସ ଚଢ଼ଉ କରି ବିପୁଳ ବାଣ ଓ ବାରୁଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଛୁରୀପଡ଼ା ଗ୍ରାମର ଶ୍ରୀନିବାସ ସାହୁ ଓ ସନ୍ତୋଷ କୁମାର ସାହୁ। ଚଢ଼ଉ ସମୟରେ ୪୨ବସ୍ତା ଅଫୁଟା ବାଣ, ୫୦ କେଜି ବାରୁଦ ପାଉଡର୍ ଏବଂ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଆଗକୁ ଦୁର୍ଗାପୂଜା ଓ ଦୀପାବଳି ଥିବାରୁ ବାଛୁରିପଡ଼ା ଅଞ୍ଚଳରେ ବେଆଇନ ବାଣ ତିଆରି ଚାଲିଥିବା ଏବଂ ବିଭିନ୍ନ ଫାର୍ମ ହାଉସ୍‌ରେ ବେଆଇନ ବାଣ ଗଚ୍ଛିତ ରଖି ବାହାରକୁ ପଠାଯାଉଥିବା ନେଇ ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ବେତନଟୀ ଏସଡିପିଓ ମିନତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଏକ ସ୍ୱତନ୍ତ୍ର ଟିମ୍ ଓ ଏକ ପ୍ଲାଟୁନ୍ ପୁଲିସ ସହ ଆଜି ଅପରାହ୍ଣରେ ସେଠାରେ ଚଢ଼ଉ କରିଥିଲେ।

# ହଷ୍ଟେଲ ଛାତରୁ ଆଇଟିଆଇ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବସ୍ତାବ୍ଲକ୍, ୧୩।୯(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସୁନ୍ଦରହୋତା ଗ୍ରାମ ନିକଟ ୬୦ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ଅବସ୍ଥିତ ପପୁଲାର୍ ନାମକ ଏକ ଘରୋଇ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ)ରେ ପଢୁଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଅଞ୍ଚଳର ଶୁକୁରମଣି ମାଝି(୧୬)। ହଷ୍ଟେଲ ଛାତ ଉପରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତେବେ ଏହାକୁ ଶୁକୁରମଣିଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଥିବା ଛାତ୍ରୀଙ୍କ ବାପା-ମା' ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକେ**

ଶୁକୁରୁମଣି ଉକ୍ତ ତାଲିମ କେନ୍ଦ୍ରରେ ଇଲେକ୍ଟ୍ରିସିଆନ୍ ବିଭାଗର ପ୍ରଥମବର୍ଷ ଛାତ୍ରୀ। ଶୁକ୍ରବାର ରାତିରେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ ଶବ ଛାତ ଉପରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ କର୍ତ୍ତୃପକ୍ଷଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରିଛନ୍ତି ଛାତ୍ରୀଙ୍କ ପରିବାରଲୋକେ।


ମହଙ୍ଗା ପଡ଼ିଲା ବଟି ଆଦାୟ

# ନିଲମ୍ବିତ ହେଲେ ଆଇଆଇସି ମଧୁସ୍ମିତା

ଯାଜପୁର/ବଡ଼ଚଣା,୧୩।୯(ସମିସ): ବଡ଼ଚଣା ଥାନାର ପୂର୍ବତନ ଅଧିକାରୀ ମଧୁସ୍ମିତା ବେହେରାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗର ପ୍ରମାଣ ମିଳିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ନିଲମ୍ବିତ କରିଛନ୍ତି। ଏହା ପୂର୍ବରୁ ତାଙ୍କୁ ଗତ ୭ ତାରିଖରେ ବଡ଼ଚଣା ଥାନାରୁ ଯାଜପୁର ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ମଧୁସ୍ମିତାଙ୍କୁ ବଦଳିକୁ ନେଇ ନାନା ଗୁଜବ କରାଯାଉଥିଲେ ମଧ୍ୟ ତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଆଜି ସ୍ପଷ୍ଟ ହୋଇଛି।

ସୂଚନା ମୁତାବକ, ମଧୁସ୍ମିତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଥିଲା। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ଜଣେ ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ବେଆଇନ ଭାବେ ଉଠାଇ ଆଣି ସେ ବଡ଼ଚଣା ଥାନାରେ ୩ଦିନ ଅଟକ ରଖିଥିଲେ। ତାଙ୍କୁ ମୁକୁଳାଇବା ପାଇଁ ମାହାଙ୍ଗା/ନିଶ୍ଚିନ୍ତକୋଇଲି ଅଞ୍ଚଳର ଦୁଇଜଣ ସାମ୍ବାଦିକଙ୍କ ଜରିଆରେ ଅଢ଼େଇ ଲକ୍ଷ ଟଙ୍କା ବଟି ଆଦାୟ କରିଥିଲେ। ସେଥିମଧ୍ୟରୁ ୯୦ ହଜାର ଟଙ୍କା ଫୋନ୍-ପେ'ରେ ଆଦାୟ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପ୍ରଫୁଲ୍ଲଙ୍କ ପରିବାର ବିଭିନ୍ନ ଫୋରମ୍‌ରେ ଅଭିଯୋଗ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ।

ଏହି ଘଟଣା ଗତ ଜୁନ ମାସରେ ହୋଇଥିଲେ ମଧ୍ୟ ଏହାକୁ ପୁଲିସ ବେଶ୍ ହାଲୁକା ଭାବେ ଗ୍ରହଣ କରିଥିଲା। କିନ୍ତୁ ଏ ସଂକ୍ରାନ୍ତରେ ଗତ ଅଗଷ୍ଟ ୨୩ ତାରିଖରେ ପ୍ରଥମେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା ଏବଂ ଏହା ପରେ ୨୯ ତାରିଖରେ ମଧ୍ୟ "ବଟି ନେଇଥିବା ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?' ବୋଲି ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିଭାଗୀୟ ତଦନ୍ତରେ ତତ୍‌ପରତା ପ୍ରକାଶ ପାଇଥିଲା। ମଧୁସ୍ମିତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ସଂପୂର୍ଣ୍ଣ ସତ୍ୟ ଜଣାପଡ଼ିବା ପରେ ପ୍ରଥମେ ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ଉକ୍ତ ବଦଳି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ବଡ଼ଚଣା ଥାନା ଓ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ଓ ନାରାବାଜି କରାଯାଇ ପୁଲିସ ଉପରେ ଚାପ ପ୍ରୟୋଗ କରାଯାଇଥିଲା।



ସୂଚନାନୁସାରେ, ବଟି ଆଦାୟ ଘଟଣା ପରେ ବିବାଦୀୟ ହୋଇଯାଇଥିବା ମଧୁସ୍ମିତା ଅଚାନକ ବଡ଼ଚଣା ଅଞ୍ଚଳରେ ଏକ ଗୋରୁଗାଡ଼ିକୁ ଜବତ କରି ନିଜ ପାଇଁ ସମର୍ଥକ ଯୋଗାଡ଼ କରିଥିଲେ। ନିଜର କିଛି ସମର୍ଥକଙ୍କ ଜରିଆରେ ନିଜକୁ 'ଗୋ-ପୁତ୍ରୀ' ବୋଲି ପ୍ରଚାର କରିଥିଲେ। ତେଣୁ ମଧୁସ୍ମିତାଙ୍କୁ ଜଣେ

■ ବଡ଼ଚଣା ଥାନାରୁ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିଲେ
■ ଗୋପୁତ୍ରୀ ଆଢୁଆଳରେ କରୁଥିଲେ ବଟି ଆଦାୟ

ଗୋ-ରକ୍ଷକ ଭାବେ ଚିତ୍ରଣ କରିବା ସହ ତାଙ୍କ ବଦଳି ପଛରେ ଗୋ-ମାଫିଆଙ୍କ ହାତଥିବା ବାହାନା କରି ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ସହିତ କିଛି ସାମ୍ବାଦିକ ଓ ସ୍ଥାନୀୟ ଲୋକ ଥାନା ଓ ଏସ୍‌ପିଙ୍କ କାର୍ଯ୍ୟାଳୟରେ ମଧ୍ୟ ହୋହାଲ୍ଲା କରିଥିଲେ। କିନ୍ତୁ ମଧୁସ୍ମିତାଙ୍କ ବିରୋଧରେ କୌଣସି ଲିଖିତ ଅଭିଯୋଗ ନ ଥାଇ ନିଜ ଥାନା ଅଞ୍ଚଳ ଛାଡ଼ି ଜିଲ୍ଲା ବାହାରକୁ ଯାଇ ଅନ୍ୟ ଥାନା ଅଞ୍ଚଳରୁ ସେ ଅଞ୍ଚଳର ଥାନାକୁ କୌଣସି ସୂଚନା ନ ଦେଇ ଜଣଙ୍କୁ ଉଠାଇ ଆଣି ୩ ଦିନ ଗୁପ୍ତରେ ଅଟକ ରଖିବା ଭଳି ସଙ୍ଗୀନ ଅଭିଯୋଗ ହୋଇଥିଲା।

ଏଭଳି ଗୁରୁତର ଅଭିଯୋଗରୁ ନଜର ହଟାଇବା ପାଇଁ ଗୋ-ରକ୍ଷକ ଭାବେ ନିଜକୁ ଉପସ୍ଥାପନ କରି ଘଟଣାର ଦିଗ ବଦଳାଇବାକୁ ଚେଷ୍ଟା କରୁଥିଲେ କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ। ସେପଟେ ଜଣେ ଥାନା ଅଧିକାରୀଙ୍କ ବିରୋଧରେ ଏଭଳି ସଙ୍ଗୀନ ଅଭିଯୋଗ ଆସିବା ନେଇ ଏଥିରେ ଗୃହ ବିଭାଗ ହସ୍ତକ୍ଷେପ କରି ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସ୍‌ପି ପ୍ରଥମେ ଗତ ୭ ତାରିଖରେ ମଧୁସ୍ମିତାଙ୍କୁ ପୁଲିସ ମୁଖ୍ୟାଳୟକୁ ବଦଳି କରିବା ପରେ ତାଙ୍କ ନିଲମ୍ବନ ପାଇଁ ସୁପାରିସ କରିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ (ଚିଠି ନଂ ୩୨୧୫) ତାଙ୍କୁ ନିଲମ୍ବିତ କରିଛନ୍ତି। ମଧୁସ୍ମିତା ନିଜ କାର୍ଯ୍ୟରେ ଅବହେଳା ଏବଂ ଦୁର୍ବ୍ୟବହାର କରିଥିବା ତାଙ୍କ ନିଲମ୍ବନ ଆଦେଶରେ ଉଲ୍ଲେଖ କରାଯାଇଛି।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ଭବିଷ୍ୟତର ଆହ୍ୱାନ ମୁକାବିଲାରେ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବ ଜାତୀୟ ଶିକ୍ଷାନୀତି:ରାଜ୍ୟପାଳ

ସମ୍ବଲପୁର, ୧୩।୯ (ସମିସ)

ଜାତୀୟ ଶିକ୍ଷା ନୀତି ୨୦୨୦ ଏକ ପରିବର୍ତ୍ତନକାରୀ ଢାଞ୍ଚା ଭାବେ ଭାରତର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଶିକ୍ଷାର ସମକକ୍ଷ କରିବାର ମୂଳ ଲକ୍ଷ୍ୟ। ଏହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ସମୃଦ୍ଧ କରିବା ସହ ଶିକ୍ଷା କ୍ଷେତ୍ରରେ ମୂଳଦୁଆକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଆମର ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ତଥା କୁଳାଧିପତି ଡଃ ହରିବାବୁ କୁମ୍ଭମପାଟି ମତବ୍ୟକ୍ତ କରିଛନ୍ତି। ଶନିବାର ଜ୍ୟୋତିବିହାରସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିଅମ୍‌ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଯାଇଛି। ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ, ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ଓ ସମ୍ପନ୍ନତା ବଢ଼ାଇବା ପାଇଁ ବିଶ୍ୱବିଦ୍ୟାଳୟ ଚିନ୍ତା କରିବା ଆବଶ୍ୟକ। କେବଳ ଏତିକି ନୁହେଁ, ମାତୃଭାଷାରେ ଶିକ୍ଷାଦାନ କରିବା ଉପରେ ମଧ୍ୟ ଶିକ୍ଷାୟତନକୁ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଉତ୍ସବରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଯେ, ସମ୍ବଲପୁର




## ମାତୃଭାଷାରେ ଶିକ୍ଷା ସମୟର ଆବଶ୍ୟକତା:ଧର୍ମେନ୍ଦ୍ର

ବିଶ୍ୱବିଦ୍ୟାଳୟ ରାଜ୍ୟର ଅନ୍ୟତମ ପୁରୁଣା ଅନୁଷ୍ଠାନ। ପିଏମ ଉଷା ତରଫରୁ ମେରୁ ଅଧୀନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୧୦୦ କୋଟି ଟଙ୍କା ଦିଆଯାଇଛି। ରାଜ୍ୟ ବଜେଟରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପ୍ରାୟ ୪୭ କୋଟି ଟଙ୍କା ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଛି।ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଭିତ୍ତିଭୂମି ଓ ଗବେଷଣା ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିକଟରେ ୧୫୭ କୋଟି ଟଙ୍କା ଦେଇଛନ୍ତି। ସମ୍ବଲପୁରରେ ଜାତୀୟ ସ୍ତରର ଆଇଆଇଏମ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୁର୍ଲା ମେଡିକାଲ କଲେଜ, ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି, ଓୟୁଏଟିର ଚିପିଲିମା କ୍ୟାମ୍ପସ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟ ଅଛି, ଯାହା ସମ୍ବଲପୁରକୁ ଭୁବନେଶ୍ୱର ପରେ ଦ୍ୱିତୀୟ ଶିକ୍ଷା କେନ୍ଦ୍ର ଭାବେ ପରିଚିତ କରାଉଛି। ଓଡ଼ିଶାକୁ ଭାଷା ଭିତ୍ତିକ ରାଜ୍ୟ ଗଠନ କରିବାରେ ସମ୍ବଲପୁରର ଅତୁଳନୀୟ ଅବଦାନ ରହିଛି। ସମ୍ବଲପୁରକୁ ଏକ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳି କରିବା ପାଇଁ ଡବଲଇଞ୍ଜିନ ସରକାର ବଦ୍ଧ ପରିକର।ଜାତୀୟ ଶିକ୍ଷା ନୀତିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଞ୍ଚଳିକ ଓ ମାତୃଭାଷାରେ ପିଲାମାନଙ୍କୁ ପାଠ ପଢ଼ାଇବା ଉପରେ ପ୍ରାଥମିକତା ଦିଆଯାଉଛି। ମାତୃଭାଷାରେ ପାଠ ପଢ଼ିଲେ ହିଁ ପିଲାଙ୍କର କ୍ରିଟିକାଲ ଥିଙ୍କିଂ ବିକଶିତ ହେବ। ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଦିଆଗଲେ ହିଁ 'ବିକଶିତ ସମ୍ବଲପୁର', 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ପରିକଳ୍ପନା ସାକାର ହୋଇପାରିବ। ଏହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଗ୍ରଣୀ ଭୂମିକାରେ ରହିବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଡଃ ଶୁଭଦୀପ ଗାଙ୍ଗୁଲିଙ୍କୁ ବାୟୋଟେକ୍ନୋଲୋଜିରେ ଡକ୍ଟର ଅଫ୍ ସାଇନ୍ସ ଏବଂ ଡଃ ରାକେଶ କୁମାର ବିଶିଙ୍କୁ ଓଡ଼ିଆରେ ଡକ୍ଟର ଅଫ୍ ଲିଟରେଚର୍ (ଡି.ଲିଟ୍) ଉପାଧି ପ୍ରଦାନ କରାଯାଇଥିଲା। ଏହାସହ ବିଜିନେସ ଷ୍ଟଡିଜ୍ ଆଣ୍ଡ ମ୍ୟାନେଜମେଣ୍ଟ, ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍, ଲିଗାଲ ଷ୍ଟଡିଜ୍, ମେଡିକାଲ ସାଇନ୍ସେସ, ପେଡ଼ାଗୋଜିକାଲ ସାଇନ୍ସେସ ଓ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କ୍ଷେତ୍ରରେ ୧୦୨ ଜଣଙ୍କୁ ପିଏଚ୍‌ଡି ଉପାଧି, ବିଭିନ୍ନ ବିଭାଗରେ ୩୯ ଜଣ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୨୦ ଜଣଙ୍କୁ ଡୋନେଟେଡ୍ ସ୍ୱର୍ଣ୍ଣ ପଦକ ପ୍ରଦାନ କରିବାସହ ଓସାନି ପୁରସ୍କାର, ଇଂରାଜୀ ଓ ଓଡ଼ିଆ ବକ୍ତୃତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁରରେ ସାଇବର୍ ଠକେଇ

# ନିବେଶ କରି ୨୪ ଲକ୍ଷ ହରାଇଲେ

**ସମ୍ବଲପୁର, ୧୩।୯ (ସମିସ):** ସମ୍ବଲପୁରରେ ସାଇବର ଅପରାଧ କମିବା ନା' ଧରୁନି। ପ୍ରତି ମାସରେ ସାଇବର ଠକେଇର ଅଭିଯୋଗ ହେଉଛି। ପୁଲିସ, ସରକାର, ପ୍ରଶାସନ, ଗଣମାଧ୍ୟମ ବାରମ୍ବାର ଅନଲାଇନ ଠକେଇ ପ୍ରତି କିପରି ସାବଧାନ ରହିବ ସେ ନେଇ ଲୋକଙ୍କ ସଚେତନ କରୁଛି। ବିଭିନ୍ନ କାର୍ଯ୍ୟକ୍ରମ କରି ସଚେତନତା ମଧ୍ୟ କରାଯାଉଛି। ଅଜଣା ସ୍ଥାନ କିମ୍ବା ଲୋକଙ୍କ କଥାରେ ପଡ଼ି ନିବେଶ କରନ୍ତୁ ନାହିଁ ବୋଲି ମଧ୍ୟ ମୋବାଇଲକୁ ମେସଜ ଆସୁଛି। ହେଲେ ଏଥି ପ୍ରତି ଲୋକେ ସଚେତନ ହେବା ନା ଧରୁନାହାନ୍ତି। ସେ ସମାନ ଢଙ୍ଗରେ ଅନଲାଇନ ଲୁଟେରା ନିବେଶ କରିବା ବାହାନା ଦେଖାଇ ସର୍ବସ୍ୱ ଲୁଟି ନେଉଛନ୍ତି। ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳର ଜଣେ ଯୁବକ ଅନଲାଇନରେ ୨୪ ଲକ୍ଷ ଟଙ୍କା ହରାଇଥିବା ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଓଟିସି ଟ୍ରେଡିଂ ଆଳରେ ସେ ଏକ ହ୍ୱାଟସଅପ ଗ୍ରୁପରେ ଯୋଡିହୋଇଥିଲେ। ତନିସ୍କ ନାମକ ଜଣେ ମହିଳା ଏହି ଗ୍ରୁପକୁ ଚଳାଉଥିଲେ। ବିଭିନ୍ନ ସମୟରେ ଟଙ୍କା ବିନିଯୋଗ କରି ମୋଟା ଅଙ୍କର ଅର୍ଥ ପାଇବା ଆଶା ଦେଖାଉଥିଲେ। ମହିଳା ଜଣଙ୍କ ବଡ଼ ବଡ଼ କମ୍ପାନୀ ସହ ତାଙ୍କର ଟାଏଅପ ଥିବା ମଧ୍ୟ କହୁଥିଲେ। ମହିଳାଙ୍କ ଉକ୍ତ ଇନଭେଷ୍ଟ କମ୍ପାନୀ ସେବି ଦ୍ୱାର ମଧ୍ୟ ପଞ୍ଜିକୃତ ଥିବା କହିଥିଲେ। ତେଣୁ ଉକ୍ତ ବ୍ୟକ୍ତି ଭରସା କରି ଟଙ୍କା ବିନିଯୋଗ କରିଥିଲେ। ଗତ ଅଗଷ୍ଟ ୬ ତାରିଖରୁ ୨୦ ଯାଏଁ ସେ ମୋଟ ୨୪ ଲକ୍ଷ ହରାଇଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ସମ୍ବଲପୁରରେ ଏପରି ଅନଲାଇନ ଠକେଇ ନୂଆଁ ନୁହେ। ବାରମ୍ବାର ଏପରି ଘଟଣା ଘଟିବାରେ ଲାଗିଛି। ସାଇବର ଥାନାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳେ ନାହିଁ। ଉପଯୁକ୍ତ ଟେକ୍ନୋଲୋଜି ସହ କର୍ମଚାରୀ ଅଭାବରୁ ଏପରି ଅଭିଯୋଗ ସମାଧାନ ନ ହୋଇ ରହିଯାଉଛି। ପୁଲିସ ଗତ କିଛି ମାସ ତଳେ ୫ ଜଣଙ୍କୁ ଗିରଫ କରିଥିଲା। ଚଳିତ ବର୍ଷ ଏବେ ଯାଏଁ ଥାନାରେ ୧୭ଟି ମାମଲା ପଞ୍ଜିକରଣ ହୋଇଛି। ପୁଲିସ ଏବେ ଯାଏଁ ୧/୨ କେସ ସମାଧାନ କରିଥିବା ସୂଚନା ରହିଛି। ବାରମ୍ବାର ସଚେତନ ପରେ ମଧ୍ୟ ସାଧାରଣ ଜନତା ସେହି ସମାନ ଢଙ୍ଗରେ ଅନଲାଇନ ଠକେଇର ଶିକାର ହେଉଛନ୍ତି।

## ଡକାୟତି ବେଳେ କାବୁ କଲା ପୁଲିସ

**ସମ୍ବଲପୁର, ୧୩।୯ (ସମିସ):** ଏକ କ୍ରସରରୁ ଡକାୟତି କରୁଥିବା ବେଳେ ପୁଲିସ ଖବର ପାଇ ଅଭିଯୁକ୍ତମାନଙ୍କୁ କାବୁ କରିଛି। ଅଭିଯୋଗ ପରେ ଧମାଥାନା ପୁଲିସ ୫ ଜଣଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଛୁରି ଓ ଲୁହା ରଡ଼ ଦେଖାଇ ଅଭିଯୁକ୍ତ ମାନେ ଡକାୟତି କରୁଥିଲେ। ପୁଲିସ ବବଲୁ ମୁଣ୍ଡା, ସୁବ୍ରତ ବାରିକ, ଯୋଶବନ୍ତ ମାଝୀ, ନିବେଶ ନାଏକ ଓ ଆନନ୍ଦ ପ୍ରଧାନଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଆଜି ଲବଡେରା ସ୍ଥିତ ଏକ କ୍ରସରରେ ଏହି ଅଭିଯୁକ୍ତମାନେ ଡକାୟତି କରିବାକୁ ଯାଇଥିଲେ। ପୁଲିସ ଖବର ପାଇ ସେଠାକୁ ପହଞ୍ଚିଥିଲା। ଛୁରି ଦେଖାଇ କ୍ରସରରୁ ୫ଟି ବ୍ୟାଟେରି ଚୋରି କରୁଥିଲେ। ସମସ୍ତ ବ୍ୟାଟେରି, ୩ଟି ବାଇକ, ୩ଟି ମୋବାଇଲ ଫୋନ, ଗୋଟାଏ ଛୁରି ଓ ଲୁହା ରଡ଼ ଜବତ କରିଛି। ୫ ଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ହାତୀ ଆକ୍ରମଣରେ ଜଣେ ମୃତ୍ୟୁ

**କୁଚିଣ୍ଡା, ୧୩।୯ (ସମିସ):** ସମ୍ବଲପୁର ଜିଲ୍ଲାର ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଗୋବିନ୍ଦପୁର ରେଞ୍ଜର ଗଡ଼ପୋଷ ବିଟ୍ ସୀମାଭୂମିରେ ଥିବା ବନ୍ଧାବାର ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଗ୍ରାମବାସୀର ମୃତ୍ୟୁ ଘଟିଛି। ମସନିକାନି ଗାଁର ହେରମାନ ଡାଙ୍ଗ (୫୫) ଶୁକ୍ରବାର ଭୋରୁ ଛତୁ ସଂଗ୍ରହ କରିବାକୁ ଉକ୍ତ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ହାତୀ ଆକ୍ରମଣରେ ସେଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜଙ୍ଗଲରୁ ଘରକୁ ଫେରିନଥିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଶେଷରେ ଶନିବାର ସକାଳେ ବନବିଭାଗ କର୍ମଚାରୀମାନେ ତାଙ୍କ ମୃତଦେହକୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରିଥିଲେ। ମୃତଦେହକୁ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଶବବ୍ୟବଚ୍ଛେଦ କରି ପରିବାରବର୍ଗଙ୍କ ହସ୍ତାନ୍ତର କରାଯାଇଛି।ହେରମାନ ଡାଙ୍ଗ ଗରୀବ ଶ୍ରେଣୀର ହୋଇଥିବାରୁ ପରିବାର ପାଇଁ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।



## ବାମରାରୁ ଚୋରି ବାଇକ୍ ଅନୁଗୋଳରୁ ଉଦ୍ଧାର, ଜଣେ ଗିରଫ

**କୁଚିଣ୍ଡା, ୧୩।୯ (ସମିସ):** ବାମରା ମସଜିଦପଡ଼ାରୁ ଚୋରି ହୋଇଥିବା ବାଇକ୍‌କୁ ଅନୁଗୋଳ ଜିଲ୍ଲାରୁ ଉଦ୍ଧାର କରିବା ସହିତ ଗୋବିନ୍ଦପୁର ପୁଲିସ ଜଣକୁ ଗିରଫ କରିବାରେ ସଫଳ ହୋଇଛି। ସୂଚନା ଅନୁସାରେ, ବାମରା ମସଜିଦପଡ଼ାର ଅବସ୍ଥାପିତ ଏମଡି ଆଦିଲ ଗତ ସୋମବାର ରାତିରେ ନିଜ ଘର ସାମ୍ନାରେ ବାଇକ୍ ରଖିଥିବା ବେଳେ ଦୁର୍ବୃତ୍ତ ଚୋରି କରି ନେଇଥିଲେ। ଏହି ଘଟଣା ପରେ ଆଦିଲ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ପାଇ ପୁଲିସ ଯାଞ୍ଚ ଆରମ୍ଭ କରିଥିଲା। ପରେ ଚୋରି ହୋଇଥିବା ବାଇକ୍ ଅନୁଗୋଳ ଜିଲ୍ଲା ଅଞ୍ଚଳରେ ଥିବା ସୂଚନା ମିଳିବା ପରେ ପୁଲିସର ସ୍ୱତନ୍ତ୍ର ଟିମ୍ ହଣ୍ଡପା ଥାନା ଅନ୍ତର୍ଗତ ବୁଦଲିମୁଣ୍ଡା ଗ୍ରାମରେ ଚଢ଼ାଉ କରି ବାଇକ୍‌କୁ ଉଦ୍ଧାର କରିଛି। ବାଇକ୍ ଚୋରି ଘଟଣାରେ ଜଡିତ ଥିବା ପୁରନ୍ଦର ବେହେରାଙ୍କ ପୁଅ ରବୀନ୍ଦ୍ର ବେହେରାଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଥିବା ସୂଚନା ମିଳିଛି।ଅନ୍ୟପଟେ, ଉଦ୍ଧାର ହୋଇଥିବା ବାଇକ୍‌କୁ ମାଲିକ ଏମଡି ଆଦିଲଙ୍କୁ ହସ୍ତାନ୍ତର କରାଯାଇଛି।

## ଜିଏମ୍‌ୟୁରେ ବିଶ୍ୱ ଆତ୍ମହତ୍ୟା ନିରୋଧ ସପ୍ତାହ



**ସମ୍ବଲପୁର, ୧୩।୯ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗରେ 'ପତଙ୍ଗ' ଅନୁଷ୍ଠାନର ସହଭାଗିତାରେ ବିଶ୍ୱ ଆତ୍ମହତ୍ୟା ନିରୋଧ ସପ୍ତାହ' ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀ ତଥା ଅନ୍ୟ କର୍ମଚାରୀ ମାନଙ୍କୁ ଆତ୍ମହତ୍ୟାର ଭୟାବହତା ସମ୍ପର୍କରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ଗତ ୮ ତାରିଖରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିବସର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାରେ ସରକାରୀ ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁରର ମନସ୍ତତ୍ତ୍ୱବିତ୍ ସୁନିତା ମିଶ୍ର ଅତିଥି ବକ୍ତା ଭାବେ ଯୋଗଦେଇ ଆତ୍ମହତ୍ୟା କିଭଳି ଏକ ବ୍ୟାଧି ଏବଂ ଏହାକୁ କିପରି ଭାବରେ ଟାଳି ଦେଇହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଦ୍ୱିତୀୟ ଦିବସରେ ତର୍କ ଓ ବକ୍ତୃତା ପ୍ରତିଯୋଗିତା, ତୃତୀୟ ଦିବସରେ ସାଧାରଣ ଜ୍ଞାନ ପରୀକ୍ଷା, ଚତୁର୍ଥ ଦିବସରେ ପଥପ୍ରାନ୍ତ ନାଟକ, ପଞ୍ଚମ ଦିବସରେ ପ୍ଲାକାର୍ଡ ଶୋଭାଯାତ୍ରା, ଷଷ୍ଠ ଦିବସରେ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆଦି ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ଏବଂ କାର୍ଯ୍ୟାଳୟକୁ ଯାଇ ସମସ୍ତଙ୍କୁ ସଚେତନ କରାଇବାକୁ ଚେଷ୍ଟା କରିଥିଲେ। ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନ ନୁହେଁ ବରଂ ଏହା ଅନେକ ସମସ୍ୟାର କାରଣ ବୋଲି ସମସ୍ତଙ୍କୁ ବାର୍ତ୍ତା ଦିଆଯାଇଥିଲା। ମନରେ କୌଣସି ହତାଶ ଭାବ ଆସିଲେ ଛାତ୍ରଛାତ୍ରୀ ମାନେ ବିଚଳିତ ନହୋଇ ବରଂ ଅନ୍ୟର ସାହାଯ୍ୟ ସହଯୋଗ ଲୋଡ଼ିଲେ ସମସ୍ୟା କିଛିମାତ୍ରା ରେ ସମାଧାନ ହୋଇ ପାରନ୍ତା ବୋଲି ଅଧ୍ୟାପକ ଅଧ୍ୟାପିକା ମାନେ ମତବ୍ୟକ୍ତ କରିଥିଲେ। ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡଃ ସଂଯୁକ୍ତା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହକାରୀ ଅଧ୍ୟାପିକା ଡଃ ରୂପଶ୍ରୀ ଗୋସ୍ୱାମୀ, ଡଃ ରୂପଶ୍ରୀ ବ୍ରହ୍ମକୁମାରୀ, ପୁଷ୍ପା ହେମ୍ବ୍ରମ୍, ଅତିଥି ଆଧ୍ୟାପକ ଡଃ ମନୋରଞ୍ଜନ ତ୍ରିପାଠୀ ଓ ଶଶୀଭୂଷଣ ଦୋରା ସହଯୋଗ କରିଥିଲେ। ପ୍ରୟୋଗଶାଳା ସହକାରୀ ସନ୍ତୋଷ କୁମାର ସାହୁ, ସହାୟିକା ସଙ୍ଗୀତା ବେହେରା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ଅଂଶୁମାନ, ହରିଶ, ତ୍ରିଲୋଚନ, ପୃଥ୍ୱୀ, ସ୍ୱାଗତ, ଶାଶ୍ୱତ, କ୍ରିତିକା, ବନ୍ଦନା, ମୋନା, ବସୁନ୍ଧରା, ଭାରତୀ, କିରନ ପ୍ରମୁଖ ପରିଚାଳନାରେ ଅଂଶଗ୍ରହଣ କରିଥିଲେ।

## 'ସିଏସଆଇ' ଓଡ଼ିଶା ଶାଖାର ବାର୍ଷିକ ସମ୍ମିଳନୀ

# ସୁଷମ ଖାଦ୍ୟ ସହ ସୁସ୍ଥ ଜୀବନଶୈଳୀରେ ହୃଦ୍‌ରୋଗ ନିୟନ୍ତ୍ରଣ ହୋଇପାରିବ:ଧର୍ମେନ୍ଦ୍ର

**ସମ୍ବଲପୁର, ୧୩।୯ (ସମିସ):** ଦ୍ରୁତ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ସହ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁଁ ଓଡ଼ିଶା ସମେତ ଦେଶ ଓ ବିଶ୍ୱରେ ହୃଦରୋଗ ଭଳି ଜଟିଳ ରୋଗର ବୃଦ୍ଧି ହେଉଛି। ଏହାର ନିବାରଣ ପାଇଁ ବିଶେଷ ଭାବେ ଯୁବପିଢି ସୁଷମ ଖାଦ୍ୟ ଗ୍ରହଣ କରିବା ସହ ସୁସ୍ଥ ଜୀବନଶୈଳୀକୁ ଆପଣାଇବା ଜରୁରି ବୋଲି ଶନିବାର ସମ୍ବଲପୁରରେ କାର୍ଡିଓଲଜିକାଲ ସୋସାଇଟି ଅଫ୍ ଇଣ୍ଡିଆ(ସିଏସଆଇ) ର ଓଡ଼ିଶା ଶାଖାର ବାର୍ଷିକ ସମ୍ମିଳନୀ-୨୦୨୫ରେ ଯୋଗଦେଇ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସିଏସଆଇ, ଓଡ଼ିଶା ଏବଂ ଆସୋସିଏସନ ଅଫ୍ ଫିଜିସିଆନ୍ସ ଅଫ୍ ଇଣ୍ଡିଆ(ଏପିଆଇ), ସମ୍ବଲପୁରର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦ୍ରୁତ ଜୀବନଶୈଳୀ, ଚାକିରି ଚାପ ଏବଂ ଅସ୍ଥିର ସାମାଜିକ ପରିବେଶ ଅନେକ ରୋଗ ସୃଷ୍ଟି କରୁଛି। ପୂର୍ବରୁ ଅଧିକ ସଂକ୍ରମିତ ରୋଗ ବ୍ୟାପୁଥିବା ବେଳେ ଏବେ ଅଣ-ସଂକ୍ରମିତ ରୋଗ କମ ବୟସର ଯୁବପିଢିଙ୍କ ଠାରେ ଅଧିକ ଦେଖାଯାଉଛି। ହୃଦ୍‌ରୋଗ ବିଶ୍ୱ, ଭାରତ ଓ ଓଡ଼ିଶାରେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ହୋଇଥିବା ସତ୍ତ୍ୱେ, ସମୟୋଚିତ ଚିକିତ୍ସା, ପ୍ରତିରୋଧ ଓ ସଚେତନତା ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ସୁସ୍ଥ ଖାଦ୍ୟ ଗ୍ରହଣ କରିବା ସହ ପ୍ରତିଦିନ ବ୍ୟାୟାମ ଏବଂ ଯୋଗ କରିବା, ମୋବାଇଲର କମ ବ୍ୟବହାର କରିବା, ଚାପମୁକ୍ତ ହୋଇ କାମ କରିବା ସହ ବଦ ଅଭ୍ୟାସକୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ସମ୍ମିଳନୀରେ ଆମକୁ ହୃଦ୍‌ରୋଗ ଉପରେ ଚିକିତ୍ସା ପଦ୍ଧତି, ବିକଶିତ ହେଉଥିବା ଅତ୍ୟାଧୁନିକ ଟେକ୍ନୋଲୋଜି, ଡାଟା ଅନାଲିସିସ ଏବଂ ଗବେଷଣା ଉପରେ ଆଲୋଚନା କରିବାର ସୁଯୋଗ ମିଳିବ। ସେ କହିଛନ୍ତି ବର୍ତ୍ତମାନ ସମୟରେ ଡାଇଗ୍ନୋସିସ ପରୀକ୍ଷା ପାଇଁ ପୂର୍ବରୁ ୬୦ ଭାଗ ମାନବର ପ୍ରତ୍ୟକ୍ଷ ଯୋଗଦାନ ରହୁଥିଲା, ମାତ୍ର ଏବେ ସମୟ ବଦଳିବା ସହ ମେସିନ ଦ୍ୱାରା ରୋଗ ନିରୂପଣ ଶୀଘ୍ର ଏବଂ ସଠିକ୍ ହେଉଛି। ଆଗାମୀ ଦିନରେ ୬ଜି ଆସିଲେ ସ୍ୱାସ୍ଥ୍ୟ କ୍ଷେତ୍ର ବିଶେଷ ଭାବରେ ଲାଭବାନ ହେବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତରମାନେ ଥାଇ ଉପାନ୍ତ ଅଞ୍ଚଳର ରୋଗୀଙ୍କୁ ନିର୍ଭୁଲ ଭାବରେ ଦେଖିପାରିବେ ଏବଂ ସେମାନଙ୍କ ଚିକିତ୍ସା ହୋଇପାରିବ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି କାରଣରୁ ସମଗ୍ର ଭାରତବର୍ଷରେ ସରକାରୀ ବ୍ୟବସ୍ଥାରେ ଡାୟାଲିସିସ୍ ସେଣ୍ଟର ଖୋଲାଯିବା ସହ ମାଗଣାରେ ଏହି ଚିକିତ୍ସା ସେବା ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି। ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଡାୟାଲିସିସ୍ ସେଣ୍ଟର୍ ଉପଲବ୍ଧ ହୋଇଛି। ସମ୍ବଲପୁରର ସ୍ୱାସ୍ଥ୍ୟ ଇନଡେକ୍ସକୁ ଠିକ୍ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ଗାନ୍ଧୀ ମିନାରରେ ଏମ୍‌ସ ଫାଉଣ୍ଡେସନର ସ୍ୱଚ୍ଛତା ଅଭିଯାନ




**ସମ୍ବଲପୁର, ୧୩।୯ (ସମିସ):** ଏମ୍‌ସ ଫାଉଣ୍ଡେସନ ପକ୍ଷରୁ ହୀରାକୁଦ ନଦୀବନ୍ଧ ନିକଟସ୍ଥ ଗାନ୍ଧୀ ମିନାର ପରିସରରେ ସ୍ୱଚ୍ଛତା ଅଭିଯାନ କରାଯାଇଛି। ଫାଉଣ୍ଡେସନର ସଭାପତି ଶ୍ରୀମନ୍ତ ପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଛି। ଏମ୍‌ସ କଲେଜର ଯୁକ୍ତଦୁଇ ବିଜ୍ଞାନ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ଏବଂ ଫାଉଣ୍ଡେସନର ସଦସ୍ୟମାନେ ଏହି ସ୍ୱଚ୍ଛତା ଅଭିଯାନକୁ ଆଗେଇ ନେଇଛନ୍ତି।ମାନସ ରଞ୍ଜନ ନାଏକ, ସହକାରୀ କମାଣ୍ଡାଣ୍ଟ (ଓଆଇଏସଏଫ୍), ଅରୁଣ ମହାପାତ୍ର ଓ ଅନ୍ତର୍ଯ୍ୟାମୀ ନାଗ ନିରୀକ୍ଷକ, ଅଭିଳାସ ପ୍ରଧାନ, ଜୁନିଅର ଇଂଜିନିଅର, ହୀରାକୁଦ ଡ୍ୟାମର ପୁଲିସ ବାହିନୀ ପ୍ରମୁଖ ସହଯୋଗ କରିଥିଲେ। ଅବିନାଶ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମ୍ସ କଲେଜ), ଅଭିଜିତ ବାବୁ, ଅଧକ୍ଷ ଓ ଏମ୍ସ କଲେଜର ସମସ୍ତ ଶିକ୍ଷକ, ପରିଚୟର ବିପିନ୍ ବିହାରୀ ପଣ୍ଡା ଓ ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇଛନ୍ତି। ଶ୍ରୀ ମହାନ୍ତି ଛାତ୍ରଛାତ୍ରୀଙ୍କୁ କହିଛନ୍ତି ଯେ, ଗାଁର ପରିମଳ ଯେପରି ଧୋବତୋଠରୁ ଜଣାପଡ଼େ, ସେହିପରି ଗାନ୍ଧୀ ମିନାର ଅଞ୍ଚଳ ଆମ କେନ୍ଦ୍ରୀୟ ପର୍ଯ୍ୟଟନ ସ୍ଥଳୀ ଅଟେ। ଏହି ଅଞ୍ଚଳକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହିତ ଲୋକମାନଙ୍କୁ ସଚେତନ କରାଇବା ଦରକାର ବୋଲି ସେ ମାର୍ଗଦର୍ଶନ ଦେଇଛନ୍ତି। ଅଭିଯାନରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଏବଂ ସଦସ୍ୟମାନେ ଗାନ୍ଧୀ ମିନାର ପରିସରକୁ ଭଲଭାବରେ ସଫା କରିବା ସହିତ ସ୍ୱଚ୍ଛତା ବିଷୟରେ ସଚେତନତା ଫଳକ ବିଭିନ୍ନ ସ୍ଥାନରେ ଲଗାଇଛନ୍ତି। ଏହି ଉଦ୍ୟମ ପାଇଁ ପର୍ଯ୍ୟଟକ ଓ ବୁଦ୍ଧିଜୀବିମାନଙ୍କ ମଧ୍ୟରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ଏହି ଉଦ୍ୟମ ସମାଜ ପାଇଁ ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ହୋଇ ଉଭା ହୋଇଛି।

## ■ ଆର୍‌ଡିସିଙ୍କ ନିର୍ଦ୍ଦେଶ ମାନୁନି ଆଦିତ୍ୟ ଆଲୁମିନିୟମ

# ହୀରାକୁଦ ବିସ୍ଥାପିତଙ୍କୁ ପୁନଃ ବିସ୍ଥାପିତ କରି ଦେଲାନି କ୍ଷତିପୂରଣ

ସମ୍ବଲପୁର, ୧୩।୯ (ସମିସ)

ଆର୍‌ପିଡିଏସି ବୈଠକରେ ଆର୍‌ଡିସି ଦେଇଥିବା ନିର୍ଦ୍ଦେଶ ମାନୁନି ଆଦିତ୍ୟ ଆଲୁମିନିୟମ ପ୍ଲାଣ୍ଟ। ହୀରାକୁଦ ବିସ୍ଥାପିତଙ୍କୁ ପୁନଃ ବିସ୍ଥାପନ କରି ଦେଉନି ଡିପି ବା ଡିସପ୍ଲେସ ପର୍ସନ ବାବଦ କ୍ଷତିପୂରଣ। ରୋଗୀଣା ଶରୀରରେ ୧୨ ବର୍ଷ ଧରି ସଂଘର୍ଷ କରି ସ୍ତ୍ରୀ ଆଖି ବୁଜିଥିବା ବେଳେ ଭିନ୍ନକ୍ଷମ ଝିଅ ଶଯ୍ୟାଶାୟୀ ହୋଇ ଝିଅ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛି। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ, ଜିଲ୍ଲାପାଳ ଓ ଆର ଡ଼ିସିଙ୍କ ବାରମ୍ବାର ତାଗିଦ ଓ ନିର୍ଦ୍ଦେଶ ସତ୍ତ୍ୱେ କ୍ଷତିପୂରଣ ରାଶି ଦେବା ବଦଳରେ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ସମ୍ବଲପୁର ଜଙ୍ଗଲା ପଞ୍ଚାୟତ ଲାରିପାଲି ଗାଁର ମହେନ୍ଦ୍ର ଖମାରୀଙ୍କ ପରିବାର ଅଭିଭକ୍ତ ସମ୍ବଲପୁର ଜିଲ୍ଲା ବାଘମୁଣ୍ଡା ଦଶରୁପାଲି ଗାଁରୁ ବିସ୍ଥାପିତ ହୋଇ ଲାରିପାଲି ଗାଁରେ ରହୁଥିଲେ। ତେବେ ୨୦୧୩ ମସିହାରେ ଆଦିତ୍ୟ ଆଲୁମିନିୟମ୍ ପ୍ଲାଣ୍ଟ ପାଇଁ ତାଙ୍କ ଭାଗରେ ଥିବା ଖାତା ନମ୍ବର ୧୬୩ର ୨୦ ଡିସମିଲ ପୈତୃକ ସମ୍ପତ୍ତି ଅଧିଗ୍ରହଣ କରିଥିଲା। ହେଲେ ପୁନର୍ବାସ ଥଇଥାନ ନିୟମ ଅନୁସାରେ ୧୮ ବର୍ଷର ଉର୍ଦ୍ଧ୍ୱର ପରିବାର ସଦସ୍ୟଙ୍କୁ ଡିପି ବା ଡିସପ୍ଲେସ ପର୍ସନ କ୍ଷତିପୂରଣ ବାବଦକୁ ଗୋଟିଏ ଘର ଓ ଚାକିରି ଦେବା କଥା। ହେଲେ ମହେନ୍ଦ୍ରଙ୍କ ୭୫ ପ୍ରତିଶତ ଭିନ୍ନକ୍ଷମ ହୋଇଥିବା ବେଳେ ପୁଅ ସେତେବେଳେ ୧୭ ବର୍ଷର ଥିଲେ। ଫଳରେ ନିୟମ ମୁତାବକ ଝିଅ ମୁନିକୁ ଡିପି ନଦେଇ ଚୁପ ବସିଛି ଆଦିତ୍ୟ ଆଲୁମିନିୟମ୍।ଏନେଇ ମହେନ୍ଦ୍ର ଲଢେଇ କରି କରି ସ୍ତ୍ରୀକୁ ହରାଇ ସାରିଥିବା ବେଳେ ଭିନ୍ନକ୍ଷମ ଝିଅ ରୋଗ ଶଯ୍ୟାରେ।ପଇସା ନଥିବାରୁ ୬ ମାସ ହେଲା ଚିକିତ୍ସା ବି କରାଇ ପାରୁନାହାନ୍ତି ବୋଲି କୋହଭରା କଣ୍ଠରେ କହିଛନ୍ତି ଶଯ୍ୟାଶାୟୀ ମୁନିଙ୍କ ବାପା ମହେନ୍ଦ୍ର ଖମାରି। ତେବେ ବିଭିନ୍ନ ଫୋରମରେ ଅଭିଯୋଗ ପରେ କ୍ଷତିପୂରଣ ଦେବା ପାଇଁ ଆର୍‌ପିଡିଏସି ବୈଠକ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ୧୭ ଅଗଷ୍ଟ ୨୦୨୨ରେ ଆଦିତ୍ୟ ଆଲୁନମିନିୟ କମ୍ପାନୀର ଉପସଭାପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାକିରି ବାବଦକୁ ୯ ଲକ୍ଷ ୧୦ ହଜାର ଟଙ୍କା, ଘର ବାବଦକୁ ୨ଲକ୍ଷ ୭୩ ହଜାର ଟଂକା, ଟ୍ରାନ୍ସପୋଟେସନ ପାଇଁ ୩ ହଜାର ୬୪୦ ଟଙ୍କା ଓ ଘରଡିହ ପାଇଁ ୯୧ ହଜାର ଟଙ୍କାକୁ ମିଶାଇ ୧୨ ଲକ୍ଷ ୭୭ ହଜାର ୬୪୦ ଟଂକା ଦେବା ପାଇଁ ନିର୍ଦ୍ଦେଶ ରହିଛି। ହେଲେ ଆଜି ପର୍ଯ୍ୟନ୍ତ ଟଙ୍କାଟିଏ ହେଲେ କ୍ଷତିପୂରଣ ରାଶି ନଦେଇ ମୁନିକୁ ରୋଗଶଯ୍ୟାରେ ଛାଡି ଦେଇଛି ଆଦିତ୍ୟ ଆଲୁମିନିୟମ୍।ତେବେ ଯେଉଁ ଫୋରମକୁ ଗଲେ ରାୟ ମୁନି ସପକ୍ଷ୍ୟରେ ଆସି ଘରେ ଦସ୍ତାବିଜର ପାହାଡ଼ ରଖିଲୁଣି, ହେଲେ ମାଆ।ତ ଟଙ୍କା ଅଭାବରୁ ଚିକିତ୍ସା ନପାଇ ମରିଗଲା ଓ ଭଉଣୀ ମଧ୍ୟ ଚାଲିଯିବ ବୋଲି ମୁନିଙ୍କ ଭାଇ କମଳ ଖମାରି କହିଛନ୍ତି।ଏନେଇ ଜିଲ୍ଲାପାଳ କହିଛନ୍ତି କ୍ଷତିପୂରଣ ଦେବା ପାଇଁ କୁହାଯାଇଛି।ଅତିଶୀଘ୍ର କ୍ଷତିପୂରଣ ରାଶି ଯୋଗାଇବା ପାଇଁ ନିର୍ଦ୍ଦେଶ ରହିଥିବା କହିଛନ୍ତି।



**ଟଙ୍କା ଅଭାବରୁ ସ୍ତ୍ରୀ ମୃତ, ରୋଗ ଶଯ୍ୟାରେ ଦିବ୍ୟାଙ୍ଗ ଝିଅ**

# ବରଗଡ଼ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ବରଗଡ଼, ୧୩।୯ (ସମିସ):** ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସେପ୍ଟେମ୍ବର ୧୩ ତାରିଖରେ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜାରଞ୍ଜନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ୪, ୫୧୭ ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୧୨, ୧୧୧ ଟି ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବ୍ୟାଙ୍କ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ମକଦ୍ଦମା ମାନଙ୍କ ମଧ୍ୟରୁ ୧୭୭ ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୯, ୧୧୪ ଟି ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ହୋଇ ପ୍ରାକ୍ ମାମଲା ବାବଦକୁ ୫୨, ୩୮, ୯୪୮ ଟଙ୍କା ଏବଂ ବିଚାରାଧିନ ମାମଲା ବାବଦକୁ ୧, ୧୨, ୭୩, ୬୯୮ ଟଙ୍କା ଆଦାୟ ହୋଇଥିଲା। ଲୋକ ଅଦାଲତ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ରାଜାରଞ୍ଜନ ପାଢ଼ୀଙ୍କ ଏବଂ ସଚିବ ବିଭୂତି ଭୂଷଣ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା।




ପାରିବାରିକ ଅଦାଲତର ବିଚାରପତି ମାନସରଞ୍ଜନ ରଥ, ଅତିରିକ୍ତ ଜିଲ୍ଲା ବିଚାରପତି ପ୍ରିୟରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା, ବରିଷ୍ଠ ଦେବାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ପୂଜାପ୍ରଦା, ବରିଷ୍ଠ ଦେବାନୀ ବିଚାରପତି ବର୍ଷା ଶର୍ମା, ଉପଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦେବାନୀ ବିଚାରପତି ସଂଗ୍ରାମ ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଚନ୍ଦନ ଦେହୁରୀ, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଶ୍ରୁଶ୍ରୀ ରତ୍ନପର୍ଣା ଦାସ ବିଭିନ୍ନ ଅଦାଲତ ଗୁଡିକୁ ପରିଚାଳନା କରିଥିଲେ। ପ୍ରାଧିକରଣ ଅର୍ନ୍ତଭୁକ୍ତ ଆଇନଜୀବୀ, ଜିଲ୍ଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଓ ଯୁବ ଆଇନଜୀବୀ, ପୁଲିସ ଅଧିକାରୀମାନେ, ଆଇନସେବା ପ୍ରାଧିକରଣ ଓ ସିଭିଲ କୋର୍ଟର କର୍ମଚାରୀମାନେ ଉପରୋକ୍ତ ଲୋକ ଅଦାଲତ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ।

# ଟାଉନ ହଲ ଉଦ୍‌ଘାଟନ ପାଇଁ ସୁରଘୁଙ୍ଗୁର ପକ୍ଷରୁ ଦାବିପତ୍ର

**ରେଢାଖୋଲ, ୧୩।୯ (ସମିସ):** ରେଢ଼ାଖୋଲ ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁର ଘୁଙ୍ଗୁର ତରଫରୁ ରେଢାଖୋଲ ନୂତନ ଟାଉନ୍ ହଲକୁ ନେଇ ବାରମ୍ବାର



ପ୍ରଶାସନକୁ ଜଣାଇଲେ ମଧ୍ୟ ନ ଶୁଣିବାରୁ ଶେଷରେ ସୁରଘୁଙ୍ଗୁର ସଭାପତି ସୁଶାନ୍ତ ନାଗଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଓ ସଚେତନ ନାଗରିକଙ୍କ ସହିତ ରେଢାଖୋଲ ଉପଜିଲ୍ଲାପାଳଙ୍କୁ ଟାଉନ୍ ହଲ୍ ଉଦ୍‌ଘାଟନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ଦୀର୍ଘ ବର୍ଷ ହେବ ନୂତନ ଟାଉନ ହଲର କାର୍ଯ୍ୟ ସମାପ୍ତ ହୋଇ ପାରୁନାହିଁ। ଯଦ୍?ାରା ରେଢାଖୋଲ ର କଳାକାର, ଜନସାଧାରଣ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ପଡୁଛନ୍ତି। ଏଣୁ ଯଥାଶିଘ୍ର ନୂତନ ଟାଉନ ହଲର କାର୍ଯ୍ୟ ସମାପ୍ତ କରି ଉଦ୍‌ଘାଟନ କରିବା ସହିତ ଉପଖଣ୍ଡ ପ୍ରଶାସନ ପରିଚାଳନାର ଦାୟିତ୍ୱ ନେଇ ଆଲୋଚନା ଓ ଦାବିପତ୍ର ରେଢାଖୋଲ ଉପଜିଲ୍ଲାପାଳଙ୍କୁ ଦିଆଯାଇଥିଲା। ଦାବିପତ୍ର ଦେବା ବେଳେ ସୁରଘୁଙ୍ଗୁର୍ ଉପଦେଷ୍ଟା ଉମାକାନ୍ତ ମହାନନ୍ଦ, ରାଜା ପାଲ, ଉପସଭାପତି ରଶ୍ମିରଞ୍ଜନ ଖଡିରତ୍ନ, ନନ୍ଦୁ ମିରି, ବିକାଶ ଦାସ, ଶିବସମ୍ଭୁ ନନ୍ଦ, ଯୋଗେନ୍ଦ୍ର ମହାନ୍ତି, ସୁମନ୍ତ ସାହୁ, ଗଜାନନ ଭେଶରା, ହିମାଂଶୁ ରାଉତ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

■ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ଆପଣଙ୍କ ପାଖେ ଭାରତର ଭାଗ୍ୟ ବଦଳାଇବା କ୍ଷମତା ରହିଛି : ରାଜ୍ୟପାଳ






**ସମ୍ବଲପୁର, ୧୩।୯ (ସମିସ)**

ଗାଁ ପାଇଁ ଜଳବାୟୁ ସମସ୍ୟାର ସମାଧାନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ଏବଂ ସହର ପାଇଁ ସ୍ମାର୍ଟ ଭିତ୍ତିଭୂମି ପର୍ଯ୍ୟନ୍ତ, ଆପଣମାନଙ୍କ ପାଖରେ ଭାରତର ଭାଗ୍ୟ ବଦଳାଇବାର ଶକ୍ତି ରହିଛି। ୭୦ ବର୍ଷରୁ ଅଧିକ ସୁଦୀର୍ଘ ଯାତ୍ରାରେ ଭିସୁଟ୍ ଦେଶରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ରୂପେ ସ୍ଥାନ ହାସଲ କରିଛି। ଏହି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ଦେଶ-ବିଦେଶରେ କୀର୍ତ୍ତି ଅର୍ଜନ କରୁଛନ୍ତି। ବର୍ତ୍ତମାନ ଆମେ ଏପରି ଏକ ଦୁନିଆରେ ରହୁଛୁ, ଯେଉଁଠାରେ କେବଳ ଆପଣଙ୍କର ବୁଦ୍ଧି ସବୁଠାରୁ ବଡ଼ ଶକ୍ତି ନୁହେଁ, ବରଂ ଅଖଣ୍ଡତା ହେଉଛି ତମର ଶକ୍ତି। ଆପଣଙ୍କ ନବସୃଜନ ସହାନୁଭୂତି, ସମାନତା ଏବଂ ନୈତିକତା ସର୍ବଦା ପ୍ରତିଫଳିତ କରନ୍ତୁ। ଗର୍ବର ସହ କିନ୍ତୁ ଅହଙ୍କାର ବିନା, ନିଜର ଲକ୍ଷ୍ୟ ଉପରେ ଆଧାରିତ ମହତ୍ତ୍ୱାକାଂକ୍ଷା ଏବଂ ମୂଲ୍ୟବୋଧ ଉପରେ ଆଧାରିତ ସ୍ୱପ୍ନ ସହିତ ଆଗକୁ ବଢ଼ନ୍ତୁ। ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୧୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ତଥା କୁଳାଧିପତି ଡଃ ହରିବାବୁ କୁମ୍ଭମପାଟି ଆଜି ଛାତ୍ରଛାତ୍ରୀମାନଙ୍କୁ ଏପରି ଆହ୍ୱାନ ଦେଇଛନ୍ତି।

ସାର୍ ବିଶ୍ୱେଶରାୟ ପ୍ରେକ୍ଷାଳୟରେ ଆଜି ଅପରାହ୍ଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ଦେଶ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଓଡ଼ିଶାରେ ଯେତେବେଳେ ଜଳସେଚନ ଓ କୃଷି ବିକାଶର ନୂଆ ଧାରା ଆରମ୍ଭ ହୋଇଥିଲା, ସେତେବେଳେ ଏହି ଶିକ୍ଷାନୁଷ୍ଠାନ ପରିବର୍ତ୍ତନର ମଙ୍ଗ ଧରିଥିଲା। ଆଜି ଯେତେବେଳେ ଓଡ଼ିଶାରେ 'ନ୍ୟୁ ଏଜ୍ ଅର୍ଥନୀତି'ର ଧାରା ଆରମ୍ଭ ହୋଇଛି, ଭିସୁଟ୍ ତାହାର ନେତୃତ୍ୱ ନେବ। ଭିସୁଟ୍କୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

**ଓଡ଼ିଶାରେ 'ନ୍ୟୁ ଏଜ୍ ଅର୍ଥନୀତି'ର ନେତୃତ୍ୱ ନେବ ଭିସୁଟ୍:ଧର୍ମେନ୍ଦ୍ର**

ଏହି ଅବସରରେ ଶିକ୍ଷାରେ ଉତ୍କୃଷ୍ଟତା ଓ ସଫଳ ପ୍ରଦର୍ଶନ ପାଇଁ ୨୭ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୮ଜଣଙ୍କୁ ଡୋନର୍ସ ସ୍ୱର୍ଣ୍ଣପଦକ, ୩୦ଜଣଙ୍କୁ ସାର୍ଟିଫିକେଟ ଅଫ୍ ମେରିଟ୍ ପ୍ରଦାନ ସହ ୪ଜଣ ଶ୍ରେଷ୍ଠ ଆଲୁମିନିଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ପିଏଚ୍ଡି ପାଠ୍ୟକ୍ରମରେ ୭୪ଜଣ, ଏମ୍.ଟେକ୍ରେ ୧୦୪ ଜଣ, ଏମ୍ବିଏରେ ୩୯ଜଣ, ଏମ୍ଏସ୍ସିରେ ୫୯ଜଣ, ଇଣ୍ଟିଗ୍ରେଟେଡ୍ ଏମ୍ଏସ୍ସିରେ ୪୭ଜଣ, ବି.ଟେକ୍ରେ ୮୭୬ ଜଣ, ୪ ଜଣଙ୍କୁ ବିଟେକ୍ ଓ ଏମ୍ଟେକ୍ ଦ୍ୱୈତ ଡିଗ୍ରୀ; ଏହିଭଳି ମୋଟ ୧୨୨୦ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ଅପରପକ୍ଷେ, ରାଜ୍ୟପାଳ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା 'ଓପନ ଏୟାର କ୍ଲାସରୁମ' ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉତ୍ସବରେ ଓଡ଼ିଆ ସମେତ ସମ୍ବଲପୁରୀ ଭାଷାରେ ପ୍ରସ୍ତୁତ ଏମ.ଟେକର 'ପ୍ରୟୋଗଶାଳା ନିର୍ଦ୍ଦେଶିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଭଟଲି ବିଧାୟକ ତଥା ପରିଚାଳନା କମିଟି ସଭ୍ୟ ଇରାଶିଷ ଆଚାର୍ଯ୍ୟ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଦୀପକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଜଙ୍ଗଲି ଘୁଷୁରୀ ମାଂସ ଜବତ, ଶିକାରୀ ଗିରଫ



**ରେଢ଼ାଖୋଲ, ୧୩।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ରେଢ଼ାଖୋଲ ସେକ୍ସନ ଅଧୀନ ବୁର୍ଡା ବିଟ୍ ଜଙ୍ଗଲରୁ ଶନିବାର ଦିନ ବନବିଭାଗ ପକ୍ଷରୁ ଚଢ଼ାଉ କରି ୫ କେଜି ଜଙ୍ଗଲି ଘୁଷୁରୀ ମାଂସ ଜବତ କରିବା ଶିକାରୀ କୁ ଗିରଫ କରିଛି। ଗିରଫ ଶିକାରୀ ଜଣଙ୍କ ହେଲେ ବୁର୍ଡ଼ା ପଞ୍ଚାୟତ ଅଧୀନ ବଡ଼ମାଳ ଗ୍ରାମର ବାସିନ୍ଦା ଜୟଦେବ ସବର(୫୯)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ବନବିଭାଗ ବନ୍ୟପ୍ରାଣୀ ଶିକାର ହୋଇଥିବା ନେଇ ଖବର ପାଇ ବଡ଼ମାଳ ଗ୍ରାମରେ ରେଢ଼ାଖୋଲ ରେଞ୍ଜ ଅଧିକାରୀ ମୈତ୍ରୀ ମଞ୍ଜରୀ ବିଶ୍ୱାଳଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ସଦଳବଳେ ଚଢ଼ାଉ କରିଥିଲେ। ଚଢ଼ଉ ବେଳେ ଉକ୍ତ ଶିକାରୀ ନିକଟରୁ ୫ କେଜି ଜଙ୍ଗଲି ଘୁଷୁରୀ ମାଂସ ସହ ଏକ କୁରାଢି କିଛି ସାମଗ୍ରୀ ଜବତ କରି ତଦନ୍ତ କରୁଛି। ଗିରଫ ଶିକାରୀକୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

# ଅରବିନ୍ଦ ପଟେଲଙ୍କ ପରଲୋକ

**ପଦ୍ମପୁର, ୧୩।୯ (ସମିସ):** ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଜଗଦଲପୁର ଚନ୍ଦ୍ର ଶେଖର ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଟେଲଙ୍କ



ଜ୍ୟେଷ୍ଠ ପୁତ୍ର ତଥା ଶିକ୍ଷକ ଅରବିନ୍ଦ ପଟେଲ (୨୯) ଙ୍କ ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ପାର୍ଥିବ ଶରୀର ଜନ୍ମମାଟି ଜଗଦଲପୁରକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଛି। ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବନ୍ଧୁବାନ୍ଧବ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ବୁଢ଼ାରଜା ହାଇସ୍କୁଲରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ

**ସମ୍ବଲପୁର, ୧୩।୯ (ସମିସ) :** ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଆଜି 'ବିଶ୍ୱ ପ୍ରାଥମିକ ଉପଚାର ଦିବସ' ପାଳିତ ହୋଇଯାଇଛି। ବିଦ୍ୟାଳୟର ଜେ.ଆର. ସି କାଉନସିଲର ପଙ୍କଜିନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଏହି ଦିବସର ବିଶେଷତ୍ୱ ବିଷୟରେ ଅବଗତ କରାଇ ଦୁର୍ଘଟଣା ସମୟରେ ରକ୍ତସ୍ରାବ, ଅସ୍ଥିଭଙ୍ଗ, ସିପିଆର, ସକ୍, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା ପ୍ରଦାନ ଆଦି ବିଷୟରେ ଅବଗତ କରାଇଥିଲେ। ଶିଶୁ ସୁରକ୍ଷା, ମହିଳା ସୁରକ୍ଷା, ବିଦ୍ୟାଳୟର ଛାତ୍ରୀମାନଙ୍କ ସୁରକ୍ଷା ଏବଂ ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କର ସୁରକ୍ଷା ନିମନ୍ତେ ବ୍ୟବହୃତ ଜରୁରୀକାଳୀନ ନମ୍ବର ବିଷୟରେ ମଧ୍ୟ ଅବଗତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳି ସାହୁ ପ୍ରାଥମିକ ଉପଚାର କିଭଳି ଜରୁରୀ ଓ ଏହା ସମସ୍ତେ ଅଭ୍ୟାସ କରିବା ଉଚିତ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଅନୁବିନ୍ଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷକ ଭୋଳାନାଥ ବିଶୋଇ, ସୁଜିତ ନାରାୟଣ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ମହାଳୟାରେ ସାମୂହିକ ତିଳତର୍ପଣ

**ସମ୍ବଲପୁର, ୧୩।୯ (ସମିସ) :** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମ୍ବଲପୁର ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳତର୍ପଣ ଆୟୋଜିତ ହେବ। ଆସନ୍ତା ୨୧ ତାରିଖ ଅମାବାସ୍ୟା ତିଥିରେ ମହାଳୟା ଶ୍ରାଦ୍ଧ ଉପଲକ୍ଷେ ସାମୂହିକ ତିଳତର୍ପଣ କରାଯିବ। ସେହିଦିନ ସକାଳ ସାଢ଼େ ୭ଟା ସମୟରେ ସମ୍ବଲପୁର ମାରୱାଡ଼ିପଡ଼ା ଘାଟ, ଭତରା ଶଙ୍କର ମଠ, ହୁମା ମଛିନ୍ଦ୍ର ଘାଟ, ଧମାର ଧର୍ମେଶ୍ୱର ଘାଟ, ବଉସରା ମହାନଦୀ ଘାଟରେ ଏକା ସାଙ୍ଗରେ ପାଳନ କରାଯିବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ସାମୂହିକ ତିଳତର୍ପଣରେ ଯୋଗଦାନ କରି ନିଜର ପିତୃପୁରୁଷ ତଥା ପ୍ରିୟଜନଙ୍କୁ ତିଳତର୍ପଣ କରିବାକୁ ସମ୍ବଲପୁର ଜିଲ୍ଲା ବ୍ରାହ୍ମଣ ସମାଜର ସମ୍ପାଦକ କମଳ ପ୍ରସାଦ ମିଶ୍ର ଅନୁରୋଧ କରିଛନ୍ତି।

**ସମାବର୍ତ୍ତନ ମଞ୍ଚରେ ବିଧାୟକ ହକି ଷ୍ଟାଡିୟମ୍ କଥା କହିବା ଅତ୍ୟନ୍ତ ହାସ୍ୟାସ୍ପଦ: ରୋହିତ**

# ନୂତନ ସରକାରଙ୍କ ଆନ୍ତରିକତା ଥିଲେ ଷ୍ଟାଡିୟମ୍ ତିଆରି ହୋଇଥାନ୍ତା

**ସମ୍ବଲପୁର, ୧୩।୯ (ସମିସ)**

ଶନିବାର ଭିସୁଟ୍‌ର ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଜ୍ୟପାଳ ଏବଂ ସରକାରଙ୍କ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ସମ୍ବଲପୁର ବିଧାୟକ ବିଶ୍ୱବିଦ୍ୟାଳୟରେ ଏକ ମିନି ହକି ଷ୍ଟାଡିୟମ ନିର୍ମାଣ କଥା କହିଛନ୍ତି। ଯାହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ 'ଏହା ମନେ ପଡ଼ିବା ଅତ୍ୟନ୍ତ ହାସ୍ୟାସ୍ପଦ' ବୋଲି କହିଛନ୍ତି। ସେ କହିଛନ୍ତି ଯେ ଯଦି ପ୍ରକୃତରେ ବିଧାୟକ ତଥା ସରକାରଙ୍କ ଆନ୍ତରିକତା ଥା'ଆନ୍ତା, ଠିକ୍ ସମୟରେ ଯଦି ବିଧାୟକ ଏହି ପ୍ରକଳ୍ପର ସରକାରୀସ୍ତରରେ ଫେଲୋ ଅପ୍ ନେଇଥାନ୍ତେ ତେବେ ଆଜି ହକି ଷ୍ଟାଡିୟମ ନିର୍ମାଣ ପାଇଁ ବର୍ତ୍ତମାନ ନୂଆ ସରକାର ଆସିବାର ଦେଢ଼ ବର୍ଷ ହେବାକୁ ଗଲାଣି ଏପର୍ଯ୍ୟନ୍ତ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଅଧାରୁ ଅଧିକ ସମ୍ପୂର୍ଣ୍ଣ ହୋଇସାରିଥାନ୍ତା। ବିଗତ ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗୁଡିକ ପ୍ରତି ଯତ୍ନବାନ ହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଅତ୍ୟାଧୁନିକ ଅଷ୍ଟ୍ରୋଟର୍ଫ୍ ଯୁକ୍ତ ହକି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ତଥା ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ କମ୍ପ୍ଲେକ୍ସ, ଶୀତତାପ ନିୟନ୍ତ୍ରିତ ବୁର୍ଲା ଇଣ୍ଡୋର୍ ଷ୍ଟାଡିୟମ, ଜିମନାସିମ୍, ବହୁମୁଖୀ ପ୍ରକୋଷ୍ଠ ସହ ସମ୍ବଲପୁର ଠାରେ ଫୁଟବଲ୍ ଏକାଡେମୀ ଏବଂ ସମ୍ବଲପୁରର ଅନ୍ୟାନ୍ୟ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୧୨୦ କୋଟି ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ଅଥଚ ବର୍ତ୍ତମାନର ସରକାର ଏବଂ ସ୍ଥାନୀୟ ବିଧାୟକ ଉପରୋକ୍ତ କ୍ରୀଡ଼ା ଭିତ୍ତିକ ଘୋଷଣାନାମାକୁ ତ୍ୱରାନ୍ୱିତ ନ କରି କେବଳ ସମାବର୍ତ୍ତନ ଉତ୍ସବର ମଞ୍ଚ ଉପରେ ବିଧାୟକ ଜୟ ନାରାୟଣ ବାବୁଙ୍କ ମନେ ପଡ଼ି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ହକି ଷ୍ଟାଡିୟମ ବିଷୟରେ ପଚାରିବା କଥା ସମ୍ବଲପୁର ଜିଲ୍ଲାର ଛାତ୍ରଛାତ୍ରୀ, କ୍ରୀଡ଼ାପ୍ରେମୀ ଏବଂ ଜନସାଧାରଣଙ୍କୁ ଭକୁଆ ବନାଉଛି। ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନର ବିଜେପି ଶାସିତ ସରକାର ସମ୍ବଲପୁର ଜିଲ୍ଲାର ଶିକ୍ଷାନୁଷ୍ଠାନ ଗୁଡ଼ିକର ବିକାଶ ପ୍ରତି ଆଖି ବନ୍ଦ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ବର୍ତ୍ତମାନର ବିଜେପି ଶାସିତ ଡବଲ ଇଞ୍ଜିନ ସରକାର ଆସିବା ପରେ ଇଂ ପୂଜାରୀ ସରକାରଙ୍କ ନିକଟରେ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଯାହା କି ବିଜେପି ଶାସିତ ସରକାର ବର୍ତ୍ତମାନର ମନ୍ତ୍ରୀ ଏବଂ ନେତୃତ୍ୱମାନେ ମଧ୍ୟ ପୂର୍ବରୁ ଦାବି କରିଆସୁଥିଲେ ଯଥା ଉଦାହରଣ ସ୍ୱରୂପ ଭିସୁଟ୍‌କୁ ଆଇ ଆଇଟି ମାନ୍ୟତା, ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା, ଲଜପତ୍ ରାୟ ଆଇନ ମହାବିଦ୍ୟାଳୟକୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ମାନ୍ୟତା ଏହା ସହ ଅଞ୍ଚଳର କଳକାରଖାନାରେ ସ୍ଥାନୀୟ ଶିକ୍ଷାନୁଷ୍ଠାନମାନଙ୍କର ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦେବା। ଉଲ୍ଲେଖ ଯୋଗ୍ୟ ଯେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଭୀମ ଭୋଇ ରିସର୍ଚ୍ଚ ଚେୟାର ପ୍ରତିଷ୍ଠା ପାଇଁ ଇଂ ପୂଜାରୀ ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ସମୟରେ ପାଞ୍ଚ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ ଯାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଭିସୁଟ୍‌ର ସାମଗ୍ରୀକ ଭିତ୍ତିଭୂମିର ବିକାଶ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ୨୦୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ସହ ଡିପିଆର୍ ପ୍ରଦାନ କରିଥିଲେ ଏବଂ ଏଥି ପାଇଁ ପ୍ରଥମ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆହ୍ୱାନ ହୋଇସାରିଥିଲା। କିନ୍ତୁ ବର୍ତ୍ତମାନର ସରକାରଙ୍କ ଉଦାସୀନତା ଯୋଗୁଁ ଏହା ଆଗକୁ କାର୍ଯ୍ୟକାରୀ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥି ସହିତ ଗଙ୍ଗାଧର ମେହେର ବିଶ୍ୱବଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଛି। ଏହି ସବୁ ଘଟଣା କ୍ରମରୁ ସ୍ପଷ୍ଟ ଯେ ବର୍ତ୍ତମାନର ସରକାର ସମ୍ବଲପୁର ଜିଲ୍ଲାର ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ତତ୍ପରତା ପରିପ୍ରକାଶ କରୁନାହାନ୍ତି। ଆଗାମୀ ଦିନରେ ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତାଙ୍କ ଠାରୁ ବିଜେପି ସରକାର ଏହାର ଶାଣିତ ଜବାବ୍ ପାଇବ ବୋଲି ଇଂ ପୂଜାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ସମାବର୍ତ୍ତନ ମଞ୍ଚରେ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଲେ ବିଧାୟକ

**ସମ୍ବଲପୁର, ୧୩।୯ (ସମିସ):** ଶନିବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ସମେତ ରାଜ୍ୟ ଉଚ୍ଚଶିକ୍ଷା ତଥା କ୍ରୀଡ଼ା ମନ୍ତ୍ରୀ ଓ ସମ୍ବଲପୁର ବିଧାୟକ ମଧ୍ୟ ମଞ୍ଚାସୀନ ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସାରା ଦେଶରେ ହକିରେ ବାରମ୍ବାର ଚାମ୍ପିଅନ ଆଖ୍ୟା ହାସଲ କରୁଥିବାବେଳେ ସରକାରଙ୍କ ଘୋଷଣା ପରେ ମଧ୍ୟ ଏଠାରେ ମିନି ଷ୍ଟାଡିୟମ ହୋଇ ପାରିନାହିଁ। ଏହାକୁ ନେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କ୍ରୀଡ଼ା ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରଶ୍ନ କରିବା ଉପସ୍ଥିତ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କୁ ଅପ୍ରାସଙ୍ଗିକ ଲାଗିଥିଲା। କାରଣ ଉଭୟେ ଗୋଟିଏ ଦଳର ଏବଂ ବିଭିନ୍ନ ସମୟରେ ସେମାନେ ପରସ୍ପରକୁ ଭେଟୁଛନ୍ତି। ଏପରିସ୍ଥଳେ ସଭାରେ ଏହି ପ୍ରଶ୍ନ ଉପସ୍ଥାପନ କରିବା କେତେ ଯୁକ୍ତିଯୁକ୍ତ ବୋଲି ଚର୍ଚ୍ଚା ହେଉଛି।

ବିଧାୟକ ଜୟନାରାୟଣ ମିଶ୍ର କହିଲେ ମୋତେ ଦୁଇମିନିଟ୍ ସମୟ ମିଳିଛି, ଆଉ ସେହି ଦୁଇ ମିନିଟ୍ ମଧ୍ୟରେ ମୁଁ ଆମ ଉଚ୍ଚଶିକ୍ଷା ତଥା କ୍ରୀଡ଼ା ମନ୍ତ୍ରୀଙ୍କୁ ସୂଚାଇ ଦେବାକୁ ଚାହୁଁଥିଲି ଯେ ଏଠାରେ ମିନି ହକି ଷ୍ଟାଡିୟମ କରିବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି କେଉଁ ଶୀତଳଭଣ୍ଡାରରେ ରହିଲା ମୁଁ ଜାଣି ନାହିଁ କିନ୍ତୁ ମିନି ଷ୍ଟାଡିୟମ ଅବିଳମ୍ବରେ ହବା କଥା କାରଣ ଆମେ ଦୀର୍ଘଦିନ ଧରି ହକିରେ ଚମ୍ପିଆନ ଲାଭ କରୁଛୁ। ମିନି ଷ୍ଟାଡିୟମ ନିଜେ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା ତାହା ଅବିଳମ୍ବେ ପୂରଣ କରାଯାଉ ବୋଲି ଶ୍ରୀ ମିଶ୍ର କହିଛନ୍ତି। ବିଶ୍ୱବିଦ୍ୟାଳୟର ଆଉ ମିନି ଷ୍ଟାଡିୟମର କାମ ରାଜ୍ୟ ସରକାରଙ୍କ ତରଫରୁ ହେବାର ଥିଲା, ତାହା ମଧ୍ୟ କରାଯାଉ। ମନ୍ତ୍ରୀ ବିଧାୟକ ଶ୍ରୀ ମିଶ୍ରଙ୍କ କଥାର ସିଧାସଳଖ ଜବାବ ନରଖି ଉପରୋକ୍ତ କଥା ଛଳରେ ଏଡ଼ାଇ ଦେଇଗଲେ।

**ପୂଜା ତୋରଣ ଓ କାମ ପାଇଁ ସଙ୍କୁଚିତ ରାସ୍ତା**

# ପାର୍ବଣରେ ପଦ୍ମପୁରରେ ବିଗିଡ଼ିବ ଟ୍ରାଫିକ୍ ବ୍ୟବସ୍ଥା

**ପଦ୍ମପୁର, ୧୩।୯ (ସମିସ):** ପଦ୍ମପୁର ସହରରେ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ସବୁ ଆଡ଼େ ରାସ୍ତା ଖୋଳି ଦିଆ ଯାଇଛି। ଏଯାଏଁ କାମ ସମ୍ପୂର୍ଣ୍ଣ ହୋଇନାହିଁ, ସେପଟେ ଡ୍ରେନ ନିର୍ମାଣର ମଧ୍ୟ ସମାନ ଅବସ୍ଥା। ସବୁ ରାସ୍ତାରେ ଟ୍ରାଫିକ ଜାମ୍ ହେଉଛି। ଜବରଦଖଲ ଉଚ୍ଛେଦ ହୋଇଥିଲେ ମଧ୍ୟ ପାର୍କିଂ ଓ ଉଠା ଦୋକାନୀଙ୍କ ଯୋଗୁଁ ରାସ୍ତା ସଙ୍କୁଚିତ ହୋଇପଡୁଛି। ବିଭିନ୍ନ ଛକ ବିଶେଷ କରି ଭେଡଁରିଆ ଛକର ତୋରଣ ପାଇଁ ଯାତାୟାତ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଭାଇ ଜିଉଁତା ପାଇଁ ଝିଅ ମାନେ ବାପ ଘରକୁ ଆସିଥାନ୍ତି। ଘରେ ଘରେ କୁଣିଆଁ ମୈତ୍ରଙ୍କ ଗହଳି ଲାଗିବା ସହିତ ସପ୍ତମୀରୁ ପରିବାର, ବନ୍ଧୁବର୍ଗ ବାହାରି ପୂଜା ମଣ୍ଡପ ଦର୍ଶନ ସହିତ ଦୋକାନ ବଜାରରେ ଭିଡ ଜମାନ୍ତି। ଏଣୁ ସବୁ ବର୍ଷ ପରି ଏଥର ମଧ୍ୟ ରାସ୍ତାରେ ହଜାର ହଜାର ଲୋକ ଗାଡି ମୋଟର ଚଳାଚଳ ହେବ। ପୂର୍ବାପେକ୍ଷା ପଦ୍ମପୁର ସହରରେ ଦୁଇ ଚକିଆ ଚାରି ଚକିଆ ଯାନ ଅନେକ ବୃଦ୍ଧି ପାଇଥିବା ବେଳେ ପୁଲିସ ପକ୍ଷରୁ ଟ୍ରାଫିକ ପରିଚାଳନା ବ୍ୟବସ୍ଥାର ଅସଙ୍ଗତି ଦେଖାଦେଇଛି। ସେହିପରି ପଦ୍ମପୁର ମୁଖ୍ୟ ରାସ୍ତାରେ ଜବରଦଖଲ ଉଚ୍ଛେଦ ପରେ ପିଚୁ କାମ ଆରମ୍ଭ ହୋଇନାହିଁ। ଯଦ୍ୱାରା ସାମାନ୍ୟ ବର୍ଷାରେ ଭେଡଁରିଆ ଛକରୁ ରଜାପଡ଼ା ପର୍ଯ୍ୟନ୍ତ ରାସ୍ତା କାଦୁଅ ହୋଇପଡୁଛି। ଏହାଦ୍ୱାରା ଗହଳି ସମୟରେ ଛୋଟ ମୋଟ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ସେହିପରି ପଦ୍ମପୁର ପୁରୁଣା ବସ୍ତି ରାସ୍ତା ଓ ବିଭିନ୍ନ ପଡ଼ାର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା ପାଇଁ ମତ ପ୍ରକାଶ ପାଇଛି।

# ଅମ୍ବାଭୋନାରେ ବିନା ଅନୁମତିରେ ଅପେରା ପ୍ରଚାର

**ଅମ୍ବାଭୋନା, ୧୩।୯ (ସମିସ):** ଓଡ଼ିଶା ସୀମାନ୍ତ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଞ୍ଚଳର ଭୁକ୍ତା, ପ୍ରକାଶପୁର, ଚିଖିଲି, ଗଣ୍ଡିଆପାଲି, ସାଲ୍‌ହେପାଲି, ଭେିନାତୁରା, ରୁଚିଦା ଆଦି ଗାଁ ମାନଙ୍କରେ ବିନା ଅନୁମତିରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସ୍କୁଲ ସମୟରେ ଜୋରସୋର ପ୍ରଚାର କରାଯାଉଛି। ବରଗଡ଼ ଜିଲ୍ଲାରେ ଅପେରାକୁ ଅନୁମତି ନ ଥିବା ବେଳେ ଦଲାଲ ମାନଙ୍କ ସାହାଯ୍ୟରେ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ଖୁବ ନିକଟ ଗାଁ ମାନଙ୍କରେ ଯଥା ଝାରସୁଗୁଡା ଓ ବରଗଡ଼ର ସୀମାନ୍ତ ଦେହେରୀ ଢ଼ିପାରେ ଯାତ୍ରା ପାର୍ଟି ପକା ଯାଇଛି। ପାଞ୍ଚ ଶହ, ତିନି ଶହ, ଦୁଇଶହ ଟଙ୍କା ଟିକେଟ ରଖି ସାଧାରଣ ଜନତାଙ୍କ ଠାରୁ ଶୋଷଣ କରାଯାଉଛି। ଅନୁମତି ନ ଥିଲେ ମଧ୍ୟ ଡାକବାଜି ଯନ୍ତ୍ରରେ ବାରମ୍ବାର ପ୍ରଚାର ଦ୍ୱାରା ଶବ୍ଦ ପ୍ରଦୂଷଣର ଶିକାର ହେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଗାଁ ଗାଁରେ ଉଚ୍ଚ ସାଉଣ୍ଡରେ ପ୍ରଚାର ହେବା ଦ୍ୱାରା ସ୍କୁଲ କଲେଜରେ ପାଠ ପଢ଼ାର ବ୍ୟାଘାତ ସୃଷ୍ଟି ହେଉଛି। ପୂଜା ପାର୍ବଣରେ ସାଉଣ୍ଡ ପାଇଁ ଅନୁମତି ମାଗିବା ପାଇଁ ଆବେଦନ କରିବାର ବ୍ୟବସ୍ଥା ଥିବା ବେଳେ ବିନା ଅନୁମତିରେ ଅପେରା ପ୍ରଚାର କରାଯାଉଛି। କାହା ଛତ୍ରଛାୟାରେ ବିନା ଅନୁମତିରେ ଦଲାଲ ମାନେ ଅପେରା ପ୍ରଚାର କରୁଛନ୍ତି ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ତଦନ୍ତ ପୂର୍ବକ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ଅମ୍ବାଭୋନା ପୁଲିସକୁ ପଚାରିବାରୁ ପ୍ରଚାର ପାଇଁ କୌଣସି ଅନୁମତି ନ ଥିବା ସୂଚନା ମିଳିଥିଲା।

# ବାମରା ଟ୍ରଷ୍ଟ ଫଣ୍ଡ କଲେଜ୍‌ରେ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


**କୁଚିଣ୍ଡା, ୧୩।୯ (ସମିସ):** ବାମରାସ୍ଥିତ ଟ୍ରଷ୍ଟ ଫଣ୍ଡ କଲେଜ୍‌ରେ ନୂତନ ଅଧ୍ୟକ୍ଷଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବହୁଦିନ ଧରି କଲେଜ୍‌ର ଅଧ୍ୟକ୍ଷ ପଦ ଖାଲି ପଡ଼ିରହିଥିବାରୁ, ଏହି ସମୟସୀମାରେ କଲେଜ୍‌ର ବିଭିନ୍ନ ଅଧ୍ୟାପକମାନେ କ୍ରମାଗତ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସୂଚନା ଅନୁସାରେ, ବିଜେପୁର ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କୁ ବାମରା ଟ୍ରଷ୍ଟ ଫଣ୍ଡ କଲେଜ୍‌ର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ସେହି ଦିନ ଅଧ୍ୟାପକ ଅନିତା ହୋରୀ ତାଙ୍କୁ ବିଧିବଦ୍ଧ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଅପରାହ୍ନରେ କଲେଜ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁ, ରବିଶ ଶୁକ୍ଲା, ପ୍ରଭାସିନୀ ଓରାମ, ଦୀପକ ମେହେର, ପ୍ରସନ୍ନ ନାଏକ, ସୁଶାନ୍ତ ନାଏକ, ସବିତା ନାଏକ, ମହମ୍ମଦ ଅସଲମ, ଅନ୍ନପୂର୍ଣ୍ଣା ନାଏକ ସହିତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସଭାସ୍ଥଳରେ ସମସ୍ତେ ନୂତନ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜ୍ଞାପନ କରିଥିଲେ।

# ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ

**ବରଗଡ଼, ୧୩।୯ (ସମିସ):** ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଥମ ସମ୍ପାଦକ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ୩୧ ତମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଏବଂ ଅଭୟ ପ୍ରଧାନ, କମିଟି ସଦସ୍ୟ ମେଘନାଦ ସାହୁ, ନନ୍ଦିଘୋଷ ମହାପାତ୍ର, ସମାଜସେବୀ ଦିବାକର ମାଝି ଓ ଶିକ୍ଷକ ଦୁଃଖୀ ସେବକ ସାହୁ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ମିଶ୍ର ୧୯୯୧ ରୁ ୧୯୯୩ରେ ତାଙ୍କ ଦେହାନ୍ତ ପର୍ଯ୍ୟନ୍ତ ବିଦ୍ୟାଳୟର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com





# ନୀଳମଣି

ମହାଶ୍ୱେତା ସାହୁ

ଏଇ ଆକାଶ ବି ତୁମର ନୁହେଁ ! ଯେଉଁଠି ଜହ୍ନ, ତାରା, ଆକାଶରେ ଆସନ୍ତି ଓ ଯାଆନ୍ତି। ସୂର୍ଯ୍ୟ ମଧ୍ୟ ନୁହେଁ, ତୁମ ନୁହେଁ! କାରଣ ମୁଁ ସମୟର ଦାସ ନୁହେଁ, ମୁଁ ସମୟକୁ ଦାସ କରେ। ମୁଁ... ରାବଣ!! ମୋର ଦଶଟା ମୁଣ୍ଡ...ହା...ହା...ହା... ମୁଁ ରାବଣ!!

- "ମୋ ପାଇଁ କିନ୍ତୁ ତୁମେ ନୀଳମଣି!! ଅଜବ ମଣିଷ ତୁମେ। ଅସମାହିତ ପ୍ରଶ୍ନ ପରି ତୁମେ। ଅଡୁଆ ସୂତାଖିଅ ପରି ତୁମେ ଯେତେ ତୁମକୁ ଖୋଲିବ ସେତେ ଗୁଡ଼େଇ ହୋଇ ଯାଉଥିବ। ତୁମକୁ ବୁଝିବା ଭାରି କଷ୍ଟ" କହିଥିଲା ମାନିନୀ ବିମୂଢ଼ ହୋଇ।

କଥାକଥାକେ ତମକୁ କଷ୍ଟ ହୋଇଯାଏ। ଅଭିମାନର ଅସରନ୍ତି ଗନ୍ତାଘର ଯେପରି ତୁମେ। ପ୍ରତି କଥାରେ ଅଭିମାନ। ପ୍ରତିକଥାରେ ଅହଂକାର।

- "ଅହଂକାରୀ କେବଳ ଅହଂକାରୀ ହୁଏ। ପ୍ରେମ କରିପାରେନା। ପ୍ରେମିକ ତୁମେ ହୋଇ ପାରିବନି। ତୁମ ପାଖରେ କେହି ରହିପାରିବେନି। ପ୍ରକୃତ କଥା ତୁମ ପାଖରେ କେହି ରହିବେ ନାହିଁ।" କହିଲା ଅଭିମାନ କରି ମାନିନୀ।

- "କିନ୍ତୁ, ଏଇ ଅହଂକାରୀ ପ୍ରେମହୀନ ମଣିଷକୁ ତ' ତୁମେ ପ୍ରେମ କର !" କହିଥିଲା ଆକାଶ ଦାସ। ତା'ର ଦୁଇ ହାତକୁ ମେଲେଇ କହିଥିଲା- "ଜାଣିରଖ, ତଥାପି ଏଇ ଲୋକଟାର ଏଇ ଅହଂକାର ହିଁ ତା'ର ଗହଣା। ଅହଂକାର ବିନା ତା'ର ଅସ୍ତିତ୍ୱ ନାହିଁ। ଏଇ ଅହଂକାର ପାଇଁ ହିଁ ସେ ସଭିଙ୍କ ପ୍ରିୟ। କାରଣ ଯେବେ ଅଭାବଗ୍ରାସେ, ସେବେ ଏଇ ଅହଂକାରୀ କେବଳ ଏହି ଅହଂକାର ସହ; ଅଭାବ ସହ ଯୁଦ୍ଧ କରେ। ଆଉ ବିଜୟ ମଧ୍ୟ ପାଏ।"

ନିଜ କଥା କହି କହି ଥକି ପଡ଼େନା ଆକାଶ ଦାସ। ନିଜ ମୁହଁରେ ନିଜର ପାପପୁଣ୍ୟକୁ ବଖାଣେ। ବିନ୍ଦାସ ଭାବରେ ଜୀଇଁବାକୁ ସାଥୀ ଖୋଜେ।

କାହାର ଇଚ୍ଛାକୁ ଜାଣିବାର ପ୍ରୟାସ କରେନା, ପ୍ରଶ୍ନ ବିନା ସାଥୀ ବାଛେ। ଭାବେ କେବଳ ସମ୍ପର୍କ ପାଇଁ ନାରୀ ଓ ପୁରୁଷ ଲୋଡ଼ା। ବାକିସବୁ ଅଯୋଗ୍ୟ ବ୍ୟାପାର। ନିଜକୁ ସେ ଶ୍ରେଷ୍ଠ ଭାବେ। ଶ୍ରେଷ୍ଠ ମଧ୍ୟ କହେ। ତେଣୁ ସେ ଶ୍ରେଷ୍ଠା ଖୋଜେ।

କହେ ମୋଠୁ ଶ୍ରେଷ୍ଠ ପ୍ରେମିକ ଏ ଦୁନିଆରେ ପାଇବ ନାହିଁ। ଯେ ନିର୍ଭେଜାଲ ଭଲ ପାଇପାରେ। ସବୁ ଅତୀତର ଇତିହାସକୁ ପଛକରି ତୁମକୁ ସତୀ ପରି ପୂଜା କରିପାରେ। ଯେ ପ୍ରେମକୁ ଶ୍ରେଷ୍ଠ ତପସ୍ୟା ଭାବେ। ଯେ ପ୍ରେମିକାକୁ ପୂଜା କରିପାରେ। ଦେହରେ ନୁହେଁ ଆତ୍ମାରୁ ଖୋଜେ। ତାସହ ଖେଳିବ, ବୁଲିବ, ହସିବ, ଡେଇଁବ, ଖାଇବ.... । କିନ୍ତୁ ତାକୁ ନଷ୍ଟ କରିବ ନାହିଁ। ପ୍ରେମିକା ତା'ର ଦେବୀଟିଏ !

- ମୁଁ ବୁଝୁଛି ମୁଁ ପ୍ରେମ କରିବା ଶିଖି ନାହିଁ। ପ୍ରେମିକ ପାଖରେ ଯେଉଁ ଶବ୍ଦରେ ଯାଦୁଥିବା କଥା, ସେ ଯାଦୁ କରିପାରୁନି। ସତ କହିଦିଏ...ମତେ କ'ଣ ହୁଏ କେଜାଣି ମୁଁ ସତ କହିଦିଏ!! ସେପାଇଁ ମୋର ପ୍ରେମିକା କିଏ ରହେନି ବେଶୀଦିନ!! କଣ୍ଠରେ ହତାଶ ଥିଲା, ଦୁଃଖ ଥିଲା।

- ଏତେ ବି ସତ କୁହନା, ଯେକେହି ସତକୁ ସହ୍ୟ କରିପାରିବେ ନାହିଁ। - ବିବସ ହୋଇ କହିଥିଲା ମାନିନୀ।

ହଁ ଜାଣୁଛି ମୁଁ ଅସଭ୍ୟ, ମୋ ଶବ୍ଦରେ ବାଡ଼ବତା ନାହିଁ, କିନ୍ତୁ ମୁଁ ଏତେ ଖରାପ ମଧ୍ୟ ନୁହେଁ। ମୁଁ ପ୍ରେମ ଖୋଜୁଛି। ପ୍ରେମିକା ଖୋଜୁଛି, ଯେ ରହିବ ମୋ ସହ ଜୀବନର ଶେଷଯାଏ। ମୁଁ ବଦଳି ଯିବାକୁ ଚେଷ୍ଟା କରିବି। ତୁମେ ଜାଣି ରଖ।

କିନ୍ତୁ ସ୍ଥିର କିଛି ମଧ୍ୟ ନୁହେଁ। ଏ ଜୀବନ କିମ୍ବା ସମ୍ପର୍କ ମଧ୍ୟ ଚିରସ୍ଥାୟୀ ନୁହେଁ। ଖୁବ୍ ଅନ୍ତରଙ୍ଗ ଆପଣାର ବୋଧ ହଉଥିବା ସବୁଠାରୁ ପ୍ରିୟ ମଣିଷଟା ଦିନେ ସେତେ ପ୍ରିୟ ରହେ ନାହିଁ। ସମୟ ସହ ବଦଳିଯାଏ ସବୁ। ଏଇ ବଦଳିବା କିଛି ଭୁଲ୍ ନୁହେଁ – ଏହା ହିଁ ସତ୍ୟ !! ଏହାକୁ ଗ୍ରହଣ କରିବା ଉଚିତ।

- ହା...ହା...ହା... ଯାହା ବଦଳିଯାଏ ତା' କି ପ୍ରେମ। ଯାହା ଛାତିରେ ନ ରହେ ସେ କି ପ୍ରେମ, ଯାହା ତୁମକୁ ଚିରକାଳ ଆବଦ୍ଧ କରେ ବଦଳିଯିବାର ରାସ୍ତା ଦେଖାଏ ସେ କି ସମ୍ପର୍କ... ?? ଉଚ୍ଚ ହାସ୍ୟ କରି କହିଲା ଆକାଶ।

ମାନଚିତ୍ରର ଅନେକ କଥା ବଦଳିଯିବ, ମାତ୍ର ପ୍ରତ୍ୟେକ ଦିନ ନୂଆ ହୋଇ ସମ୍ପର୍କରେ ନୂତନତା ଆଣୁଥିବ।

ଜାଣୁ ଆକସ୍ମିକ ଦୁଃଘଟଣା ବା ଘଟଣାରୁ ତିଆରି ହୁଏ ସମ୍ପର୍କ। ଯେବେ ଅଡୁଆସୂତା ଖିଅ ହୋଇଯାଏ, ସେତେ ନିବିଡ଼ ହୋଇଯାଏ। ଆଉ ସେଥିରୁ ମୁକୁଳି ନ ପାରିବା ହିଁ ସମ୍ପର୍କର ମାଧୁର୍ଯ୍ୟ ଥାଏ!!

ଜୀବନ ଜୀଇଁ ପାରିଲେ ଖୁବ୍ ସୁନ୍ଦର। ନ ପାରିଲେ ଜୀବନ ଗୋଟେ ବୋଝ। ଦ୍ୱାପର ହେଉ କି ତ୍ରେତୟା ଅବା କଳି ସବୁକାଳେ ରାବଣର ମୃତ୍ୟୁ ସୁନିଶ୍ଚିତ!!- ଏତେ ସବୁ କଥା କହୁଥିବା ଲୋକ ଆଖିରେ ଲୁହ ଥିଲା। ସେ ଲୁହ କିନ୍ତୁ ଏକାନ୍ତ ନିଜସ୍ୱ, ଏକାନ୍ତ ଅନ୍ତରଙ୍ଗ।

ଦୁଃଖୀ ହୋଇ କହୁଥିଲା ଆକାଶ ଦାସ। ଲୁହ ଛଳ ଛଳ ଆଖିରେ କହିଲା – "ଜାଣ ତୁମେ ଏମିତି ପ୍ରେମାସ୍ପଦ, ତୁମକୁ ବୁଝାଇ ପାରୁନି କି ବୁଝି ମଧ୍ୟ ପାରୁନି। ଏମିତି ଜାଗାରେ ଅଛ ଯେଉଁଠି ମୁଁ ତୁମକୁ ପାର କରିପାରୁନି କି ପାଇ ମଧ୍ୟ ପାରୁନି। ତୁମକୁ ଅତିକ୍ରମ କରିଯିବାର କ୍ଷମତା ଯେମିତି ମୋ ପାଖରେ ନାହିଁ।"

ତୁମେ ଏମିତି ତର୍ପଣ ଯାହା ବିନା ପୂଜା ଅର୍ଘ୍ୟ। ତୁମେ ଏମିତି ଯେଉଁଠି ପ୍ରେମ ଓ ଘୃଣା ଏକାକାର। ଧର୍ମ ଓ ପ୍ରେମ ମଧ୍ୟରେ ଫରକ କିଛି ନାହିଁ। ଧର୍ମ ଓ ପ୍ରେମରେ ଶୁଦ୍ଧ ଭାବନା ଲୋଡ଼ା, ସୁଦ୍ଧ ମନୀଷା ଲୋଡ଼ା ଯାହା ତୋ ପାଖରେ ନାହିଁ। ତୁମେ ଗୋଟେ ପଥର।

ମାନିନୀ ନିରବ ହୋଇ ଯାଇଥିଲା – "ଅହଂକାରୀ ତୁମେ, କଦାପି ବଦଳିବ ନାହିଁ" ବୋଲି ବାହୁଡ଼ି ଗଲା।

ତୋ ପାଖରେ ମୁଣ୍ଡବାଡ଼େଇ ରକ୍ତାକ୍ତ ହେବା ଛଡ଼ା ଭିନ୍ନ କିଛି ପ୍ରାପ୍ତି ନାହିଁ। ସତକୁ ମୁଁ ରକ୍ତାକ୍ତ, କ୍ଷତାକ୍ତ, ଯନ୍ତ୍ରଣାରେ ଛଟପଟ ହଉଥିବା ରାବଣ ଯେ ଜାଣେ ସୀତାକୁ କଦାପି ପାଇବ ନାହିଁ। ସୀତା ହିଁ ତା'ର ମୃତ୍ୟୁର କାରଣ ସବୁ ସତ୍ତ୍ୱେ ସେ ସୀତାକୁ ପ୍ରେମ କରିବା ଛାଡ଼ିଲା ନାହିଁ!!

ଗୋଟେ ନିଷ୍ଫଳ ପ୍ରାର୍ଥନା ସହ ଆକାଶ ଦାସ ବସିଥିଲା ମନ୍ଦିର ବେଢ଼ାରେ। ଯେଉଁଠି ଚମ୍ପାଫୁଲର ମହକ, କୋଇଲିର କୁହୁତାନ ସତ୍ତ୍ୱେ ଗୋଟେ ନିର୍ଜନକୁଞ୍ଜର ହାହାକାର ଶୁଭୁଥିଲା ପବନରେ। ପବନର ବାମ୍ବାରେ ମଧ୍ୟ ଗୋଟେ ଅସହାୟ ଆବେଗ ବନେଇ ଦେଇଥିଲା ସ୍ରୋତର ଢେଉ ପରି ଆକାଶ ଦାସର ଛାତିରେ।


ପ୍ରିୟତମା ମାନିନୀ ଯେବେ ପ୍ରତିଶ୍ରୁତି ପରିହାର କରି ଅନ୍ୟ କାହାର ଜୀବନସାଥୀ ପାଲଟି ସାରିଥିଲା। ତଥାପି ଆକାଶ ଦାସ ଗୋଲାପି କାଗଜର ଡଙ୍ଗା କରି ତା' ଦେହରେ ନୀଳ ରଙ୍ଗର ସାହିରେ ମାନି... ଲେଖି ପାଣିରେ ଭସାଇ ଦେଉଥିଲା....!! ■

ଅଧ୍ୟାପିକା ଓଡ଼ିଆ ବିଭାଗ
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ
ସେକ୍ଟର -୦୨, ରାଉରକେଲା-୨
ସୁନ୍ଦରଗଡ଼-୭୬୯୦୦୬

## ପୁସ୍ତକ ପରିଚୟ

### ବହ୍ନିକା

**ଶୁଭଶ୍ରୀ ଶୁଭସ୍ମିତା ମିଶ୍ର**





ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଦେବୀ ତୁ ଦର୍ପଣରେ ମୋତେ ଦିଶୁଥାଉ ମୋର ଛାଇ ପରି/ ମୁଁ ତୋତେ ବାରମ୍ବାର ଆଉ ବାରମ୍ବାର ଗୋଟାଏ/ କେବେ ମୋ ଜେଜେମା'ର କବର ତଳୁ ତ/କେବେ ମୋ ବୋଉର ରକ୍ତଝରା ଜରାୟୁରୁ,/ ତୁ ପାହି ଆସୁଥାଉ ଦେବୀ/ ସୂର୍ଯ୍ୟାସ୍ତର ଲୋହିତ ଲାଲିମାରେ/ ତୋର ମୁହଁ ଦିଶେ ଧରିତ୍ରୀ ପରି,/ ତୋ ମୁହଁ ଦିଶେ ଧର୍ଷିତା ନାରୀ ପରି!" (ଦେବୀସୂକ୍ତ) ଏଭଳି ଦେବୀ ଓ ନାରୀର ନାନା ରୂପ ପ୍ରତିଫଳିତ ହୋଇଛି ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ 'ବହ୍ନିକା' କବିତା ପୁସ୍ତକରେ। କେବେ ନାରୀର କୋମଳ ରୂପକୁ ପୁଣି କେବେ ନାରୀର ମହିଷାମର୍ଦ୍ଦିନୀ ରୂପକୁ ଆଙ୍କିବାରେ କବି ବେଶ୍ ସିଦ୍ଧହସ୍ତ। 'ଦେବୀମୁହଁ', 'ଅଗ୍ନି ଓ ଅସ୍ତ୍ର', 'ଦେବୀ ଓ ରକ୍ତବୀର୍ଯ୍ୟ', 'ଦେବୀ ଓ ପ୍ରେମିକ', 'ରୂପଜୀବୀ', 'ଈଶ୍ୱରବୋଧ', 'ଅଭାଗ୍ୟଲିପି', 'ନିଆଁରଙ୍ଗ', 'ଯୁଦ୍ଧୋତ୍ତର ଜଣେ ସ୍ତ୍ରୀଲୋକର ଡାକ', 'ଈଶ୍ୱରଙ୍କ ମୃତ୍ୟୁରେ', 'ଆସନ୍ତା ଦୁର୍ଗାପୂଜା', 'ଜାତିଭେଦ', 'ଲିଲିଥ୍' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ନାରୀ ଆଖିର ଲୁହ, ହୃଦୟର ବେଦନା ଏହି ପୁସ୍ତକର ଅନେକ କବିତାରେ ପ୍ରସ୍ଫୁଟିତ ହୋଇଉଠିଛି ଜୀବନ୍ତ ଭାବେ। ସାମାଜିକ ଅବ୍ୟବସ୍ଥା, ସାମାଜିକ ମୂଲ୍ୟବୋଧର ଅବକ୍ଷୟ, ରୁଢ଼ିବାଦୀ ଚିନ୍ତାଧାରା, ନାରୀ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି ଅନେକ କବିତାରେ। 'ବହ୍ନିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ହରମାନ୍ ହେସ୍‌ଙ୍କ ସିଦ୍ଧାର୍ଥ

**ଅନୁସୃଜନ: ପ୍ରଦୀପ୍ତ ଶ୍ରୀଚନ୍ଦନ**




ଏଥେନା ବୁକ୍ସ
ଭୁବନେଶ୍ୱର
ତୃତୀୟ ସଂସ୍କରଣ: ୨୦୨୪
ମୂଲ୍ୟ: ୨୫୦ ଟଙ୍କା

ସମଗ୍ର ବିଶ୍ୱ ସାହିତ୍ୟରେ ଏକ କାଳଜୟୀ ଉପନ୍ୟାସ ହେଉଛି ହରମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ'। ଏହି ଲୋକପ୍ରିୟ ଉପନ୍ୟାସକୁ ଓଡ଼ିଆ ଭାଷାରେ ଅନୁସୃଜନ କରିଛନ୍ତି ପ୍ରଦୀପ୍ତ ଶ୍ରୀଚନ୍ଦନ। ବୌଦ୍ଧ ଯୁଗର ସମୟ ଓ ସମାଜ ଭିତ୍ତିଭୂମି ଉପରେ ଏହି ଉପନ୍ୟାସଟି ଆଧାରିତ। ଉପନ୍ୟାସର ମୁଖ୍ୟ ଚରିତ୍ର 'ସିଦ୍ଧାର୍ଥ'ଙ୍କ ଆତ୍ମଲିପିର ଏକ ସୃଜନାତ୍ମକ ପରିପ୍ରକାଶ ଏହି ଉପନ୍ୟାସ। ବୌଦ୍ଧ ଧର୍ମ ଓ ଦର୍ଶନର ପ୍ରତିଫଳନ 'ସିଦ୍ଧାର୍ଥ' ଉପନ୍ୟାସରେ ପାଠକମାନେ ଅନୁଭବ କରିପାରିବେ। ତତ୍କାଳୀନ ଜୀବନଧାରା, ସାମାଜିକ ପୃଷ୍ଠଭୂମି, ଆଧ୍ୟାତ୍ମିକ ଅବବୋଧ, ସତ୍ୟ ଓ ଶାନ୍ତିର ସନ୍ଧାନ, ଶାଶ୍ୱତ ମାନବୀୟ ପ୍ରେମର ବର୍ଣ୍ଣନା 'ସିଦ୍ଧାର୍ଥ' ଉପନ୍ୟାସକୁ ଅଧିକ ଲୋକପ୍ରିୟ କରିଛି। ନିର୍ବାଣ ନୁହେଁ ଜୀବନ ହିଁ ଲୋଡ଼ା- ଏହି ଦର୍ଶନ ପ୍ରତିଫଳିତ ହୋଇଛି ଉପନ୍ୟାସରେ। ସିଦ୍ଧାର୍ଥଙ୍କ ଜୀବନ, ଜିଜ୍ଞାସା, ଦର୍ଶନକୁ କେନ୍ଦ୍ର କରି ଉପନ୍ୟାସର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସୁଖପାଠ୍ୟ କରିବା ପାଇଁ 'ବ୍ରାହ୍ମଣ ପୁତ୍ର, 'ଶ୍ରମଣମାନଙ୍କ ସହିତ', 'ଗୌତମ', 'ଜାଗୃତି', 'କମଳା', 'ଜନସମାଜରେ', 'ସଂସାର', 'ନଦୀ ତଟରେ', 'ନୌବାହକ', 'ପୁତ୍ର' ଆଦି କେତୋଟି ଭାଗରେ ବିଭକ୍ତ କରାଯାଇଛି। ସିଦ୍ଧାର୍ଥଙ୍କ ଜନ୍ମ, ଜୀବନ ଓ ପୁନର୍ଜନ୍ମକୁ କେନ୍ଦ୍ର କରି ଏକ ମହିମ୍ନ ଉପଲବ୍ଧି ଓ ସୃଜନଶୀଳତାର କଳାତ୍ମକ ପରିପ୍ରକାଶ ହେଉଛି 'ସିଦ୍ଧାର୍ଥ' ଉପନ୍ୟାସ। 'ସିଦ୍ଧାର୍ଥ' ଉପନ୍ୟାସଟି ପାଠକଙ୍କ ହୃଦୟସ୍ପର୍ଶୀ ହେବ ବୋଲି ଆଶା କରାଯାଏ। ■

# ସୁଇସାଇଡ୍ ନୋଟ୍



ବିରଜା ବଳ

ନା, ମୁଁ ଚୋରି କରିନି ମା' ।

ପେଟରେ ଭୋକର କଳାବାଦଲ
ଖେଳି ବୁଲୁଥିବା ବେଳେ
ଦୋକାନରୁ ପବନରେ ଉଡ଼ି ଆସିଥିବା
ପାଞ୍ଚଟଙ୍କିଆ ତିନି ପ୍ୟାକେଟ୍ ଚିପ୍ସ
ଗୋଟେଇ ଆଣିଥିଲି ମା'।
ଏତିକି ମୋ'ର ଅପରାଧ ।

ମୁଁ ଚୋର, ମତେ କାନଧରି ଉଠ୍ ବସ୍ କରାଯାଏ ଓ
ଆଣ୍ଠେଇ ଦିଆଯାଏ ମଝି ରାସ୍ତାରେ
ତାଚ୍ଛଲ୍ୟଭରା ହସରେ
ମୋ' ଗାଲରେ ବସୁଥାଏ
ଗୋଟିଏ ପରେ ଗୋଟିଏ ଚାପୁଡ଼ା
ଦିନ ମଝିର ଖରାର ତେଜରେ ମୋ' ବିକଳ ଅଭିମାନ
ମରିଯାଉଥାଏ ମା'।

ତୁମେ ଶିଖେଇଥିବା, ପ୍ରେମ, ଭଲପାଇବା ଓ
ମୋ'ର କୁନି କୁନି କଳ୍ପନା ନିରୀହ ଦୀର୍ଘଶ୍ୱାସରୁ ବାହାରି
କୁଆଡ଼େ ମିଳେଇ ଯାଉଥାଏ ମା'

ତୁମେ ଶିଖେଇଥିବା
ମଣିଷ ଓ ଭୂମିର କେତେ ଯେ କଥା
ମଣିଷ ଓ ଆକାଶର କେତେ ଯେ କଥା
ତୁମର ଗେହ୍ଲାପଣ ଓ ମୋ'ର ଚପଳପଣର
କେତେ ଯେ କଥା !!!
ମୋ'ର ଚୋରପଣକୁ ତମେ କ'ଣ ବିଶ୍ୱାସ କରିବ ମା'?

ତମଠୁ ଶିଖିଚି ଭୋକରେ ରହିବାର କଳା
ମୋ' ପାଟିରେ ଦୁଇଗୁଣ୍ଡା ଭାତ ଗୁଞ୍ଜିଦେଇ
ତମେ କେମିତି ଶୋଇପଡ଼ ଗଭୀର ନିଦ୍ରାରେ
ତୁମ ପେଟ ଉପରେ ମଥାରଖି
ଭୋକକୁ ମୁଁ ଶୁଣିପାରେ ତୁମ ପେଟର କଳକଳରେ ।

ମୁଁ ବୁଝିଯାଇଛି ଭୋକର ସ୍ୱାଦ ପରି
ଚୋରି ଜିନିଷର ସ୍ୱାଦ ନଥାଏ ମା'।

କାହିଁକି କେଜାଣି ଏ ସୁନ୍ଦର ପୃଥିବୀ ମୋ'ର
କ୍ଷଣକେ ନରକ ବୋଲି ପ୍ରତେ ହେଲା
ମଣିଷର ମାନବିକତା ମୋ' ପାଠ ବହିର
ଡାଇନୋସର ପରି ବିଲୁପ୍ତ ହୋଇଯାଉଥିଲା
ଜୀବନର ଆହତ ଫର୍ଦ୍ଦସବୁ ଫଡ଼ଫଡ଼ ହୋଇ
ଚିରିଗଲା ବେଳେ
ଜନ୍ମନେଲା ଏକ ସିଦ୍ଧାନ୍ତ
ମୋ' ଆଗରେ ପୁଣ୍ୟତୋୟା ଗଙ୍ଗାର
ଢେଉଢେଉକା ନୀଳ ଜଳରାଶି, ଉତ୍ତାଳ ତରଙ୍ଗ
ଛିଡ଼ିଗଲା ମୋ'ର ସବୁ ଆଶା,
ଆକାଂକ୍ଷାର ରଙ୍ଗିନ ଜାଲ ମା' ।


ନା, ମୁଁ ଚୋରି କରିନି ମା'
ନା, ମୁଁ ଚୋରି କରିନି ମା'

ଏ ପତ୍ର ପଢ଼ିସାରିଲା ପରେ
ତୁମ କୋଳ ଉପରେ ମତେ ଅନୁଭବ କରିବ ମା'

ଗୋଟେ ମଲା କୁନି ପୃଥିବୀକୁ
ଥରୁଟିଏ ଆଲିଙ୍ଗନ କରିବ ମା'
ମୋ' ନିରପରାଧ ଛାଇଟିକୁ କ୍ଷମା କରିଦବ ମା' । ■

(କବିତାର ବସ୍ତୁ ଆହରଣ : ପ୍ରିୟ ଅନୁସୃଜକ ପ୍ରଦୀପ କୁମାର ରାୟଙ୍କ ଫେସ୍‌ବୁକ ଆଲେଖରୁ । ପଶ୍ଚିମବଙ୍ଗର ପାଁଶକୁଡ଼ାର ତେର ବର୍ଷର ବାଳକ କୃଷ୍ଣେନ୍ଦୁର କରୁଣ ଆତ୍ମହତ୍ୟାର କାହାଣୀ)

ଚିତ୍ରକଳ୍ପ
ବାଲିଗଣ୍ଡ, କୁଆଁରପୁର
ରାମବାଗ, ଯାଜପୁର -୧୪
ମୋ : ୭୭୯୦୦୦୩୪୨



# ବାପା



ଅୟସ୍‌କାନ୍ତ

କି ହେବ ବାପା ହେ
ତମ ବନ୍ଦ ବାକ୍ସ ଭିତରର
ଆଣ୍ଠୁ ନ ଛୁଟା ଖଦୀ
ଗୋଲ ଚଷମା
ଅଣ୍ଟା ବନ୍ଧା ଘଡ଼ି
ତମ ନୂଆନୂଆ ସତ୍ୟାଗ୍ରହରେ
ଆଗ୍ରହ ଥିଲେବି,
ଆଉ ଚାଲିପାରେ ନାହିଁ
ଏବେତ
ମୁଁ ଚାଲେନା
ତମେ ଚାଲନା
ତବେ ଚାଲେ
କା' ଛାଇ
କା' ଛାଇ
କା' ଛାଇ!
ତୁଛାଟାରେ ସିନା ସାବରମତୀରେ
ବଂଶୀ ବାହୁନଇ
ମୁଁ ଚାଲେନା
ତମେ ଚାଲନା
ଚାଲେ ଛାଇ
ଚାଲେ ଛାଇ
ଚାଲେ ଛାଇ! ■

ଗ୍ରାମ୍ୟ ନିର୍ମାଣ ଉପବିଭାଜନ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

# କବିତାରେ ଉତ୍ତର ଆଧୁନିକତା



ଡକ୍ଟର ଚନ୍ଦ୍ରକଳା ନାୟକ

ଅନେକ ସାହିତ୍ୟିକଙ୍କ ମତ ଉତ୍ତର ଆଧୁନିକ କବିତା କିଛି ବି ନାହିଁ। ଏହା କେବଳ ଏକ ଶାବ୍ଦିକ ଚାତୁରୀ। ଉତ୍ତର ଆଧୁନିକ ତତ୍ତ୍ୱ ପାଶ୍ଚାତ୍ୟ ସାହିତ୍ୟର ଏକ ଆଧାରିତ ଶବ୍ଦ। ବିଶେଷ ଭାବେ କବିତା ରଚନା କ୍ଷେତ୍ରରେ ଉତ୍ତର ଆଧୁନିକ ତତ୍ତ୍ୱଟି ଆଦୌ ଗ୍ରହଣୀୟ ନୁହେଁ। ଆଧୁନିକ ତ ବୁଝାପଡ଼େ। କିନ୍ତୁ ଉତ୍ତର ଆଧୁନିକ କ'ଣ ? ବୋଧହୁଏ ଏହା ଏକ ସମୟର କବିତା। ୧୯୮୦ ପରବର୍ତ୍ତୀ କବିତାର ଧାରା ଉତ୍ତର ଆଧୁନିକତା ବୋଲି ଗ୍ରହଣ କରାଯାଇଛି। ଏଭଳି ଦ୍ୱନ୍ଦ୍ୱ ତ ସଦାସର୍ବଦା ଲାଗିଛି। ଏହାର ନିଷ୍କର୍ଷ ମଧ୍ୟ କଠିନ।

ବାସ୍ତବ ସତ୍ୟ ଏହା ଯେ, ଏହା ପାଶ୍ଚତ୍ୟ ସାହିତ୍ୟର ଏକ ତତ୍ତ୍ୱ। ଏମିତି ଦେଖିଲେ ଅନେକ ତତ୍ତ୍ୱ ଅଛି, ଯଥା – ବାମବାଦ, ରହସ୍ୟବାଦ, ମାକ୍ସବାଦ, ପ୍ରୟୋଗବାଦ, ଅସ୍ତିତ୍ୱବାଦ, ଅତି ବାସ୍ତବବାଦ। ଏସବୁ ପାଶ୍ଚାତ୍ୟ ସାହିତ୍ୟରୁ ଆଧାରିତ। ଏସବୁକୁ ଆମେ ଆମ ସାହିତ୍ୟରେ ପରୀକ୍ଷାଧର୍ମୀ ଭାବରେ ଗ୍ରହଣ କରିଛେ। ଯଥାସାଧ୍ୟ ପ୍ରୟୋଗ ବି କରିଛେ। ତେବେ ଏଥିରେ ଦ୍ୱନ୍ଦ୍ୱ ରହିବା ଅନାବଶ୍ୟକ। ଆଧୁନିକ ଶବ୍ଦକୁ ନେଇ ମଧ୍ୟ ଅନେକ ଦ୍ୱନ୍ଦ୍ୱ। ଆଧୁନିକ କବିତାଗୁଡ଼ିକ ମଧ୍ୟ ଅନେକ ସମାଲୋଚନାର ଶରବ୍ୟ ହୋଇଛି। ଏହାର କାରଣ ହେଉଛି, ଆଧୁନିକ କବିତାର ଦୁର୍ବୋଧତା, କ୍ଳିଷ୍ଟତା, ଅବୋଧତା ଏବଂ ପାଠକୀୟ ଗ୍ରହଣୀୟତାଠାରୁ ଦୂରରେ ରହିବା। କେବଳ ଆଧୁନିକ କବିତା ବୌଦ୍ଧିକତା ମଧ୍ୟରେ ସୀମାବଦ୍ଧ ହେବା। ଏହି ଆଧୁନିକ କବିତା ନିର୍ଦ୍ଦିଷ୍ଟ ଶ୍ରେଣୀର ପାଠକଙ୍କ ପାଇଁ ରଚିତ ହୋଇଥାଏ। ସାଧାରଣ ମଣିଷର ଚେତନ ଶକ୍ତିକୁ ଏହା ଛୁଇଁ ପାରିନାହିଁ। ତଥାପି ସାହିତ୍ୟରେ ଏହାର ପରୀକ୍ଷା ଅନବରତ ଚାଲିଛି। ଗଦ୍ୟମୟତା ଏହାର ମୁଖ୍ୟ ବିଷୟ। ସାଧାରଣ ଭାବେ ତାର ଅନ୍ତସତ୍ତାକୁ ବୁଝିବା କଷ୍ଟସାଧ୍ୟ। ବାସ୍ତବ ସତ୍ୟଟି ହେଉଛି, ଏହା ପାଶ୍ଚାତ୍ୟ ସାହିତ୍ୟର ଆତ୍ମିକ ସତ୍ତାର ଅନୁକରଣ। ଆମର ନିଜସ୍ୱ ପ୍ରାୟତଃ ଏଥିରେ କିଛି ନାହିଁ। ଇଲିୟାଟୀୟ କାବ୍ୟ ଦୃଷ୍ଟିରୁ ଏହା ମୋହାବିଷ୍ଟ ।

ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କଠାରୁ ଅଦ୍ୟାବଧି ଅନେକ କବିତା ଏହି ଧାରାରେ ରଚନା କରାଯାଇଛି। ହୁଏତ ସବୁ କବିତା ଏହି ଧାରାର ଅନ୍ତର୍ଭୁକ୍ତ ନୁହନ୍ତି । କହିବାକୁ ଗଲେ ଉତ୍ତର ଆଧୁନିକ କବିତା ଦୁର୍ବୋଧତା ବିରୋଧରେ ଏକ ପ୍ରତିବାଦ। ପାଠକ ଓ ଲେଖକଙ୍କ ମଧ୍ୟରେ ଦୂରତା ହ୍ରାସ କରିବାର ଏକ ପ୍ରୟାସ। ପାଠକର ନିକଟତର ହେବାକୁ କବିଟିର ଏହା ପ୍ରଥମ ଅଭିଳାଷ। ଉତ୍ତର ଆଧୁନିକ କବିତା – ସମାଜର ପ୍ରତିନିଧିଟିଏ। ଏହା କୌଣସି ବ୍ୟକ୍ତିର ଜାଗିର ନୁହେଁ, ବରଂ ଏହା ସର୍ବଜନାଦୃତ ଶ୍ରୋତଟିଏ । ଗୋଟିଏ ଅର୍ଥରେ କହିଲେ ପାଠକର ଗ୍ରହଣୀୟତା ହିଁ ଉତ୍ତର ଆଧୁନିକତା। କବିଟିଏ କେବେ ବି ଅହଂକାରୀ ନହେଉ ଏହି ମୂଳତତ୍ତ୍ୱକୁ ଉତ୍ତର ଅଧୁନିକ କବିତା ବଖାଣିଥାଏ।

ରହସ୍ୟମୟତାକୁ ପରିତ୍ୟାଗ କରି ବାସ୍ତବତାରେ ସେ ବିଶ୍ୱାସ କରେ। ମାଟି ପ୍ରତି ଅହେତୁକ ମୋହ ଉତ୍ତର ଆଧୁନିକ କବିତାର ପ୍ରମୁଖ ବିଭବ। ଆଧ୍ୟାତ୍ମିକତା ଅପେକ୍ଷା ଜୀବନ ଜଗତ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥାଏ। ଉତ୍ତର ଆଧୁନିକ କବିଟିଏ କେବଳ ଅନ୍ୟର ଇଚ୍ଛା ଅଭୀପ୍ସାକୁ କୋଳାଗ୍ରତ କରିଛି । ଆତ୍ମ ସଚେତନ ହୋଇ ଆତ୍ମ ଆବିଷ୍କାରକ ହେବା କବି ପାଇଁ ଏକ ସଂକେତ ଆଣିଛି। କାରଣ ଉତ୍ତର ଆଧୁନିକ କବିତାରେ କବିତା ନିଜସ୍ୱ ଚେତନାର ଅଭିବ୍ୟକ୍ତି ସାଜିଥାଏ। ସମାଜ ସହିତ ତା'ର ସଂପୃକ୍ତି, ପାରିପାର୍ଶ୍ୱିକ ପରିବେଶ ପ୍ରତି ଆସକ୍ତି, ନିଜ ଭିତରେ ଅନ୍ୟର ଅନ୍ୱେଷଣ, ଅନ୍ୟ ପ୍ରତି ନିଜର ଅନ୍ତରଙ୍ଗତା, ବିଶେଷ ଭାବରେ ହୃଦୟଶୀଳତା ହିଁ ଏହାର ପ୍ରକୃତ ଉତ୍ସ।

ଉତ୍ତର ଆଧୁନିକ କବି କେବେ ବି ପଳାୟନବାଦୀ ନୁହେଁ। ଜୀବନର ବିବିଧ କ୍ଷେତ୍ରକୁ ସାମ୍ନା ବି କରେ, ତା'ର ସମାଧାନର ବାଟ ବି ଫିଟାଏ। ପରମ୍ପରାକୁ ପୁନଃ ଭାବରେ ଗଢ଼ି ତୋଳେ। ଏହି ଧାରାର କବିଟିଏ ନୂତନ ସାଂସ୍କୃତିକ, ଐତିହାସିକ ଓ ନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରେ। ବିଶ୍ୱାସ ରଖେ - ବ୍ୟକ୍ତିର ସ୍ୱତନ୍ତ୍ରତାରେ ଏବଂ ସାଧାରଣ ମଣିଷର ଅନ୍ତସତ୍ତାରେ। ଆତ୍ମିକ ଆବେଦନ ହିଁ କବିତାଟିକୁ ପୂର୍ଣ୍ଣ ରୂପ ପ୍ରଦାନ କରିଥାଏ। ଆଧୁନିକ କବିତାର ସମସ୍ତ ସଂଜ୍ଞାକୁ ଉତ୍ତର ଆଧୁନିକ କବିତା ବିଶ୍ୱାସ କରେନାହିଁ। ବ୍ୟକ୍ତି ସତ୍ତା ଜୀବନ ଜିଜ୍ଞାସା ସହ ସମାହିତ ହୋଇ ଏଥିରେ ଅଭିବ୍ୟକ୍ତ ହୁଏ । ଏହାର କାବ୍ୟିକ ସ୍ୱର କରୁଣା ବିଚଳିତ, କୋମଳତାରେ ସ୍ନିଗ୍ଧତା, ହୃଦୟବତ୍ତା, ଅନ୍ତରଙ୍ଗତା କାବ୍ୟିକ ଚେତନାର ଭୂମି ହୋଇ ଥିବାରୁ ପାଠକଙ୍କୁ ଖୁବ୍ ସ୍ପର୍ଶ କରିପାରେ। କବିତାରେ ଈଶ୍ୱର ଅପେକ୍ଷା ମଣିଷ, ଆଧ୍ୟାତ୍ମିକତା ଅପେକ୍ଷା ମାନବିକତା, ପଳାୟନ ଅପେକ୍ଷା ପରିଗ୍ରହଣତା ଅଧିକ ସଂଗଠିତ ହୋଇଛି। ଉତ୍ତର ଆଧୁନିକ କବିତା ନିଃସଙ୍ଗତା, ବୀତସ୍ପୃହତା, ସ୍ୱପ୍ନ ଭଙ୍ଗରେ ଆଦୌ ଭରସା କରେ ନାହିଁ। ଉତ୍ତର ଆଧୁନିକ କବିତା ଅନ୍ଧାର ଭିତରେ ଏକ ଆଲୋକର ଅନ୍ୱେଷଣ କରେ।

ଲଣ୍ଡନ ପୋଲ ଭାଙ୍ଗି ଯିବାର ଏକ ପୁରୋଦୃଷ୍ଟି ସମ୍ପନ୍ନ ପ୍ରତୀକାତ୍ମକ ବିବିଧତା ଉତ୍ତର ଆଧୁନିକ କବିକୁ କେବେ ବି ବ୍ୟତିବ୍ୟସ୍ତ କରିନାହିଁ। ବର୍ଣ୍ଣବୈଷମ୍ୟ, ମଦମୃତ୍ୟୁ, ବିସ୍ଥାପିତଙ୍କ ଅସହାୟତା, କନ୍ଧମାଳର ଦଙ୍ଗା, ଭଣ୍ଡବାବା, ମହିଳାଙ୍କୁ ହତ୍ୟା – ଏହିଭଳି ନିକ୍ଷେପିତ ଓ ନିପୀଡ଼ିତ ମାନବାତ୍ମର ସ୍ୱରକୁ ଏହା ବାରମ୍ବାର ଅନୁରଣିତ କରିଛି। ଏଗୁଡ଼ିକ ଉତ୍ତର ଆଧୁନିକ କବିତାର କେତେକ ଉପଜୀବ୍ୟ କାବ୍ୟବସ୍ତୁ।

ଉତ୍ତର ଆଧୁନିକ କବିଟିର ସାମ୍ୟବାଦୀ ଦୃଷ୍ଟି ତୀକ୍ଷ୍ଣ, ସ୍ୱଷ୍ଟ, ସତ୍ୟନିଷ୍ଠ। ଏହା ହୃଦୟର ଏକ କାରୁଣିକ ଉପଲବ୍ଧ। ଅନ୍ୟର ଦୁଃଖ ଓ ଉତ୍ପୀଡ଼ନକୁ ନିଜ ଭିତରେ ଆତ୍ମସ୍ଥ କରିବାର ସମସ୍ତ ଭାବନା ତା ଭିତରେ ଉପଲବ୍ଧ କରିହୁଏ। ଉତ୍ତର ଆଧୁନିକ କବିତାର ସାମ୍ୟବାଦୀ ଦୃଷ୍ଟି ବିଶେଷ ଭାବେ ସହାନୁଭୂତି ସମ୍ପନ୍ନ, ଆନ୍ତରିକ, ବ୍ୟକ୍ତିପକ୍ଷ ଓ ଅଭିବ୍ୟକ୍ତି ପକ୍ଷ ଭିତରେ ସନ୍ତୁଳନଟିଏ ବେଶ ସ୍ୱଷ୍ଟ। ସ୍ୱାଭାବିକ ଭାବେ ବ୍ୟକ୍ତିଗତ ସ୍ୱତନ୍ତ୍ର ଅନୁଭୂତି ଅନୁଭବର ସାଧାରଣୀକରଣ ମଧ୍ୟରେ ସମ୍ଭବ ହୋଇ ପାରିଛି। ଯଥାର୍ଥରେ ଏଗୁଡ଼ିକ ହିଁ ଉତ୍ତର ଆଧୁନିକ କବିତାର ଆତ୍ମିକ ଭାବବସ୍ତୁ। କିନ୍ତୁ ଏହାର ଆଙ୍ଗିକ ଶୈଷ୍ଠବ ଆତ୍ମା ସହିତ ସଂପୃକ୍ତ।

ଜଣେ ବିଶିଷ୍ଟ କବିଙ୍କ ଭାଷାରେ କବିର ଆଙ୍ଗିକ ହିଁ ଆତ୍ମିକ। ଯେଉଁଥିରେ ଭାବଟି ଗମ୍ଭୀର ଥିବ, କିନ୍ତୁ ଅଙ୍ଗ ଯଦି ଦୁର୍ବଳ ହେବ ତେବେ ତାହା ସଫଳ କବିତା ସୃଷ୍ଟି କରିବା ଅସମ୍ଭବ । ଶବ୍ଦଚିତ୍ର ପ୍ରୟୋଗ ଆଜିର ନୁହେଁ। ମାଟିର ମହାକବି ଶୁଦ୍ରମୁନି ଶାରଳା ଦାସଙ୍କଠାରୁ ଏପର୍ଯ୍ୟନ୍ତ ଏହା କବିତାର ପ୍ରମୁଖ ବିଭବ। ଶବ୍ଦଚିତ୍ର ହିଁ କାବ୍ୟିକ ଭାବାବେଗକୁ ସାନ୍ଦ୍ର କରିଥାଏ । ଶବ୍ଦର ଚୁମ୍ବକୀୟ ଶକ୍ତି ଦ୍ୱାରା ଚିତ୍ରଟି ଆମ ଅନ୍ତରର ଗଭୀରତାକୁ ସ୍ପର୍ଶ କରିଥାଏ। ଚିତ୍ରକଳ୍ପଟିଏ ତ ଆମର ମନନ ଶୀଳତାକୁ ଖୋରାକ ଯୋଗାଇ ଥାଏ। ମାତ୍ର ଅତ୍ୟଧିକ ବିମ୍ବ ପ୍ରୟୋଗ ଦ୍ୱାରା କବିତାକୁ ନିମ୍ନଗାମୀ କରି ଗଢ଼ି ତୋଳେ। ବିଶ୍ୱବ୍ୟାପୀ କାବ୍ୟାଦର୍ଶକୁ ଅନୁକରଣ ଗୁଡ଼ାଏ ଅଯୌକ୍ତିକ ଶବ୍ଦଚିତ୍ର ନିର୍ମାଣ କରିବାର ମାର୍ଗ ଦେଖାଉଛି। ଆତ୍ମଦର୍ଶୀ ସମାଲୋଚକଙ୍କ ଉତ୍ସାହ ପାଇଁ ସିଧାସଳଖ କଥା କହିବାର ଯେଉଁ ଶୈଳୀ ଆମେ ଗ୍ରହଣ କରିବା ଆରମ୍ଭ କରିଛେ, ସେଥିରେ ବିମ୍ବ ତ ରହିବ, ହେଲେ ତାହା କବିତାକୁ ଭାରାକ୍ରାନ୍ତ କରିବ ନାହିଁ। କବି ବିଶ୍ୱର ଆଶ୍ରୟ ନେଇ ବାସ୍ତବ ସତ୍ୟକୁ କେବେ ବି ପ୍ରତାରିତ କରି ପାରିବ ନାହିଁ। ଗୋଟିଏ ବାକ ବିମ୍ବରେ ଯାହା ସତ୍ୟ ତାହାକୁ ସ୍ୱଷ୍ଟ ଭାବେ ପ୍ରକାଶ କରିବ। ଏହି ଧର୍ମରେ ଉତ୍ତର ଆଧୁନିକ କବିତା ଇନ୍ଦ୍ରିୟବୋଧ ଓ ଭାବର ସଂପ୍ରସାରଣ ହରାଇ ନାହିଁ। ଏହି କବିତା ଧୀରେ ଧୀରେ ଜଟିଳତାରୁ କିପରି ମୁକ୍ତ ହେବାକୁ ତା'ର ପ୍ରୟାସ ଆରମ୍ଭ କରିଛି। କବିତା ସର୍ବଦା ସ୍ୱୟଂ ସଂପୂର୍ଣ୍ଣ । ଶବ୍ଦଚିତ୍ର ଓ କଥାକଳ୍ପ ଯେ ଉତ୍ତର ଆଧୁନିକ କବିତାରେ ନାହିଁ, ତାହା କହିହେବ ନାହିଁ । କିନ୍ତୁ ତାହା ସାର୍ବଜନୀନତା ଓ ବୋଧଗମ୍ୟତାକୁ ବଜାଇ ରଖିଛି । ସାଧାରଣ ଜୀବନରୁ ତଥ୍ୟ ଆହରଣ କରି ଏହାର ସାର୍ବଜନୀନତା ସର୍ବୋତ୍କୃଷ୍ଟ ହୋଇ ପାରିଛି । ଭାଷା ଓ ଭାବର ସରଳତା , ସ୍ୱଚ୍ଛନ୍ଦତା ଉତ୍ତର ଆଧୁନିକ କବିତାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ।

ଉତ୍ତର ଆଧୁନିକ କବିତାର କବି ଚେତନାରେ ଯେଉଁ ଶବ୍ଦଚିତ୍ର ନିର୍ମାଣ କରେ, ସେହି ବିମ୍ବ ଆମ ଭାବବିଶ୍ୱରେ ସହଜରେ ପ୍ରତିଫଳିତ କରେ। ଆମ କଳ୍ପନାର ପରିସରକୁ ପରିବ୍ୟାପ୍ତ କରେ। କବିର ଏକ ପୂର୍ଣ୍ଣାଙ୍ଗ ରୂପରେଖ ତିଆରି କରିବା ସହ ଅନୁଭବକୁ ଏକ ଶାବ୍ଦିକ ଗୁଣ ପ୍ରଦାନ କରେ। ଉତ୍ତର ଆଧୁନିକ କବିତା କବିର ମାନସିକ ଅନ୍ତଃସ୍ୱର ହୋଇ ଥିବାରୁ ରୂପ ବିନ୍ୟାସ ଅପେକ୍ଷା ଭାବ ବିନ୍ୟାସକୁ ଯଥେଷ୍ଟ ଗୁରୁତ୍ୱ ଦିଏ।

ଉତ୍ତର ଆଧୁନିକ କବିତା ବୁଦ୍ଧିର ବିପ୍ଳବ ନୁହେଁ। ଏହା ହୃଦୟର ବିପ୍ଳବ। ଉତ୍ତର ଆଧୁନିକ କବିତା ସିଧା ସଳଖ ହୃଦୟକୁ ଛୁଏଁ। ଭାଷାର ଆନୁଷ୍ଠାନିକତାରୁ ଏହା ଅନେକ ପରିମାଣରେ ବିମୁକ୍ତ। ଆଳଙ୍କାରିକ ଆଟୋପ ନାହିଁ ସତ, ଅଛି ଏଥିରେ ନିଷ୍କପଟ ସ୍ୱାଭାବିକତା। ସର୍ବଶେଷରେ ଉତ୍ତର ଆଧୁନିକ କବିତା ଏକ ଅନୁଶୀଳନାତ୍ମକ ଆଲେଖ୍ୟ। ବିବିଧତାରେ ବିଶ୍ୱାସ କରୁଥିବା ଏହି କବିତା, ଆଙ୍ଗିକର ବିବିଧତାକୁ ମଧ୍ୟ ସମ୍ମାନର ସହ ଗ୍ରହଣ କରିଥାଏ। ■

ଅଧ୍ୟାପିକା
ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର
ମୋ: ୯୪୩୭୯୫୭୬୧୭

ସକାଳ
THE SAKALA



ଛାତ୍ରଙ୍କ ଆଖିରେ ସହପାଠୀ ଫେଭି-କୁଇକ୍ ଲଗାଇବା ଘଟଣା

# ପ୍ରଧାନ ଶିକ୍ଷକ ନିଲମ୍ବିତ

ଫିରିଙ୍ଗିଆ, ୧୩।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ସେବାଶ୍ରମରେ ୮ ଜଣ ତୃତୀୟ ଓ ଚତୁର୍ଥଶ୍ରେଣୀ ଛାତ୍ରଙ୍କ ଆଖିରେ ସହପାଠୀ ଫେଭିକୁଇକ ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଜିଲ୍ଲାପାଳ ବେଦଭୂଷଣ ଏହି ଘଟଣାରେ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି। କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ଅନୁପସ୍ଥିତ ରହିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ଗୁରୁବାର ରାତିରେ ସେବାଶ୍ରମରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ୪ର୍ଥ ଓ ୫ମରେ ପଢୁଥିବା ୮ ଛାତ୍ରଙ୍କ ଆଖିରେ ସେମାନଙ୍କର କିଛି ସହପାଠୀ ଫେଭିକୁଇକ୍ ଲଗାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୭ଜଣଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଭଲ ନ ଥିବା ଜଣାପଡ଼ିଛି। ବିଦ୍ୟାଳୟରେ ଶିକ୍ଷକଙ୍କ ଅବହେଳାରୁ ଏଭଳି ଘଟିଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବ୍ୟକ୍ତିଗତ କାର୍ଯ୍ୟରେ ଆଶାକର୍ମୀଙ୍କୁ ନିୟୋଜିତ କରୁଛନ୍ତି ଏଏନ୍ଏମ୍

■ କାମ ନ କଲେ ଚାକିରିରୁ ବିଦା ଧମକ
■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ସିଡିଏମ୍ଓ



ମୋହନା,୧୩।୯ (ସମିସ): ସୁରକ୍ଷିତ ମାତୃତ୍ୱ ଲାଭ କରିବାରେ ସହଯୋଗ ସହ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିଛନ୍ତି। ପ୍ରତ୍ୟେକ ଆରୋଗ୍ୟ କେନ୍ଦ୍ରରେ ଜଣେ ଲେଖାଏଁ ଏଏନ୍ଏମ୍ ନିଯୁକ୍ତ କରିବା ସହ ତାଙ୍କ ଅଧୀନରେ ଆଶାକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। କିନ୍ତୁ ଉପାନ୍ତ ଅଞ୍ଚଳରେ ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ସହ ଏଏନ୍ଏମ୍ ନିଜ ସରକାରୀ ଗୃହର ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ଗଜପତି ଜିଲ୍ଲା ମୋହନା ବ୍ଲକର ବୁଢୁଲି ସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ। ସେଠାରେ ଦାୟିତ୍ୱରେ ଥିବା ଏଏନ୍ଏମ୍ ବିଶ୍ୱରଞ୍ଜନୀ ପାଣି ସେକ୍ଟରର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଆଶାକର୍ମୀଙ୍କୁ ଉପକେନ୍ଦ୍ରର ସଫେଇ, ବଗିଚା କାମ, ଘାସବଛା ଆଦି କାର୍ଯ୍ୟରେ ଲଗାଉଥିବା ଆଶାକର୍ମୀମାନେ ଅଭିଯୋଗ କରୁଛନ୍ତି। ଯଦି କେହି କାର୍ଯ୍ୟ କରିବାକୁ ଅମଙ୍ଗ ହୁଏ, ତାକୁ ଉପର ଅଧିକାରୀଙ୍କୁ କହି ଚାକିରିରୁ ବାହାର କରିବାର ଧମକ ମଧ୍ୟ ଦେଉଛନ୍ତି ଏଏନ୍ଏମ୍। ଏନେଇ ଗ୍ରାମବାସୀ, ଜନପ୍ରତିନିଧି ଅବଗତ ହେବା ପରେ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏଏନ୍ଏମ୍ଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଲିଖିତ ଭାବେ ଏକ ଅଭିଯୋଗ ପ୍ରଦାନ କରିଛନ୍ତି। ଏଭଳି ଦବଙ୍ଗ କାର୍ଯ୍ୟଶୈଳୀ ପ୍ରଦର୍ଶନ କରୁଥିବା ଏଏନ୍ଏମ୍ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

ଏନେଇ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍.ଏମ୍ ଅଲ୍ଲୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ଅଭିଯୋଗ ପାଇବା ପରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟ ପଣ୍ଡାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଏଏନ୍ଏମ୍ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ତୃତୀୟ ଶ୍ରେଣୀ ଛାତ୍ରକୁ ବାକ୍ସରେ ପୂରାଇଦେଲେ ସହପାଠୀ

ଅଚେତ ଅବସ୍ଥାରେ ଉଦ୍ଧାର

ବଣାଇଁ, ୧୩।୯(ସମିସ): ଜଣେ ତୃତୀୟ ଶ୍ରେଣୀ ଛାତ୍ରକୁ ସହପାଠୀ ଏକ ବାକ୍ସ ଭିତରେ ପୂରାଇଦେବା ଏବଂ ୪ ଘଣ୍ଟା ପରେ ଛାତ୍ରଜଣଙ୍କ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣା ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ୍ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଜର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏହି ଅଘଟଣ ଘଟିଛି। ସୂଚନାନୁସାରେ, ଶୁକ୍ରବାର ସ୍କୁଲ ହଷ୍ଟେଲରେ ରହୁଥିବା ଦୁଇ ଛାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଫଳରେ, ତୃତୀୟ ଶ୍ରେଣୀର ସ୍ୱସ୍ତିକ କିସାନ ନାମକ ଜଣେ ଛାତ୍ରକୁ ଅନ୍ୟ ଜଣେ ଛାତ୍ର ଏକ ବାକ୍ସରେ ବନ୍ଦ କରିଦେଇଥିଲା। ସ୍ୱସ୍ତିକ କ୍ଲାସ୍‌କୁ ନ ଆସିବାରୁ ଶିକ୍ଷକ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ତାକୁ ଖୋଜାଖୋଜି କରିଥିଲେ। କିନ୍ତୁ ଦୀର୍ଘ ସମୟ ପରେ ମଧ୍ୟ ନ ପାଇବାରୁ ପ୍ରଧାନ ଶିକ୍ଷକ ତା' ପରିବାରଲୋକଙ୍କୁ ଖବର ଦେଇଥିଲେ। ବାପା-ମାଆ ମଧ୍ୟ ସ୍କୁଲରେ ପହଞ୍ଚି ଖୋଜାଖୋଜି କରିଥିଲେ। ତେବେ ଦୀର୍ଘ ୪ ଘଣ୍ଟା ପରେ ସ୍ୱସ୍ତିକର ବାକ୍ସକୁ ଖୋଲିବାରୁ ତା' ଭିତରେ ସେ ମୁମୂର୍ଷୁ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଉଦ୍ଧାର କରିବା ପରେ ବାପା-ମାଆ ତାକୁ ସାଙ୍ଗରେ ଘରକୁ ନେଇଯାଇଥିଲେ। ଏ ସଂପର୍କରେ ପ୍ରଧାନ ଶିକ୍ଷକ ଗଙ୍ଗାଧର ସେଠଙ୍କ ପଚାରିବାରୁ ଛାତ୍ରଜଣଙ୍କ ବଡ଼ଛାତ୍ରଙ୍କ ମାଡ଼ ଭୟରେ ନିଜ ବାକ୍ସରେ ପଶି ଲୁଚି ରହିଥିବା କହିଥିଲେ।

# ୬୨୯ ଫୁଟ୍ ଛୁଇଁଲା ହୀରାକୁଦ ଜଳସ୍ତର

ଖୋଲିଲା ୨ ଗେଟ୍

ସମ୍ବଲପୁର, ୧୩।୯ (ସମିସ): ଶନିବାର ଅପରାହ୍ଣ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୯୧ ଫୁଟ୍ ଛୁଇଁଛି। ନଦୀବନ୍ଧର ବାମ ପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏଁ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୨,୪୯୪ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୪,୩୭୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩୨,୭୦୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୨୭,୦୬୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୨୦ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୩.୨୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୩୩ ଫୁଟ୍ ରହିଥିଲା।

୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୦୬୬୯୫ ମାମଲାର ଫଇସଲା

୨୬୫କୋଟି ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ

କଟକ,୧୩।୯ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକ ସ୍ତରରେ ଆଜି ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩,୦୬,୬୯୫ଟି ମାମଲା ଫଇସଲା ହୋଇଛି ଓ ମୋଟ ୨୬୫କୋଟି ୨୬ଲକ୍ଷ ୯୫ହଜାର ୭୩୯ ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି। ସମାଧାନ ହୋଇଥିବା ମାମଲା ଗୁଡିକ ମଧ୍ୟରେ ପ୍ରାକ ମକଦ୍ଦମା ସ୍ତରୀୟ ୭୬୪୪ଟି ମାମଲା ଓ ବିଚାରାଧିନ କୋର୍ଟ ମାମଲା ୨୨୯୩୬ଟି ଓ ୨,୭୬,୦୯୩ଟି ରାଜସ୍ୱ ମାମଲା ଏହିପରି ମୋଟ ୩,୦୬,୬୯୫ଟି ମାମଲା ଫଇସଲା କରାଯାଇଛି। ଫଇସଲା ହୋଇଥିବା ବିଚାରାଧୀନ ମାମଲା ଗୁଡିକ ମଧ୍ୟରେ ୩୭୦ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ),ଏନଆଇ ଆକ୍ଟ ମାମଲା ୨୨୦୦ଟି, ଟଙ୍କା ଅସୁଲି ମାମଲା ୬୮୨ଟି ଓ ୧୩୦୯ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇପାରିଛି। ସେହିଭଳି ୬୬୦ଟି ପାରିବାରିକ ଓ ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ୨ଟି ଜମି ଅଧିଗ୍ରହଣ ବିବାଦ, ୩୫ଟି ବିଦ୍ୟୁତ, ଜଳ ବିଲ୍ ସଂପର୍କିତ,୩୯ଟି ଶ୍ରମ ଓ ନିୟୋଜନ ସଂପର୍କିତ ୨୭୬୦୯୩ଟି ରାଜସ୍ୱ ମାମଲା,ଅନ୍ୟାନ୍ୟ ଫୌ÷ଜଦାରୀ ମାମଲା ୧୫,୩୭୯ଟି ,ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୩୨ଟି,୨୨୨୮ଟି ଅନ୍ୟାନ୍ୟ ଦେୱାନୀ ମାମଲା ,ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ୨ଟି,ଡିଆରଟି ମାମଲା୮ଟି , ଶିକ୍ଷା ଟ୍ରିବ୍ୟୁନାଲ ମାମଲା ୮ଟି, ଶ୍ରମ ଅଦାଲତ ମାମଲା ୨ଟି,ଶିଳ୍ପ ଟ୍ରିବୁନାଲ ମାମଲା ୨ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ହରିଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ଜଷ୍ଟିସ ମାନସ ରଂଜନ ପାଠକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା,ତାଲୁକ ଓ ଟ୍ରିବୁନାଲ ସ୍ତରରେ ଅନୁଷ୍ଠିତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜସ୍ଥାନରୁ ୧୫ରେ...

ଏହାପରେ ଜୁନ ୨୯ରେ ଅର୍ଥାନ ୯ ଦିନ ପୂର୍ବରୁ ପୂରା ଦେଶକୁ ମୌସୁମୀ ପରିବ୍ୟାପ୍ତ ହୋଇଥିଲା। ସାଧରଣତଃ ଏହା ଜୁଲାଇ ୮ରେ ସାରା ଦେଶକୁ ସମ୍ପୂର୍ଣ୍ଣ ଭାବେ କଭର କରିଥାଏ। ଏଥର ସାରା ଦେଶରେ ଏପର୍ଯ୍ୟନ୍ତ ୮୩୫.୨ ମିମି ବର୍ଷା ହୋଇଛି। ସ୍ୱାଭାବିକ ଠାରୁ ଏହା ୭ ପ୍ରତିଶତ ଅଧିକ।

ଇତିମଧ୍ୟାରେ ହିମାଚଳ ପ୍ରଦେଶର ବିଳାଶପୁରର ନାମହୋଲରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା। ଫଳରେ ଆବର୍ଜନା ତଳେ ୧୦ଟି ଗାଡି ଦବି ଯାଇଛି। ଅନେକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସେହିପରି ମଣ୍ଡି ଜିଲ୍ଲାର ଧର୍ମପୁରରେ ସପଡ଼ି ରୋହ ଗାଁରେ ଶନିବାର ସକାଳେ ଭୂସ୍ଖଳନ ହେବାରୁ ଅନେକ ଘର ପାଣିାରେ ରହିଛି। ହିମାଚଳରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ଏପର୍ଯ୍ୟନ୍ତ ମୋଟ ୩୮୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ରାଜ୍ୟରେ ଏଥର ସମାନ୍ୟଠାରୁ ଅଧିକ ୪୩ ପ୍ରତିଶତ ବର୍ଷା ହୋଇଛି। ଜୁନ୍ ୧ରୁ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ହାରାହାରି ୬୭୮.୪ ମିମି ବର୍ଷା ହୋଇଥାଏ। କିନ୍ତୁ ଏଥର ମୌସୁମୀ ଋତୁରେ ୯୬୭.୨ ମିମି ବର୍ଷା ହୋଇଛି। ଉତ୍ତରପ୍ରଦେଶର ଉନ୍ନାଓରେ ଗଙ୍ଗା ନଦୀର ଜଳସ୍ତର ବିପଦ ସଂକେତର ୨୩ ସେମି ଉଚ୍ଚରେ ରହିଛି। ଫଳରେ ୮୦ଟି ଗାଁ ବନ୍ୟା ଘେରରେ ରହିଛି। ୧୦୦ରୁ ଉର୍ଦ୍ଧ୍ୱ ପରିବାର ବାସହାର ହୋଇଛନ୍ତି। ହିମାଚଳରେ ଏପର୍ଯ୍ୟନ୍ତ ସାମାନ୍ୟଠାରୁ ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି।

### ଭାରତ-ପାକ୍...

କୁହାଯାଇଛି ଯେ ସାମାଜିକ ଗଣମାଧମରେ ପାକିସ୍ତାନୀ ଖେଳାଳି ଭାରତୀୟଙ୍କ ପ୍ରତି ଅପମାନସୂଚକ ଶବ୍ଦ ବ୍ୟବହାର କରୁଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ସହିତ ଖେଳାଯିବା ଉଚିତ ନୁହେଁ। ପହଲଗାମ ଆକ୍ରମଣର ଶିକାର ପରିବାର ମଧ୍ୟ ଏହି ମ୍ୟାଚ୍‌କୁ ବିରୋଧ କରିଛନ୍ତି। ସେମାନେ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଯେଉଁ ୨୬ ଜଣ ପ୍ରାଣ ହରାଇଛନ୍ତି,ସେମାନଙ୍କ ପ୍ରତି ବିସିସିଆଇର ଟିକିଏ ହେଲେ ସମବେଦନା ନାହିଁ।

ଅନ୍ୟପକ୍ଷରେ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଆତଙ୍କବାଦକୁ ସମର୍ଥନ କରୁଥିବା ପର୍ଯ୍ୟନ୍ତ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ମ୍ୟାଚ୍ ନଖେଳିବାକୁ ଭାରତ ନିଷ୍ପତ୍ତି ନେଇଛି। କିନ୍ତୁ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟରେ ଏହା ସମ୍ଭବ ନୁହେଁ, କାରଣ ଭାରତୀୟ ଟିମ୍‌କୁ ଏହା କ୍ଷତି ପହଞ୍ଚାଇବ।

ଦେଶ ଭିତରେ ଏହି ମ୍ୟାଚ୍‌କୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ବିସିସିଆଇ ମୁହଁ ଖୋଲୁ ନାହିଁ। ତେବେ ଯାହା ଖବର ମିଳିଛି ଯେ ଏହାର ଅଧିକାରୀ ଆସନ୍ତାକାଲିର ମ୍ୟାଚ୍‌ରେ ଉପସ୍ଥିତ ରହିବେ ନାହିଁ। କେବଳ ଜଣେ ଅଧିକାରୀ ଉପସ୍ଥିତ ରହିବେ।

### ନୂଆପଡ଼ାରେ ହେବ...

ଜାରି ସୂଚନା ଅନୁସାରେ ସେପ୍ଟେମ୍ବର ୧୪ତାରିଖ ସୁଦ୍ଧା ମତଦାନ କେନ୍ଦ୍ରର ପୁନଃବ୍ୟବସ୍ଥାପନ ବା ପରିବର୍ତ୍ତନ ସହ ୧୫ତାରିଖରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସେହିଦିନଠାରୁ ସେପ୍ଟେମ୍ବର ୨୯ତାରିଖ ପର୍ଯ୍ୟନ୍ତ ଏହା ଉପରେ ଦାବି ଓ ଆପତ୍ତି ଦାଖଲ ଆହ୍ୱାନ, ଅକ୍ଟୋବର ୭ସୁଦ୍ଧା ଦାବି ଓ ଆପତ୍ତିର ସମାଧାନ ଏବଂ ଅକ୍ଟୋବର ୯ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଁ ନିର୍ବାଚନ ଅଧିକାରୀ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଏହାପରେ ମତଦାନ ପାଇଁ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।

### ମେଲୋଡି ଗାର୍ଲଙ୍କୁ...

ସନ୍ଦେହ କରିନଥିଲେ। ପୂର୍ବ ଯୋଜନା ମୁତାବକ, ଚନ୍ଦନ ଓ ପ୍ରସନ୍ନ ଯୁବତୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଅଚେତ କରିବା ପରେ ରୁମ ଭିତରେ ଜଣଙ୍କ ପରେ ଜଣେ ବାରମ୍ବାର ଦୁଷ୍କର୍ମ କରିଥିଲେ।

ଅପରାହ୍ଣରେ ଯୁବତୀଙ୍କ ଚେତା ଫେରିବା ବେଳକୁ ରୁମକୁ ବାହାର ପଟରୁ ତାଲା ପଡ଼ିଥିଲା। କବାଟ ବାଡ଼େଇବା ପରେ କେୟାରଟେକର୍ ରାଜେଶ ତାଲା ଖୋଲି ରୁମକୁ ଆସିଥିଲା। ରାଜେଶ ମଧ୍ୟ ଦୁଷ୍କର୍ମ କରିବାକୁ ଚାହୁଁଛି ବୋଲି ଯୁବତୀଙ୍କୁ କହିଥିଲା। ତା' କଥା ଶୁଣି ଯୁବତୀଜଣଙ୍କ କାନ୍ଦିବାରୁ ଚନ୍ଦନ ଓ ପ୍ରସନ୍ନ ରୁମରେ ପହଞ୍ଚିଥିଲେ। ପରେ ଏକ କାର୍ ଭଡ଼ା କରି ଯୁବତୀଙ୍କୁ ପଠାଇ ଦେଇଥିଲେ। କାର୍ ଚାଳକଜଣଙ୍କ ପୀଡ଼ିତାଙ୍କୁ ରସୁଲଗଡ଼ ଛକରେ ଛାଡ଼ି ପଳାଇଥିଲା। ସେହି ସମୟରେ ପୀଡ଼ିତାଙ୍କ ସାଙ୍ଗ ଫୋନ୍ କରିବାରୁ ସେ କାନ୍ଦି କାନ୍ଦି ସବୁ କଥା କହିଥିଲେ। ପୀଡ଼ିତାଙ୍କ ସାଙ୍ଗ ତାଙ୍କୁ ରସୁଲଗଡ଼ ଛକରୁ ଉଦ୍ଧାର କରି ଘରକୁ ନେଇଥିଲେ। ଏହାର ପରଦିନ ପୀଡ଼ିତାଙ୍କ ବଡ଼ ଭଉଣୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା। ଆଜି ମୁଖ୍ୟ ଅଭିଯୁକ୍ତ ଚନ୍ଦନ, ପ୍ରସନ୍ନ ଓ କେୟାରଟେକର୍ ରାଜେଶକୁ ଗିରଫ କରି କୋର୍ଟଚାଲାଣ କରିଛି।

### ଭୁଶୁଡ଼ିଲା ମାର୍କେଟ୍...

ପଡ଼ିଥିଲା। ଫଳରେ କମ୍ପ୍ଲେକ୍ସର ଉପର ମହଲା ମଧ୍ୟ ଧରାଶାୟୀ ହୋଇଥିଲା। ସୌଭାଗ୍ୟବଶତଃ ଷ୍ଟଲ୍ ଭିତରେ କାମ କରୁଥିବା ଶ୍ରମିକମାନେ ଦୌଡ଼ି ବାହାରକୁ ଚାଲି ଆସିଥିଲେ। କିନ୍ତୁ ବେକେରୀ ସମ୍ମୁଖରେ ପାନ ଦୋକାନ କରି ପରିବାର ଚଳାଉଥିବା ବେକେରୀ ମାଲିକଙ୍କ ଭାଇ ଲୋକନାଥ ପାତ୍ର ଛାତ ତଳେ ଚାପି ହୋଇ ରହି ଯାଇଥିଲେ। ଖବର ପ୍ରଚାର ହେବା ମାତ୍ରେ ୬ଟି ଜେସିବି ମେସିନ୍ ସହ ଓଡ୍ରାଫ ଟିମ୍ କୋରାପୁଟ, ଜୟପୁର, ସେମିଳିଗୁଡା ଏବଂ ଲକ୍ଷ୍ମୀପୁର ଅଗ୍ନିଶମ ବିଭାଗ କର୍ମଚାରୀ ତଲାସୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ ଅନ୍ୟ ଅଧିକାରୀ ସେଠାରେ ପହଞ୍ଚିଥିଲେ। କଟର୍ ଦ୍ୱାରା ଛାତ କାଟି ଚାପି ହୋଇ ରହିଥିବା ଲୋକନାଥ ପାତ୍ରଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କମ୍ପେଲକ୍ସ ପ୍ରାୟ ୪୦ବର୍ଷ ପୁରୁଣା ଓ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଥିବାରୁ ଜିଲ୍ଲା ପ୍ରଶାସନ ଏହାକୁ ବିପଦସଂକୁଳ ବୋଲି ଘୋଷଣା କରିଛି। କୌଣସି ବ୍ୟବସାୟୀ ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ ନ ଖୋଲିବା ଏବଂ ଜନସାଧାରଣ ସେଠାକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ, ମୃତକଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ସହାୟତା ଦିଆଯାଇଛି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

ODISHA HYDRO POWER CORPORATION LTD.,
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
CAD-1739

No. HHEP/Tech-WK-104, Vol-IV/6161 Date : 10.09.2025

NOTICE INVITING TENDER NO HHEP-53/2025

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Contractors having **valid HT License with supervision for EHT works** issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Annual Maintenance Contract for two years for maintenance of equipments of 132KV Switchyard, 11KV Switch house & LT Systems of HHEP,Burla | Rs. 11800/- (Rs. 10000 + GST @ 18%) | 57565/- |

- Sale of tender paper: **16.09.2025 (10.00AM) to 03.10.2025 upto 05.30PM**
- Receipt of tender paper: **04.10.2025 upto 03.30PM**
- Date & time of opening of tender: **04.10.2025 at 04.00PM**
- For details of tender documents / terms & conditions / corrigendum / errata / addendum if any please visit our website www.ohpcltd.com.

Sd/-
OIPR-04007/11/0072/2526 C&P Head. HHEP. Burla

VEHICLE FOR SALE
MARUTI TOUR S, Model - 2023, Registration No-OD-34-R-0993, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph: 94371 02409 within 7 days

VEHICLE FOR SALE
ITL SONALIKA SOLISYAN DI 42 TRACTOR WITH TRAILER, Model - 2022, Registration No-OD-09-X-3898, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

AFFIDAVIT
By virtue of an Affidavit sworn before Executive Magistrate, Basudevpur, dated 24 April 2025.I, Sukanta Kishor Mohanty, age- 40 years, S/o- Gagan Mohanty, Address- Village- Mallikadeipur, P.O./ P.S. - Naikanidihi, Dist.: Bhadrak, Odisha, declare that I have changed my name from Sukanta Kishor Mohanty, to Sudarshan Mohanty, S/o- Gagan Mohanty. Henceforth, I shall be know as Sudarshan Mohanty, S/o- Gagan Mohanty for all purposes.
Sudarshan Mohanty

AFFIDAVIT
By virtue of an affidavit sworn before Executive Magistrate Angul dated 26/08/2025, I **Shraddha Tulsiyan,** Address: Old Daily Market, Laxmi Bazar, Angul, Pin-759122, Odisha, declare that I have changed my name from **Shraddha Kansal** to **Shraddha Tulsiyan.** Henceforth, I shall be known as **SHRADDHA TULSIYAN** (new name) for all purposes.
**Shraddha Tulsiyan**

AFFIDAVIT
By virtue of an affidavit No. 5403 sworn before the Executive Magistrate, Champua on dated- 08/09/2025. I **Alekh Kumar Sahoo**, Permanent resident of Vill- Dhaladihi, Po/Ps- Champua, Dist- Keonjhar, Odisha, Pin- 758041 declare that I have changed my minor daughter's name from **Sangita Sahoo** (old name) To **Aradhya Sahoo** (new name). Henceforth she shall be known as **ARADHYA SAHOO,** D/o- Alekh Kumar Sahoo for all future purposes.
**Sd/- Alekh Kumar Sahoo**

DOCUMENT LOST
I, **Maheswar Panda,** S/o Dinabandhu Panda, resident of GN-4, Ganesh Nagar, Gandamunda, PS- Khandagiri, Bhubaneswar, Dist- Khorda, Odisha do hereby declare that, Original Sale Deed bearing No. 230, 1152, 130 & 1722 & ROR vide Khata No. 453/128, 1133/2436 & Land Passbook No. 07054178/35 has been lost somewhere in Jagamara Bazar while I travelling from Ganesh Nagar To Royal Garden, Aiginia on 08/09/2025. If any person finds the same, may please contact to my address or nearest police station & if anyone will misutilize it I will not be responsible for it.
**Maheswar Panda**

AFFIDAVIT
By virtue of affidavit C.F. No. 2461, dtd. 18.08.2025 in the court of the Executive Magistrate, Sambalpur, I, Balkeshi Yadab, aged about 45 years have changed my name and address from Sawariya Devi, W/o- Bindeshwari Ray, resident of At- Shilauri, Po- Marhowrah, Dist.- Saran (Bihar) to Balkeshi Yadab, aged about 45 years, W/o- Bindheswari Yadab, resident of At- Dindayal Nagar (Dhipapada), Po/Ps- Burla, Dist.- Sambalpur (Vide my Aadhaar Card No. 698622954248) for all purposes.
**Sd/- Balkeshi Yadab**

AFFIDAVIT
By virtue of an affidavit sworn before the Executive Magistrate, Jajpur Road no 3474 dated 07/02/2025 I Amulya Kumar Nayak declare that My wife surname is wrongly printed as Swagatika Nayak in my daughter's birth certificate issued by CHC Korei (700) in place of Swagatika Jena. Hence she will be known as **Swagatika Jena alias Nayak** for all purposes.
**Sd/- AMULYA KUMAR NAYAK**

AFFIDAVIT
By virtue of an affidavit sworn before Executive Magistrate, Bhubaneswar, Affidavit No.111, on dated, 12.09.2025, I Triloknath Mohapatra, resident of Plot No.1385/9, Sastri Nagar, Unit-4, Ps- Kharvel Nagar, Bhubaneswar, Dist-Khordha, Odisha, PIN-751001, declare that I have changed my name from Trilok Mohapatra to Triloknath Mohapatra. Henceforth, He shall be known as **TRILOKNATH MOHAPATRA** for all future purposes.

AFFIDAVIT
By virtue of an affidavit sworn before the Executive Magistrate,Cuttack , vide No.7920 dated 11.09.2025, I, Sajida Khatun, M/o Arsalan Raja Khan, Resident of At/Po- Rasulpur, PS-Tirtol, Dist- Jagatsinghpur, PIN-754104, Odisha declare that I have changed my Son's name from Aramlan Raja Khan to Arsalan Raja Khan. Henceforth, He will be known as **ARSALAN RAJA KHAN** for all future purposes.

AFFIDAVIT
By virtue of an Affidavit before Notary Public, Malkangiri, I, **Debe Kabasi**, aged about 27 years, W/o.: Irma Kabasi, D/o.: Laka Madkami resident of Village: Fulaguda, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1601/2025, Dated: 12.09.2025 that I have changed my name from Debe Madkami to **Debe Kabasi**. Henceforth I shall be known as **Debe Kabasi**, for all future purposes.

NOTICE
By virtue of an affidavit sworn before the Notary Public, Cuttack, dated 22.08.2025 I, Swami Anupamanand Saraswati, S/o- Subash Pradhan permanent resident of At- Tholanda, P.O.- Alladi, PS- Jagannath Prasad, Dist- Ganjam, Odisha, Pin- 761120 have changed my name and surname from Bikram Pradhan to Swami Anupamanand Saraswati. Henceforth, I shall be known as **Swami Anupamanand Saraswati** for all purposes.
**Swami Anupamanand Saraswati**

AFFIDAVIT
By virtue of an affidavit CF No.-47, dtd.25.07.2025 in the court of the Executive Magistrate, Bhubaneswar, I, Raja Das, S/o- Babu Das, resident of Plot No. 1190, Raghunath nagar, Satya Nagar, Dumduma, Po- Dumduma, Ps- Khandagiri, Bhubaneswar, Dist.- Khordha, Odisha, Pin-751019 have changed my name from Sek Raja to Raja Das. Hencefroth I shall be known as Raja Das for all purposes.
**Sd/- Raja Das**

AFFIDAVIT
By virtue of an affidavit sworn before the Executive Magistrate, Nabarangpur, dated. 08.09.2025, I Bharat Hial, S/o- Madhu Hial, Vill.- Kamata, Po.- Kamata, Ps.- Tentulikhunti, Dist.- Nabarangpur, Odisha, Pin- 764049, declare that, I have changed my minor Daughter 's name from **SECOND BABY OF LYDIA HIAL** to **ABIGAIL HIAL**. Henceforth she shall be known as **Abigail Hial** for all purposes.
Sd/- **Bharat Hial**

NOTICE
By virtue of an affidavit sworn before the Notary Public, Cuttack, dated 02.09.2025 I, Basanti Sahoo, W/o – Avimanyu Moharana, D/o. Late Panchanan Sahoo, resident of At– Ramagarh, P.O.- Kotasahi, P.S- Tangi, Dist- Cuttack, Odisha, Pin- 754022 have changed my name from Basanti Moharana to Basanti Sahoo. Henceforth, I shall be known as Basanti Sahoo for all purposes.
**Basanti Sahoo**

AFFIDAVIT
By virtue of an affidavit CF No.-34, dtd.04.09.2025 in the court of the Executive Magistrate, Bhubaneswar, I, Dipa Sethi, W/o- Santosh Kumar Sethi, resident of Plot No. 122, Balanaga, Maa Narayani Mandir, Sainsasan, Po- Dakhinaradasa, Dist.- Puri, Odisha, Pin-752114 have changed my name from Dwipa Sethy to Dipa Sethi. Hencefroth I shall be known as Dipa Sethi for all purposes.
**Sd/- Dipa Sethi**

AFFIDAVIT
By virtue of an affidavit sworn before the Executive Magistrate, Nabarangpur, vide No. 776 dt. 10.09.2025 I Sri Puppala Srinivas, S/o- Late Puppala Jagannath Rao resident of Gill Petrol Pump back side, Chamuriaguda, Nabarangpur, Dist.- Nabarangpur, Odisha- 764059 state that I intend to rectify the names in the school admission records and enter our names as **PUPPALA SOHAN KUMAR**, S/O- **PUPPALA SRINIVAS** (Father) and **PUPPALA KALPANA** (Mother) in place of P. SOHAN KUMAR, S/o- P. SRINIVAS (father) and P. KALPANA (mother) in respective columns to avoid future litigations.
Sd/- Puppala Srinivas

AFFIDAVIT
I, Smt. Padmini Kumari Mishra, W/o- Sri Debendra Mishra, resident of Gadia Street, Nabarangpur, Dist.- Nabarangpur state vide affidavit no. 1000 dtd.13.09. 2025 that, my actual and correct name is **Padmini Kumari Mishra** but in my daughter **Eva Mishra**'s admission in PM Kendriya Vidyalaya, Nabarangpur my name has been entered as Padmini Mishra. Hence **Padmini Kumari Mishra** and **Padmini Mishra** is one and same same person. Henceforth, I shall be known as **Padmini Kumari Mishra** for all official purposes.

AFFIDAVIT
By virtue of an affidavit sworn before the Executive Magistrate, Nabarangpur, dated. 03.09.2025, I Chandralal Durga, S/o- Late Sobha Harijan, Vill.- Tota Street, Nabarangpur, Po.- Nabarangpur, Ps.- Nabarangpur, Dist- Nabarangpur, Odisha, Pin - 764059, declare that, I have changed my minor Daughter's name from **RITWISHALAL HARIJAN** to **RITWISHALAL DURGA**. Henceforth she shall be known as **Ritwishalal Durga** for all purposes.
Sd/- **Chandralal Durga**

AFFIDAVIT
By virtue of an affidavit sworn before the Executive Magistrate, Nabarangpur, dated. 01.09.2025, I REBATI HARIJAN, W/o- Sahul Bagh, Vill- Bhatisalguda, Nabarangpur, Po.-Nabarangpur, P/s.- Nabarangpur, Dist- Nabarangpur, Odisha, Pin - 764059 declare that, I have changed my name from **SAMA HARIJAN** to **REBATI HARIJAN**. Henceforth I shall be known as **REBATI HARIJAN** for all purposes.
Sd/- **REBATI HARIJAN**

AFFIDAVIT
I, Raja Ramesh, S/o- R. P. Raja resident of Vill.- Balda, Po.- Balda, Ps.- Padwa Dist.- Koraput, Odisha state vide affidavit no.777 dtd.05.9.2025 that, I have changed my son's name from **Raja Yagesh** to **R. Yogesh** and his Date of Birth is **18/03/2009**. Henceforth he will be known as **R. Yogesh** for all future purposes.

AFFIDAVIT
By virtue of an affidavit vide no.-.3455, dated 10/09/2025 sworn before Executive Magistrate, Banpur declare that, I, Sangram Keshari Palai, S/o- Basudev Palai, At- Nuagada, Po.- Badakul, Ps.- Balugaon, Dist.- Khordha, Odisha, Pin- 752030 declare that, I **Sangram Keshari Palai** and **Sangram Keshri Palai** is one and same person. But I want to keep my name as **Sangram Keshari Palai** as per adhar for all purposes.
Sangram Keshari Palai

AFFIDAVIT
By virtue of an affidavit sworn before The Executive Magistrate Banpur, Dist.- Khordha vide no-3404, Dated- 6/9/2025, I Gangadhar Nayak, aged about 57yrs., S/O- Kaibalya Nayak, At- Balipadar, Po./Ps.-Banpur, Dist.- Khordha, Pin-752031, Odisha, declare that I have changed my minor Daughter's name from **Debasmita Debabarni Nayak** to **Debasmita Nayak**, which is mentioned in Certificate. Henceforth, he shall be known as **Debasmita Nayak** for all purpose.
Debasmita Nayak

AFFIDAVIT
By virtue of an affidavit No 12/33 dated 11/09/2025 before the Notary Public, Puri, I, Dasarathi Satapathy, S/o- Late Ramachandra Satapathy, At/Po- Bhagabanpur, PS- Brahmagiri, Puri - 752011 declare that now onwards I shall be known as **DASHARATHI SATAPATHY** for all future purpose.

AFFIDAVIT
I, Smt. Urmila Behera, W/o- Sri Tapan Kumar Behera, resident of Vill./Po.- Mirganguda, Ps.- Nabarangpur, Dist.- Nabarangpur vide affidavit no. 997 dtd.12.9.2025 state that my actual and correct name is **URMILA BEHERA**. At the time of my daughter Sudhansubala Behera's admission in PM Kendriya Vidyalaya, Nabarangpur my name has been entered as Urmilla Behera. Hence **Urmila Behera** and **Urmilla Behera** is one and same person. Henceforth I shall be known as **Urmila Behera** for all official purposes.

# ସ୍ଥାୟୀ ଚାକିରି ଓ ଇନ୍‌କ୍ରିମେଣ୍ଟ୍ ନେଇ ଏନ୍‌ପିଏସ୍ ଶିକ୍ଷକଙ୍କ ବିକ୍ଷୋଭ ଓ ଦାବିପତ୍ର

ବରଗଡ଼,୧୩।୯ (ସମିସ)

ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ, ବରଗଡ଼ ଜିଲ୍ଲାର ୧୨ ଟି ବ୍ଲକ୍‌ର ସରକାରୀ ହାଇସ୍କୁଲର ଶହ ଶହ ଶିକ୍ଷକଗଣ ସଂଘ ସଭାପତି ଆଦିତ୍ୟ ମାଝୀ ଓ ଉପଦେଷ୍ଟା ଜୟ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶନିବାର ପହଞ୍ଚି ବିଭିନ୍ନ ଦାବି ଉପସ୍ଥାନ କରିଛନ୍ତି। ୨୦୦୪ରୁ ୨୦୧୪ ଭିତରେ ନିଯୁକ୍ତି ପାଇଥିବା ସରକାରୀ ହାଇସ୍କୁଲରେ ହୋଇଥିବା ଅସଙ୍ଗତି ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିପାଇଁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଭଟଲି ଛକରୁ ବାହାରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ।



ପ୍ରାୟ ୨୦୦ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଓଡ଼ିଶା ସରକାର ଗତ ୨୦୦୪ରୁ ୨୦୨୨ପର୍ଯ୍ୟନ୍ତ ସମସ୍ତ ହାଇସ୍କୁଲରେ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି କରିଥିଲେ। ସରକାରଙ୍କ ନିୟମାନୁଯାୟୀ ୬ ବର୍ଷ ନିୟମିତ ଭାବେ କାମ କରିବା ପରେ ଶିକ୍ଷକ ମାନେ ନିୟମିତ ହେବାର ବ୍ୟବସ୍ଥା ରହିଛି। ସେହି ଅନୁଯାୟୀ ୨୦୦୪ରୁ ୨୦୧୪ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ୬ ବର୍ଷ କାର୍ଯ୍ୟ କଳାପରେ ନିୟମିତ ହୋଇଥିଲେ। ହେଲେ ତତ୍କାଳୀନ ସରକାର ନଭେମ୍ବର ୨୦୨୨ ମସିହାରେ ଚୁକ୍ତି ଭିତ୍ତିକ ରିପିଲ ନିୟମ ଆଣି ୨୦୧୩ ପରଠାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କୁ ନିୟମିତ କରି ଚାକିରିରେ ଯୋଗ କରିବା ଦିନ ଠାରୁ ନିୟମିତ କରିବା ସହ ସମସ୍ତ ସୁଯୋଗ ଓ ସୁବିଧା ପ୍ରଦାନ କଲେ। ବିଡମ୍ବନାର ବିଷୟ ୨୦୦୪ରୁ ୨୦୧୩ ଭିତରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ଏଥିରୁ ବାଦ୍ ଦିଆଗଲା। ତା'ପରେ ସରକାର ୨୦୨୩ ମସିହାରେ ପ୍ରକାଶିତ ଏସଓପି ଯୋଗୁଁ ୨୦୦୪ରୁ ୨୦୧୦ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ସରକାର ପୁରାପୁରି ଅଣଦେଖା କରି ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ମାନଙ୍କର ବର୍ଗୀକରଣ ସୃଷ୍ଟି କଲେ। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଶିକ୍ଷକମାନେ ବାରମ୍ବାର ବିଭାଗୀୟ ସଚିବ, ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ଗୁହାରି କରିଥିଲେ ମଧ୍ୟ ବାରମ୍ବାର ସେମାନଙ୍କୁ ଅଣଦେଖା କରାଯାଉଛି। ଏଣୁ ସରକାର ଶିକ୍ଷକଙ୍କ ନାର୍ଯ୍ୟ ଦାବିକୁ ପୂରଣ ନ କଲେ, ଆଗାମୀ ସେପ୍ଟେମ୍ବର ୨୨ରେ ରାଜ୍ୟ ସଂଘର ଡାକରାରେ ବରଗଡ଼ ଜିଲ୍ଲାରୁ ଶହ ଶହ ଶିକ୍ଷକ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଆନ୍ଦୋଳନରେ ଯୋଗ ଦେବେ ଏବଂ ଶିକ୍ଷକଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରିବେ ବୋଲି ଏନ୍‌ପିଏସ ଶିକ୍ଷକ ମାନେ ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ୨୦୦୪ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଅଧିକାଂଶ ଶିକ୍ଷକ ପ୍ରଧାନଶିକ୍ଷକ, କାର୍ଯ୍ୟକାରୀ ପ୍ରଧାନଶିକ୍ଷକ, କିମ୍ବା ବରିଷ୍ଠ ଶିକ୍ଷକ ରୂପେ ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି। ଏହି ଶିକ୍ଷକ ମାନେ ଆନ୍ଦୋଳନକୁ ଗଲେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ଭବାନୀ ଶଙ୍କର ଗଡତିଆ, ଅଶୋକ ଭୋଇ, ମହେନ୍ଦ୍ର ମହାରଣା, ଧିରୋଜ ପଟ୍ଟନାୟକ, ପ୍ରିୟବ୍ରତ ସାହୁ, ଅନିଲ ସାବତ, ବୀରେନ୍ଦ୍ର ନାଗ, ମନୋଜ ବଡ଼ାଇ, ସୁଶାନ୍ତ ମଙ୍ଗୁଆଲ ସଞ୍ଜୟ ସାହୁଙ୍କ ସମେତ ଶହ ଶହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଥମିବାର ନା ନେଉନି ବରଗଡ଼ରେ ଚାଷୀ ଆନ୍ଦୋଳନ



### ପଞ୍ଜୀକରଣ, ଟୋକନ ସମସ୍ୟା, ଅଦିନିଆ ବର୍ଷା କ୍ଷତିପୂରଣ ପରେ ଇନ୍‌ପୁଟ ସହାୟତା ବ୍ୟତିକ୍ରମ

ବରଗଡ଼,୧୩।୯ (ସମିସ): ଇନପୁଟ ସହାୟତା ବଣ୍ଟନରେ କାଇଁଶୀର ପଞ୍ଚାୟତର ଚାଷୀ ଅସନ୍ତୁଷ୍ଟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ଗତ ରବି ଋତୁରେ ଅଦିନିଆଁ ବର୍ଷା କାରଣରୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ସେହି ସମୟରେ ବିଭାଗୀୟ ଅଧିକାରୀ କ୍ଷେତ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ ଏବଂ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବାର ଆଶ୍ୱାସନା ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ତରବରିଆ ଭାବେ ବରଗଡ଼ ଜିଲ୍ଲା ପାଇଁ ୭ କୋଟି ୫୫ଲକ୍ଷ ୪୪ ହଜାର ଟଙ୍କା ଘୋଷଣା କରିଥିଲେ। କିନ୍ତୁ ସେହି କ୍ଷତିପୂରଣ ଅକାଳନରେ ବରପାଲି ବ୍ଲକ୍ ନଥିଲା। ସଂଯୁକ୍ତ କୃଷକ ସଂଗଠନର ଦାବି ପରେ ବରପାଲି ବ୍ଲକ୍‌କୁ ସାମିଲ କରାଯାଇଥିଲା ଏବଂ କାଇଁଶୀର ପଞ୍ଚାୟତର ବରଙ୍ଗପାଲିର ୧୦୫ ଜଣ ଏବଂ କାଇଁଶୀର ଗାଁର ୮୭ ଜଣ ଚାଷୀଙ୍କୁ କ୍ଷତିପୂରଣ ଇନ୍‌ପୁଟ ସବସିଡି ମିଳିଥିଲା। ପ୍ରକୃତରେ ଯେଉଁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି ସେମାନଙ୍କୁ କ୍ଷତିପୂରଣ ନ ମିଳିବାରୁ ପ୍ରଥମେ ରାଜସ୍ୱ ଅଧିକାରୀ ପରେ ତହସିଲଦାରଙ୍କୁ ଲିଖିତ ଭାବେ ଗ୍ରାମବାସୀ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀଙ୍କ ତରଫରୁ ତହସିଲ ଅଫିସ ଘେରଉ ହୋଇଥିଲା। ପରେ କ୍ଷତି ହୋଇନଥିବା ଚାଷୀଙ୍କୁ ଲକ୍ଷ ଲକ୍ଷ ଟଙ୍କା ମିଳିଥିବା ଜଣା ପଡ଼ିଥିଲା। ଏପରିକି ଗୋଟିଏ ପରିବାରର ୩/୪ ଜଣଙ୍କୁ ମଧ୍ୟ କ୍ଷତିପୂରଣ ମିଳିଥିବା ତଥ୍ୟ ସାମ୍ନାକୁ ଆସିଥିଲା। ତେଣୁ ଚାଷୀ ମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲ୍ଲାପାଳଙ୍କ ନିକଟକୁ ଆସିଥିଲେ। ଆର୍‌ଆଇ ଏବଂ ତହସିଲଦାର ମିଶି ଲାଞ୍ଚ ନେଇ ଅସାଧୁ ଭାବେ ଅଯୋଗ୍ୟ ଚାଷୀଙ୍କୁ କ୍ଷତିପୂରଣ ଦେଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଅନିୟମିତତା କରିଥିବା ଅଫିସର୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ଏବଂ ଉପଯୁକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସେମାନେ ଦାବି ଉପସ୍ଥାପନ କରିଥିଲେ। ଏହା କାର୍ଯ୍ୟକାରୀ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାଇ ଦେଇଛନ୍ତି। ଏହି ସମୟରେ ପ୍ରହ୍ଲାଦ ପଧାନ, ବଳରାମ ଭୋଇ, ହର ପଧାନ, ଦିବାକର ସାହୁ, ଅଭିଳାଷ ପଧାନ, ଦିବ୍ୟ ପଧାନ, ଭରତ ଭୋଇ, ଶମ୍ଭୁପ୍ରସାଦ ପଧାନ, ସଞ୍ଜୀବ ପଧାନ, ଆଲୋକ ଗଡତିଆ, ସଂଯୁକ୍ତ କୃଷକ ସଂଗଠନର ନିରଞ୍ଜନ ପଧାନ, ସୁଦାମ ପାତ୍ର ଏବଂ ରମେଶ ମହାପାତ୍ର ଉପସ୍ଥିତ ଥିଲେ।

## ଜୈବିକ ଚାଷୀ ତାଲିମ ଶିବିର




ପଦ୍ମପୁର,୧୩।୯ (ସମିସ): ପଦ୍ମପୁର ଉପଖଣ୍ଡ ପଦ୍ମାବତୀ ହଲଠାରେ ଭିତ୍ତିଭୂମି ସେବା ସଂଗଠନ ଓ ଅଜିମ ପ୍ରେମଜି ଫାଉଣ୍ଡେସନ ସହଯୋଗରେ ଦ୍ୱିଦିବସୀୟ ଜୈବିକ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର କର୍ମକର୍ତ୍ତା ବ୍ୟାସଦେବ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦାଶରଥି ବେହେରା ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ଅବଗତ କରିଥିଲେ। ମହିଳା ଜୈବିକ ସାର ଔଷଧ ନିର୍ମାତା ଶାଖା ନେଟୀ, ବିସର୍ଗ ସାହୁ ପେଜାସ୍ତ୍ର, କମ ଖର୍ଚ୍ଚରେ ଜୈବିକ ସାର ପ୍ରସ୍ତୁତ କରି ବ୍ୟବହାର କରିବା ବିଷୟରେ ତାଲିମ ଦେଇଥିଲେ। ବଇଦପାଲି ଗାଁକୁ ଯାଇ ବୀଜାମୃତ, ଜୀବାମୃତ, ପେଜାସ୍ତ୍ର, ମହୁଆ ଟନିକ, ବ୍ରହ୍ମାସ୍ତ୍ର ତିଆରି ଶିଖେଇଥିଲେ।। ଏହି ମହତ୍ତ୍ୱପୂର୍ଣ୍ଣ କାମକୁ ଆଗକୁ ନେବାକୁ ହେବ ବୋଲି ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ ତାଲିମ ଦାତାଙ୍କୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ରାଧାରମଣ ପାଣିଗ୍ରାହୀ, ରାଧାକାନ୍ତ ସାହୁ, ତୋଫାନ ସାହୁ, ଦିଲ୍ଲୀପ ପଧାନ, ଗୌରହରି ସାହୁ, ପଦ୍ମିନୀ ସାହୁ, ଗୌରୀ ବଢ଼େଇ, କୌଶଲ୍ୟା ହାତୀ, ଶାଖା ତାଣ୍ଡି, ଉଦେକର ନାୟକ, ବୀଣାପାଣି ବଗର୍ତ୍ତୀ, ସୁଦାମ ମହାନନ୍ଦ, ସନ୍ତୋସିନୀ ମଲ୍ଲିକ ଜୈବିକ ଚାଷୀ ମଧ୍ୟ ନିଜର ଜ୍ଞାନ କୌଶଳର କଥା ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ବିଶ୍ୱଜ୍ୟୋତି, ଝୁମୀ ମେହେର, ବେଦବ୍ୟାସ, ରୋହିଣୀ, କମଳ, ଉତ୍କଳ ସହଯୋଗ କରିଥିଲେ।

## ଅଜଣା ଶବ ସତ୍କାର କଲେ ସଂକଳ୍ପ ପରିବାର ସଦସ୍ୟ

ବରଗଡ଼,୧୩।୯ (ସମିସ): ସଂକଳ୍ପ ପରିବାର ପକ୍ଷରୁ ବରଗଡ଼ ଟାଉନ ଥାନା ଅଧୀନ ବରମଟାରି ନିକଟବର୍ତ୍ତୀ ଜାତୀୟ ରାଜପଥ ୫୩ ଠାରେ ଠାବ ହୋଇଥିବା ଏକ ଅଚିହ୍ନା ଶବ ସତ୍କାର କରାଯାଇଛି। ମୃତ ଶବକୁ ୪ଦିନ ପର୍ଯ୍ୟନ୍ତ ରଖାଯାଇଥିଲେ ସୁଦ୍ଧା ତାର କୌଣସି ଦାବିଦାର ଆସି ନଥିଲେ। ଏହାପରେ ବରଗଡ଼ ଟାଉନ ଥାନା ପକ୍ଷରୁ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରକୁ ଶବ ସତ୍କାର କରିବା ପାଇଁ ଅନୁରୋଧ କରାଯାଇଥିଲା। ଖବର ପାଇ ସଂକଳ୍ପ ପରିବାରର ରଞ୍ଜିତ ସାହୁ, ଶେଷଦେବ ପଧାନ, ଅନନ୍ତ ଚରଣ ସାହୁ ଏବଂ ଦେବେନ୍ଦ୍ର ଭୁଏ ପ୍ରମୁଖ ବରଗଡ଼ ଟାଉନ ଥାନାର ଅଧିକାରୀଙ୍କ ଉପସ୍ଥିତିରେ ପିପଲମୁଣ୍ଡା ଶ୍ମଶାନରେ ଶବ ସତ୍କାର କରିଥିଲେ।

## ସୁକୁଟାପାଲିରେ ଜିଲ୍ଲା ଭିଲ ସମାଜର ବୈଠକ

ବରଗଡ଼,୧୩।୯ (ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅଧିନ ସୁକୁଟାପାଲିରେ ଜିଲା ଭିଲ ସମାଜର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ଭିଲ ସମାଜର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ବାସୁଦେବ ଦେହେରୀ, ଉପସଭାପତି ଭରତ ଦେହେରୀ, ସମ୍ପାଦକ ଲକ୍ଷ୍ମଣ ମଲ୍ଲିକ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଝାଙ୍କର, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର କୁଶଲିଆଙ୍କୁ ମନୋନୀତ କରାଯାଇଛି। ଭିଲ ସମାଜ କିପରି ଭାବେ ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**ଛାତ୍ରଛାତ୍ରୀଙ୍କୁ ସିପିଆର୍ ଓ ଜୀବନରକ୍ଷା ତାଲିମ**

ଅମ୍ବାଭୋନା,୧୩।୯ (ସମିସ)

### ଜନତା ସରକାରୀ ହାଇସ୍କୁଲ



ଠିକ ସମୟରେ ଫାଷ୍ଟ ଏଡ୍ ମିଳିବା କୌଣସି ଆର୍ଶୀବାଦ ଠାରୁ କମ୍ ନୁହେଁ। ଏହାକୁ ଉପଲବ୍ଧି କରି କେଉଁ ପରିସ୍ଥିତିରେ କି କି ପ୍ରାଥମିକ ଉପଚାର କରିବା ଉଚିତ ସେ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଭୁକ୍ତା ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଫାଷ୍ଟ ଏଡ୍ ଦିବସ ୨୦୨୫ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭୁକ୍ତାର ଡାକ୍ତର ଅଞ୍ଜଳା ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଆରସିସି କେଦାର ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସାନନ୍ଦ ଦେହେରୀ ଯୋଗ ଦେଇଥିଲେ। ଜୁନିଅର୍ ରେଡକ୍ରସର ପରାମର୍ଶଦାତା ଶିକ୍ଷକ ସଂଜୟ ଖମାରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାଥମିକ ସହାୟତା କ୍ଷେତ୍ରରେ ଜୁନିଅର୍ ରେଡ୍‌କ୍ରସର ସଦସ୍ୟଙ୍କ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଡ.ଅଞ୍ଜଳା ପ୍ରଧାନ କୌଣସି ଦୁର୍ଘଟଣା କିମ୍ବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ତାଙ୍କୁ ଡାକ୍ତରଙ୍କ ପାଖକୁ ନେବା ପୂର୍ବରୁ ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇପାରିବ ସେଗୁଡିକୁ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ନାୟକ ପ୍ରାଥମିକ ଉପଚାରର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀଙ୍କୁ ସବିଶେଷ ଧାରଣା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜୁନିଅର୍ ରେଡ୍‌କ୍ରସ, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଓ ଶକ୍ତି କ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଆଶୁତୋଷ ଭୋଇ, ଶ୍ରୀପତି ସାହୁ, ତେଜରାମ ସା, ବୋଧରାମ ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, ଶ୍ରୀପତି ସାହୁ ଓ ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ।

### ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ପଦ୍ମପୁର: ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୱାଇଆର୍‌ସି ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଛି। ପ୍ରାଧାପକ ଡ.ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୱାଇଆର୍‌ସି କାଉନସେଲର ଅଧାପକ ଶାନ୍ତନୁ ବିଶି ମଞ୍ଚ ପରିଚାଳନା ଓ ଅତିଥି ପରିଚୟ କରିଥିଲେ। କଲେଜର ଅବସରପ୍ରାପ୍ତ ପ୍ରାଧାପକ ତଥା ପୂର୍ବତନ ୱାଇଆର୍‌ସି କାଉନସେଲର ଭୂପତି କାଲେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଜରୁରୀ ପରିସ୍ଥିତରେ ପ୍ରାଥମିକ ଚିକିତ୍ସାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଅଧାପିକା ସସ୍ମିତା ବର୍ଗେଇ ୱାଇଆର୍‌ସିର ଗଠନ ଓ ଇତିହାସ ବିଷୟରେ ବର୍ଣ୍ଣନା କରିଥିଲେ। ଅଧାପକ ମହେଶ ମିଶ୍ର ଓ ଅଧାପକ ସଚିନ୍ଦ୍ର ସୁନା ମଞ୍ଚାସୀନ ରହିଥିଲେ। ଅଧାପକ ଉଦ୍ରସେନ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

### ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ

ଅମ୍ବାଭୋନା: ସ୍ଥାନୀୟ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥଙ୍କ ଅଧକ୍ଷତାରେ ଜୁନିଅର ରେଡକ୍ରସ୍ ଦ୍ୱାରା ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜୁନିଅର ରେଡକ୍ରସ୍ କାଉନସିଲର ଶୁଭାଶିଷ ଜଗତ ଏହି ଦିବସରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରତିବର୍ଷ ସେପ୍ଟେମ୍ବର ମାସ ଦ୍ୱିତୀୟ ଶନିବାର ଏହି ଦିବସ ପାଳିତ ହୋଇଥାଏ। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ। ଖେଳ ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାହୁ, ଉପମା ପ୍ରଧାନ, ତେଜରାମ୍ ସାହୁ ଓ ଚିନ୍ମୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାଥମିକ ଚିକିତ୍ସା ପାଇଁ ଜରୁରୀ କୌଶଳ ଗୁଡିକ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। ପ୍ରାଥମିକ ଚିକିତ୍ସା ସମୟରେ ପୁନରୁଦ୍ଧାର ସ୍ଥିତି, ଆଘାତ ସମୟରେ ବେଣ୍ଡେଜ, ରକ୍ତସ୍ରାବ ବନ୍ଦ କରିବା, ଚେତା ଶୂନ୍ୟ ଓ ଶ୍ୱାସ କ୍ରିୟା ସମୟରେ ଛାତି ଉପରେ ଚାପ ପ୍ରୟୋଗ ଦେବା, ଆହତ ବ୍ୟକ୍ତିକୁ ସହଜରେ ବୋହି ନେବା ଆଦି ବିଭିନ୍ନ କୌଶଳ ପ୍ରଦର୍ଶନ ଅତି ଚମତ୍କାର ଓ ଶିକ୍ଷଣୀୟ ତଥା ସୁନ୍ଦର ହୋଇଥିଲା। ଶେଷରେ ଶିକ୍ଷକ ଦିନବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଦଧିବାମନ ମହାବିଦ୍ୟାଳୟ

ଭଟଲି: ଦଧିବାମନ ମହାବିଦ୍ୟାଳୟ ଭଟଲିର ଯୁବ ରେଡକ୍ରସ୍ ଶାଖା ତରଫରୁ ବିଶ୍ୱ ଫାଷ୍ଟ ଏଡ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଟଲିର ଡ.ଚନ୍ଦ୍ରଭାନୁ ମହାଲିଙ୍ଗ ବିଶେଷଜ୍ଞ ଭାବେ ଓ ଝସକେତନ ଧରେଇ ଯୋଗ ଦେଇ ଆଶୁ ଚିକିତ୍ସା ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ବଜ୍ରପାତରେ କିପରି ସାବଧାନତା ଅବଲମ୍ବନ କରିବାକୁ ହୁଏ ତାହା ମଧ୍ୟ ଶିଖାଇଥିଲେ। ଅଧକ୍ଷ ସରୋଜ ଦାଶ ଅଧକ୍ଷତା କରିଥିବା ବେଳେ ପ୍ରାଧାପକ ବିଶ୍ୱଜିତ ହୋତା ଫାଷ୍ଟ ଏଡ ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ଯୁବ ରେଡକ୍ରସର ପରାମର୍ଶଦାତା ଅଧାପକ ଶମ୍ଭୁନାଥ ଠାକୁର ସଭା ସଂଯୋଜନା କରିଥିବା ବେଳେ ଅଧାପକ ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟ



ପାଇକମାଳ: ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ଫାଷ୍ଟ ଏଡ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଲୋହିତ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ସଚେତନତା କରାଯାଇଥିଲା। ଅଧାପକ ଅଙ୍କିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ.ଅଙ୍କିତ ସାଗର ମନୁଷ୍ୟ ଜୀବନରେ ଅନେକ ସମୟରେ ଘଟିଯାଉଥିବା ଦୁର୍ଘଟଣା କିମ୍ବା ଶାରୀରିକ ଅସୁସ୍ଥତା ସମୟରେ କରାଯାଉଥିବା ତତ୍କାଳ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚାଇ ଥିଲେ। ଶେଷରେ ଅଧାପକ ଦେବାଶିଷ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପିକା ପୁଷ୍ପମଞ୍ଜରୀ ପ୍ରଧାନ ସଭା ପରିଚାଳନା କରିଥିଲେ।

### ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ

ଝାରବନ୍ଧ: ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ, ଝାରବନ୍ଧରେ ଯୁବ ରେଡକ୍ରସ ୟୁନିଟ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ସହାୟତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସାତ୍ତ୍ୱିକ ସାହୁ ମୁଖ୍ୟ ବକ୍ତା ଓ ଡ.ଖ୍ୟାତିମୟ ତ୍ରିପାଠୀ ପ୍ରାଥମିକ ସହାୟତା ପ୍ରଶିକ୍ଷକ (ଟ୍ରେନର) ଭାବେ ଯୋଗ ଦେଇଥିଲେ। ଶ୍ରୀ ସାହୁ ମଣିଷ ଜୀବନରେ ପରୋପକାରର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଡ.ତ୍ରିପାଠୀ ସାପ କାମୁଡା, କୁକୁର କାମୁଡା, ମହୁମାଛି କାମୁଡା, ପୋଡିବା, ହୃଦଘାତ ତଥା




ବିଭିନ୍ନ ପରିସ୍ଥିତିରେ କିପରି ପ୍ରାଥମିକ ସହାୟତା କରାଯାଇ ପାରିବ ସେ ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ଶେଷରେ ଯୁବ ରେଡକ୍ରସ ଅଧିକାରୀ ମିନପ୍ରଭା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅଧାପିକା ଯାଜ୍ଞସେନୀ ନାୟକ, ଅଧାପକ ଗଗନ ବିହାରୀ ଡନସନା, ରଶ୍ମି ମହାଲିଂ, ରୀତାଞ୍ଜଳୀ ଗୁରୁଙ୍କ ସମେତ ଚନ୍ଦ୍ରମଣି ବାଗ୍, ମନୀଷା ଭୋଇ, ଅଶୋକ ହାତୀ, ଅଞ୍ଜନ ବରିହା, ଦୁର୍ଯୋଧନ ପାଣ୍ଡେ ଓ ସ୍ୱେଚ୍ଛାସେବୀ ତଥା ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

### ବରପାଲି ମହାବିଦ୍ୟାଳୟ



ବରପାଲି: ବରପାଲି ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ପ୍ରାଥମିକ ସହାୟତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବରେଡକ୍ରସ ସଂସ୍ଥା ପକ୍ଷରୁ ଆୟୋଜିତ ସମାରୋହ ମହାବିଦ୍ୟାଳୟ ଅଧକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ବରପାଲି ବାଳକ ଉଚ୍ଚ ବିଦ୍ୟାଳୟ କ୍ରୀଡା ପ୍ରଶିକ୍ଷକ ଓ ପ୍ରାଥମିକ ସହାୟତା ତାଲିମପ୍ରାପ୍ତ ରକ୍ଷକ ମନୋଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ପୂର୍ବତନ ରେଡକ୍ରସ ପରାମର୍ଶଦାତା ପ୍ରାଧାପକ ସୁଶୀଲ ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡ.ବାଳକୃଷ୍ଣ ପଟେଲ, ଡ.ଗଙ୍ଗାଧର ମେହେର, ପ୍ରଧାପକ ଅଶୋକ ପଧାନ ପ୍ରମୁଖ ଯୋଗ ଦେଇ ପରାମର୍ଶ ମାନ ଉପସ୍ଥାପନ କରିଥିଲେ। ରେଡକ୍ରସ ପରାମର୍ଶଦାତା ଅଧାପକ ଅଲେଖ ମହାନନ୍ଦଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ



ବରପାଲି: ବରପାଲି କଦଲିପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ସହାୟତା ଦିବସ ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ପାଳିତ ହୋଇଛି। ଇତିହାସ ବିଭାଗ ଅଧାପିକା ତଥା ଯୁବ ରେଡକ୍ରସ ସହଯୋଗୀ କାଉନସିଲର ଯାଜ୍ଞସେନୀ ପଟେଲଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଦୁର୍ଘଟଣାରେ ଆହତ ବ୍ୟକ୍ତି ମାନଙ୍କ ପ୍ରାଥମିକ ସହାୟତା ତଥା ହାର୍ଟ ଷ୍ଟୋକ, ସାପ କାମୁଡିବା, ସିପିଆର ସମ୍ବନ୍ଧରେ ବହୁ ଗୁଣାତ୍ମକ ନୂତନ ତଥ୍ୟ ମାନ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ କାଉନସିଲର ତଥା ଫାଷ୍ଟ ଏଡ୍ ମାଷ୍ଟର ଟ୍ରେନର ଯତୀନ୍ଦ୍ର ସାହୁ ଆହତ ବ୍ୟକ୍ତିର ଜୀବନରକ୍ଷା ପ୍ରଣାଳୀର ସେବାକାର୍ଯ୍ୟ, ସୁରକ୍ଷା ଓ ଶୈଳୀ, ଉଚିତ ବ୍ୟବହାରିକ ଉପାୟ ଉପରେ ଜ୍ଞାନ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧାପକ ନେପାଳ ବିଶ୍ୱାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଅଧାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ମନିଷା ଭୋଇ, ସସ୍ମିତା ମେହେର, ପୁନମ୍ ସାହୁ, ଶୋଭାବତୀ ଥପା, ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରାଙ୍କ ସମେତ ଛାତ୍ରୀ ମାନେ ସାମିଲ ହୋଇଥିଲେ।

### ଗାଇସିଲେଟ ମହାବିଦ୍ୟାଳୟ




ଗାଇସିଲେଟ: ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ଗାଇସିଲେଟ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ଜୟକେତନ ତ୍ରିପାଠୀ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅଧାପିକା ପ୍ରତୀକ୍ଷା ଡନସନା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପାକ୍ଷିକ ପତ୍ରିକା କୋଶଳ ଟାଇମର ସମ୍ପାଦକ ସଞ୍ଜୀବ ମହାପାତ୍ର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସର ପ୍ରାସଙ୍ଗିକତା ସହ ବରଗଡ଼ ଜିଲ୍ଲା ଭାରତରେ କର୍କଟରୋଗ ଦ୍ୱିତୀୟ ସ୍ଥାନ ନେଇଥିବା ଏବଂ ଏହାର କାରଣ, ନିରାକରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ବରଗଡ଼ର ସମାଜସେବୀ ଶୁଭ୍ରାଂଶୁ ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ +୨ ଓ +୩ର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସଭାରେ ଅଧାପକ ବାଚସ୍ପତି ପଧାନ, ଅରୁଣ ମୁନାଙ୍କ ସମେତ ଅନେକ ଅଧାପକ ଅଧାପିକା ଯୋଗଦାନ କରିଥିଲେ। ଶେଷରେ ୱାଇଆର୍‌ସି କାଉନସେଲର ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥାନ



ବରଗଡ଼: ଭରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥାନ, ବରଗଡ଼ରେ ଶନିବାର ଛାତ୍ରଛାତ୍ରୀ ତଥା କର୍ମଚାରୀ ମାନଙ୍କୁ ସିପିଆର ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ସ୍ଥିତ ସାଇ ସରସ୍ୱତୀ ସେଣ୍ଟ୍ରାଲ ଟ୍ରଷ୍ଟ ନାମକ ସଂସ୍ଥା ଦ୍ୱାରା ହୋଇଥିବା ଏହି ଦକ୍ଷତା କର୍ଯ୍ୟକ୍ରମକୁ ହାଇଟେକ୍ ମେଡିକାଲ କଲେଜ, ହୃଦୟ ବିଭାଗର ଡ.ଚନ୍ଦନ ଦାସ ଓ ସିପିଆର ମାଷ୍ଟର ଟ୍ରେନର ଇଂ.ସାଇରାମେଶ୍ୱର ଲେଙ୍କା ପରିଚାଳନା କରିଥିଲେ। ଏହି ପଦ୍ଧତି ସମସ୍ତେ ଶିଖିବା ଉଚିତ। ଆପଦ୍‌କାଳୀନ ପରିସ୍ଥିତିରେ ଆବଶ୍ୟକ ସ୍ଥଳେ ଏହି ପଦ୍ଧତି ଦ୍ୱାରା କୌଣସି ବ୍ୟକ୍ତିର ଜୀବନ ରକ୍ଷା କରାଯାଇ ପାରିବ। କାର୍ଯ୍ୟକ୍ରମରେ ଅଧାପକ ଦୀପକ ସରାଫ, ଅରବିନ୍ଦ, ଦିଲୀପ ମେହେର, ରାଜେନ୍ଦ୍ର ସିକନ୍ଦର, ସତିଶ ଜଂଗ୍ରା ତଥା ସମସ୍ତ ଷ୍ଟାଫ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଟ୍ରକ୍ ପାର୍କିଂ ନିର୍ମାଣ ବିରୋଧରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବରଗଡ଼,୧୩।୯ (ସମିସ)

ବରଗଡ଼ ଜିଲ୍ଲା ବାନ୍ଧେନଟିକ୍ରା ଗାଁର ସନ୍ନିକଟରେ ବରଗଡ଼ ଟ୍ରକ ୟୁନିୟନ ଦ୍ୱାରା ଏକ ପାର୍କିଂ ସ୍ଥାନ ନିର୍ମାଣ କରାଯାଉଛି। ଏହି ନିର୍ମାଣ କାମକୁ ଗ୍ରାମବାସୀ ବିରୋଧ କରି ଶନିବାର ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।



## ତହସିଲଦାରଙ୍କ ଦୋମୁହାଁ ନୀତି

ଏଠାରେ ସ୍କୁଲ ଛାତ୍ରଛାତ୍ରୀ ତଥା ଅନ୍ୟ ପିଲାଙ୍କ ପାଇଁ ଏକ ଅସ୍ଥାୟୀ ଖେଳ ପଡିଆ ସ୍କୁଲ କମିଟି ଦ୍ୱାରା କରାଯାଇଛି। ଯଦି ପାର୍କିଂ ନିର୍ମାଣ ହୁଏ ଛାତ୍ରଛାତ୍ରୀ ଖେଳିବା ପାଇଁ ଜାଗା ମଧ୍ୟ ପାଇ ପାରିବେ ନାହିଁ। ଆହୁରି ମଧ୍ୟ ରେଳ ଧାରଣାର ଥିବା ଦୁଇଟି ପଡାରୁ ବାନ୍ଧେନଟିକ୍ରା ୟୁଜିଏମି ସ୍କୁଲକୁ ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ଏହି ପାର୍କ ଦେଇ ଯାଇଥିବା ରାସ୍ତାରେ ଯିବା ଆସିବା କରିଥାନ୍ତି, ସେମାନଙ୍କ ବାଟ ମଧ୍ୟ ବନ୍ଦ ହୋଇଯିବ। ଏପଟେ ଓଭର ବ୍ରିଜ ନିର୍ମାଣ ସମୟରେ ଗ୍ରାମବାସୀଙ୍କୁ ଦିଆଯାଇଥିବା ରାସ୍ତା ବନ୍ଦ କରାଯାଇଛି। ପାର୍କିଂ ନିର୍ମାଣ କରାଯାଇଥିବା ରାସ୍ତା ଉପରେ ସେମାନେ ନିର୍ଭରଶୀଳ। ଏହାର ନିର୍ମାଣ ହେଲେ ଗ୍ରାମବାସୀଙ୍କ ଯିବା ଆସିବା ବନ୍ଦ ହୋଇଯିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନରେ ପାର୍କିଂ ନିର୍ମାଣ ହେବା ଦ୍ୱାରା ଡ୍ରାଇଭର ଓ ଖଲାସୀମାନେ ନିଶାଗ୍ରସ୍ତ ହୋଇ ଛାତ୍ରଛାତ୍ରୀ ତଥା ମହିଳାମାନଙ୍କୁ ଅସଦାଚରଣ କରିବାର ସମ୍ଭାବନା ରହିଛି। ଶୁକ୍ରବାର ନିର୍ମାଣ କାମକୁ ବିରୋଧ କରାଯାଉଥିବା ବେଳେ ଉପସ୍ଥିତ ଟ୍ରକ ମାଲିକମାନେ ଗ୍ରାମବାସୀଙ୍କୁ ଆକ୍ରମଣାତ୍ମକ ଧମକ ଦେଉଥିବା ଅଭିଯୋଗ ହୋଇଛି। ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ ପ୍ରଥମେ ଯାଇ ଏଇଟା ରେଲୱେ ଜାଗା ବାହାରୁଚି ବୋଲି କହିଥିଲେ। ହେଲେ କିଛି ଦିନ ପରେ କଥା ବଦଳାଇ ଏଠାରେ ପାର୍କିଂ ହେବ ବୋଲି କହିବାରୁ ଗ୍ରାମବାସୀ ସମ୍ପୂର୍ଣ୍ଣ ହତାଶ ହୋଇ ପଡିଛନ୍ତି।

ଗ୍ରାମବାସୀମାନଙ୍କ ସହ କୌଣସି ଅପ୍ରୀତିକର ଘଟଣା ଘଟିଲେ ଟ୍ରକ ମାଲିକ ସଂଘ ଏଥିପ୍ରତି ଦାୟୀ ରହିବେ ବୋଲି ସେମାନେ ଚେତେଇ ଦେଇଛନ୍ତି।

# ୨ ନାବାଳିକାଙ୍କୁ ଉଦ୍ଧାର କଲା ପୁଲିସ

ଦେବଗଡ,୧୩।୯ (ସମିସ): ଦେବଗଡ଼ ଥାନା ପୁଲିସ ଭିନ୍ନ ଭିନ୍ନ ସ୍ଥାନରୁ ଶନିବାର ୨ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି। ଦେବଗଡ ଥାନାଞ୍ଚଳର କୁସୁମକଟା ଗାଁର ୧୩ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ବାପା ଦେବଗଡ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନାବାଳିକା ଜଣକ ତାଙ୍କ ମା' ପାଖରେ ରିଆମାଳ ଥାନାଞ୍ଚଳର ତଲେଶ୍ୱର ଗାଁରେ ଥିବା ପୁଲିସ ଜାଣିବାକୁ ପାଇଥିଲା। ଆଜି ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିନୟ କେରକେଟା ସଦଳବଳେ ଉକ୍ତ ଗାଁରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ। ନାବାଳିକାକୁ ଆଜି ସିଡବ୍ଲ୍ୟୁସିରେ ଉପସ୍ଥାପନା କରିବା ପରେ ନାବାଳିକାକୁ ଶିଶୁ ଆଶ୍ରୟ ଗୃହରେ ରଖାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରିଆମାଳ ଥାନା ପାଇକନଗର ଗାଁର ୧୬ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଦେବଗଡ ଥାନାରେ ଅଭିଯୋଗ କରାଯାଇଥିଲା। ପାଇବା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନାବାଳିକା ଜଣକ ମହାରାଷ୍ଟ୍ରର ନାସିକ ଅଞ୍ଚଳରେ କାମଧନ୍ଦା କରିବା ଉଦ୍ଦେଶ୍ୟରେ ଯାଇଥିବା ଜଣାପଡ଼ିଥିଲା। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିନୟ ପରିଡା ସଦଳବଳେ ସେହି ସ୍ଥାନରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ। ଆଜି ନାବାଳିକାକୁ ସିଡବ୍ଲ୍ୟୁସିରେ ଉପସ୍ଥାପନା କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଡିଏଭି ପବ୍ଲିକ୍ ସ୍କୁଲରେ ନୂଆଁଖାଇ ଭେଟ୍‌ଘାଟ୍



ବନ୍ଧବାହାଲ/ଝାରସୁଗୁଡ଼ା,୧୩।୯ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲ ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସୁନ୍ଦର ସମଲେଶ୍ୱରୀ ଭଜନ ପରିବେଷଣ କରାଯାଇଥିଲା। ନୂଆଁଖାଇ ଭେଟ୍‌ଘାଟ୍‌ର ମହତ୍ତ୍ୱ ସମ୍ପର୍କରେ ଶିକ୍ଷକମାନେ ନିଜନିଜ ଅଭିମତ ରଖିଥିଲେ। ଏଥିରେ ଅଧ୍ୟକ୍ଷ ହୋତା କୃଷକ ଏବଂ ରାଷ୍ଟ୍ର ସୁରକ୍ଷାରେ ନିୟୋଜିତ ସୈନିକଙ୍କୁ ସମ୍ମାନ ଦେବା ପାଇଁ ବକ୍ତବ୍ୟ ରଖିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହ ସଭାକାର୍ଯ୍ୟ ପରିସମାପ୍ତି ଘୋଷଣା କରାଯାଇଥିଲା।

## ସର୍ବଦଳୀୟ ମହିଳା ସଂଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍




ଝାରସୁଗୁଡ଼ା,୧୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଆର୍ଟ ଅଫ ଲିଭିଂ ହଲରେ ସର୍ବ ଦଳୀୟ ମହିଳା ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶନିବାର ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ, ଗୀତ, ବାଦ୍ୟ, ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ପରି ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆସର ଜମିଛି। ଏହାସହ ଗୀତ, ନୃତ୍ୟ, ଫେସନ ସୋ, ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତା ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବେଲପାହାଡ ଏବଂ ଆଖାପାଖ ଅଞ୍ଚଳର ମହିଳାମାନେ ଉପସ୍ଥିତ ରହି ନୂଆଁଖାଇ ଏବଂ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହାସହ ଛୋଟ ମାନେ ବଡ ମାନଙ୍କୁ ମୁଣ୍ଡିଆ ମାରି ଓ ବଡ ମାନେ ଛୋଟ ମାନଙ୍କୁ ଆଶୀର୍ବାଦ ଦେଇ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମକୁ ଧୁମଧାମରେ ପାଳନ କରାଯାଇଛି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ




ଦେବଗଡ଼,୧୩।୯ (ସମିସ): ବାରକୋଟ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରା ଯାଇଛି। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟଙ୍କା ସାହୁ ଓ ଷ୍ଟାଫନର୍ସ ବିଷ୍ଣୁ ପ୍ରିୟା ସାହୁ ଯୋଗ ଦେଇ ପରିବର୍ତ୍ତନଶୀଳ ଜଳବାୟୁରେ ପ୍ରାଥମିକ ଚିକିତ୍ସା ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ମଧୁମିତା ନନ୍ଦଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସ୍ନାତକ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କୁଣ୍ଢେଇଗୋଲା ଉଚ୍ଚ ବିଦ୍ୟାଳୟରେ ଜାତୀୟ ହିନ୍ଦୀ ଦିବସ

କୁଣ୍ଢେଇଗୋଲା,୧୩।୯ (ସମିସ): ରିଆମାଳ ବ୍ଲକ୍ ଅଧୀନ କୁଣ୍ଢେଇଗୋଲା ଉଚ୍ଚ ବିଦ୍ୟାଳୟରେ ଶନିବାର ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କିଷାନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ହିନ୍ଦୀ ଶିକ୍ଷକ ଚିନ୍ତାମଣି ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା, ଗୋହିରା ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ, ପ୍ରଶାନ୍ତ କୁଜୁର, ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ବାଉରୀ ବନ୍ଧୁ ସାହୁ ଓ ଶୁଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହ ବିଦ୍ୟାଳୟର ହିନ୍ଦୀପ୍ରଭା ପତ୍ରିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛାତ୍ର ସବ୍ୟସାଚୀ ମୁଣ୍ଡା ସଂଯୋଜନା କରିଥିବା ବେଳେ ଛାତ୍ରୀ ସଞ୍ଜନା ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ର ଓମ୍ ପ୍ରକାଶ ଦଲବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




## ବିଜେପୁର ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ବିଜେପୁର,୧୩।୯ (ସମିସ): ବିଜେପୁର ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ ୟୁନିଟ ତରଫରୁ ଗତ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନନ୍ତ ପୂଜା ଉପଲକ୍ଷେ ଏକ ସାତ ଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ମିଶ୍ରଙ୍କ ଦ୍ୱାରା ପତାକା ଉତ୍ତୋଳନ କରି ଶିବିର ଆରମ୍ଭ ହୋଇଥିଲା। ପ୍ରୋଗ୍ରାମ ଅଫିସର ପ୍ରତୀକ୍ଷା ସେଠ, ଅନ୍ୟତମ ଏନ୍‌ଏସ୍‌ଏସ ପିଓ ରବିକାନ୍ତ ମହାନନ୍ଦ, କ୍ରୀଡା ଶିକ୍ଷକ ସାନନ୍ଦ ସେଠ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଗ୍ନିସେବା ବିଭାଗର ତାଣ୍ଡିଆ ସାର୍, ଉଦ୍ୟାନ ବିଭାଗର ନିରଞ୍ଜନ ଦ୍ୱିବେଦୀ, ଦୀପିକା ପାତ୍ର, କରାଟେ ପ୍ରଶିକ୍ଷକ ଗଜେନ୍ଦ୍ର ମେହେର ପ୍ରମୁଖ ବିଭିନ୍ନ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଏନ୍‌ଏସ୍‌ଏସ ୟୁନିଟ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପାଇକମାଳ,୧୩।୯ (ସମିସ): ପାଇକମାଳ ବ୍ଲକ୍ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଅଧ୍ୟକ୍ଷ ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ସଭାରେ ବରିଷ୍ଠ ଅଧ୍ୟାପକ ତେଜରାଜ ସାହୁ ଛାତ୍ରଛତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିବା ବେଳେ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକମାନେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରିପନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ ବିଭାଗ ମୁଖ୍ୟ ପିଙ୍କୁ ନାଏକ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ତଥା ସମସ୍ତ ଛାତ୍ରଛାତ୍ରୀଙ୍କ ସହଯୋଗ ରହିଥିଲା। ଅଧ୍ୟାପିକା ଜୟଶ୍ରୀ ମେହେର ଧନ୍ୟବାଦ ଦେଇଥିଲେ।

# ଝାରସୁଗୁଡ଼ାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

● ୨୧୭୦ ମାମଲାର ପ୍ରାୟ ୨ କୋଟି ଟଙ୍କାରେ ଆପୋସ ସମାଧାନ



ଝାରସୁଗୁଡ଼ା,୧୩।୯ (ସମିସ): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଅଦାଲତରେ ବିଚାରାଧିନ ଥିବା ମାମଲା ମାନଙ୍କ ମଧ୍ୟରେ ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧିନ ଥିବା ୮ ଟି ମୋକଦ୍ଦମା ୧,୫୨,୬୦,୦୦୦ ଟଙ୍କାରେ, ୫ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୩ଟି ଚେକ ବାଉନ୍ସ ମାମଲା ୩,୪୦,୯୧୫ ଟଙ୍କାରେ, ୧୩ଟି ଟଙ୍କା ପୁନରୁଦ୍ଧାର ମାମଲା, ୧୦ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ), ୧୯ଟି ଅନ୍ୟାନ୍ୟ ଦେୱାନି, ୧୭୮୯ ଟି ରାଜସ୍ୱ ମୋକଦ୍ଦମା ୮୭, ୩୦୭ ଟଙ୍କାରେ ଓ ୧୭୬ ଟି ଅନ୍ୟାନ୍ୟ ଫୌଜଦାରୀ ମୋକଦ୍ଦମା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୭୦ଟି ଋଣ ସମ୍ବନ୍ଧୀୟ ମାମଲା ୨୮,୯୦,୮୭୧ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ୧୫ଟି ମାମଲା ୩୧,୦୦୦ ଟଙ୍କାରେ, ଭାରତ ସଞ୍ଚାର ନିଗମ ଲିମିଟେଡର ଟେଲିଫୋନ ବିଲ୍ ଦେୟ ସମ୍ବନ୍ଧୀୟ ୧୮ଟି ମାମଲା ୧୭,୮୭୨ ଟଙ୍କାରେ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ୧ଟି ପରିବାର ବିବାଦ ମାମଲା ଏବଂ ଟାଟା ପାୱାରର ବିଦ୍ୟୁତ ବିଲ ଦେୟ ସମ୍ବନ୍ଧୀୟ ୫୩ଟି ମାମଲା ୮,୬୧,୧୫୬ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ନାୟକ ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିଲେ।

ଏହି ଲୋକ ଅଦାଲତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଉପସ୍ଥିତ ଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକ ମୟୀ ପ୍ରଧାନ ପରିଚାଳନା କରିଥିଲେ। ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୧୧ ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା।

ବେଞ୍ଚ ଗୁଡିକର ସଦସ୍ୟ ଭାବେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର, ଡାକେଶ୍ୱର ପାଣ୍ଡେ, ତାଲିମପ୍ରାପ୍ତ ମଧ୍ୟସ୍ଥି ମନୋଜ ସୁନା, ରୂପାଲୀ ଚାଟାର୍ଜି, ବୋନେଲା ନାଗେଶ୍ୱରୀ, ପ୍ରଶାନ୍ତ ଦାସ, ଡ଼ମାଳି ପଟେଲ, ପ୍ରାଧୀକରଣର ତାଲିକାଭୁକ୍ତ ଆଇନଜୀବୀ ଭବାନୀ ଶଙ୍କର ଦଣ୍ଡସେନା, ଗଙ୍ଗାଧର ବେହେରା, କୈଳାସ ମହାନନ୍ଦିଆ, ସମାଜସେବୀ ଦେବାର୍ଚନ ଠାକୁର, ତୁଳାରାମ ପଟେଲ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କନ୍ସିଲେଟର ଅଶୋକ ପାଟଜୋଶୀ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ସଦସ୍ୟ ଆନନ୍ଦିନୀ ପାଢ଼ୀ ଓ ସୁରେଶ ଚନ୍ଦ୍ର ପଟେଲ ଉପସ୍ଥିତ ରହିଥିଲେ। ବେସରକାରୀ ବୀମା କମ୍ପାନୀ ମାନଙ୍କ ତରଫରୁ ଓକିଲ ଅନୁପ ମିଶ୍ର ଓ ବିଶ୍ୱନାଥ ଦତ୍ତ ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।

## ଟି ୱିଥ୍ ଟିଚର୍ସ: ଶିକ୍ଷାରେ ପ୍ରେରଣାଦାୟକ ପରିବର୍ତ୍ତନ ଦିଗରେ ପଦକ୍ଷେପ

ଝାରସୁଗୁଡ଼ା,୧୩।୯ (ସମିସ): ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରେରିତ କରିବା ଏବଂ ବିଦ୍ୟାଳୟରେ ଶିକ୍ଷାନୁକୂଳ ପରିବେଶକୁ ସୁଦୃଢ଼ କରିବା ଭଳି ମହତ୍ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ 'ଟି ୱିଥ୍ ଟିଚର୍ସ' ନାମରେ ଏକ ଅଭିନବ ଏବଂ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବେଲପାହାଡ ସ୍ଥିତ ପିଏମଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ଡ.ରାଧାକାନ୍ତ ଗଡତିଆଙ୍କ ନେତୃତ୍ୱରେ ଏହାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ, ବେଲପାହାଡ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁବରାଜ ସିଂ ଓ ପିପିଲିମାଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅମୁଲ୍ୟ ମଲ୍ଲିକଙ୍କ ସମେତ ଦୁଇଟି ଆଞ୍ଚଳିକ ସାଧନ କେନ୍ଦ୍ରର ୧୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ସେ ସିଧାସଳଖ ଆଲୋଚନା କରିଥିଲେ। ଉତ୍ତମ ମଧ୍ୟାହ୍ନ ଭୋଜନ, ପାଠ୍ୟ ଯୋଜନା, ପାଠ୍ୟ ଡାଏରୀ, ପ୍ରତି ଶ୍ରେଣୀ ଗୃହରେ ଶିକ୍ଷଣ ସହାୟକ ସାମଗ୍ରୀ, ଏଫ୍‌ଏଲ୍‌ଏନ୍ କୋଣ, ବିଦ୍ୟୁତ୍ ସଂଯୋଗ, ସ୍ୱଚ୍ଛ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳର ଉପଲବ୍ଧତା ପ୍ରତ୍ୟେକ ବିଦ୍ୟାଳୟରେ ସୁନିଶ୍ଚିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ଏକ ଭୟମୁକ୍ତ, ସୁରକ୍ଷିତ ଓ ଆନନ୍ଦମୟ ପରିବେଶ ଯୋଗାଇଦେବା ସହିତ ନିଜର ଦାୟିତ୍ୱଗୁଡିକୁ ବୁଝି ଏକ ଉନ୍ନତ ସମାଜ ଗଢ଼ିବାକୁ ସେ ପ୍ରେରଣା ଦେଇଥିଲେ। 'ଟି ୱିଥ୍ ଟିଚର୍ସ' ପ୍ରୟାସଟି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଶିକ୍ଷକମାନଙ୍କ ମଧ୍ୟରେ ସଂଯୋଗ ସୃଷ୍ଟିର ଏକ ମାଧ୍ୟମ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ଦିନମାନଙ୍କରେ ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ସିଧାସଳଖ ଭାବେ ଆଲୋଚନା କରି ସେମାନଙ୍କ ସମସ୍ୟା ଗୁଡିକର ସମାଧାନ କରିବା ସହିତ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଗଠନମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡତିଆ ସୂଚନା ପ୍ରଦାନ କରିଛନ୍ତି।

## ଦେବଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଦେବଗଡ଼,୧୩।୯ (ସମିସ): ଦେବଗଡ଼ ସିଭିଲ କୋର୍ଟ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦେବାଶିଷ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦେବଗଡ଼ର ସମସ୍ତ ବିଚାର ବିଭାଗୀୟ କୋର୍ଟ ସହ ବିଭିନ୍ନ ବ୍ୟାଙ୍କ ଓ ବିଦ୍ୟୁତ୍ ବିଭାଗ ଲୋକ ଅଦାଲତରେ ସାମିଲ ହୋଇଥିଲେ। ଏଥିରେ ୧୦ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ମୋଟ୍ ୧ କୋଟି ୪୦ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ବିଚାର ଯୋଗ୍ୟ ୮୧ ଟି ଫୌଜଦାରୀ ମାମଲା ଫଇସଲା କରାଯାଇଥିଲା ଏବଂ ୧ ଟିଏନଆଇ ଆକ୍ଟ ଦଫା ଫଇସଲା ହୋଇ ୫ ଲକ୍ଷ ଟଙ୍କା ଆଦାୟ ହୋଇଥିଲା। ଏଥିସହିତ ୩,୪୧୨ଟି ରାଜସ୍ୱ ମାମଲା, ୫ଟି ବୈବାହିକ ମାମଲା, ଅନ୍ୟାନ୍ୟ ୩ ଟି ଜମିଜମା ମାମଲା, ୨୧୦ ଟି ବ୍ୟାଙ୍କ ଋଣ ଏବଂ ବିଦ୍ୟୁତ୍ ସଂକ୍ରାନ୍ତୀୟ ମାମଲା ବାବଦକୁ ମୋଟ୍ ୪୧ ଲକ୍ଷ ୧୩, ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଜଜ୍ ଦେବାଶିଷ ରାଉତ, ପରିବାର ଅଦାଲତ ଜଜ୍ ଅନୁପ୍ ଚନ୍ଦନ, ଅତିରିକ୍ତ ଜିଲା ଜଜ୍ ମଧୁମିତା ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଶାନ୍ତ ବେହେରା, ସିନିୟର୍ ସିଭିଲ୍ ଜଜ୍ ମନୋରଞ୍ଜନ ମିଶ୍ର, ମହିଳା କୋର୍ଟର ବିଚାରପତି ସାନ୍ତାଶ୍ରୀ ମହାନ୍ତି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ରୁଦ୍ରପ୍ରକାଶ ନାୟକ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଧନଞ୍ଜୟ ନାୟକ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଭସ୍ମିତା ଶୁଭଦର୍ଶୀନୀ ପାତ୍ର ଲୋକ ଅଦାଲତର ପରିଚାଳନା କରିଥିଲେ।



# 'ଆସ ସ୍କୁଲ ଯିବା' ଓ ଶିକ୍ଷା ସଚେତନତା ପଦଯାତ୍ରା




ଦେବଗଡ଼,୧୩।୯ (ସମିସ): ଅଧାରୁ ପାଠ ଛାଡିଥିବା, ବିଦ୍ୟାଳୟରେ ମୂଳରୁ ନାମ ଲେଖାଇ ନଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲା ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଆସ ସ୍କୁଲ ଯିବା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଆଜି ଜଗନ୍ନାଥ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗୋଗୁଆ, ପ୍ରଭାଶୁଣି ଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ସମଗ୍ର ଶିକ୍ଷା ଜିଲ୍ଲା ଯୋଜନା ସଂଯୋଜକ ତପନ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରସନ୍ନ ସାହୁ ପ୍ରମୁଖ ପତାକା ଦେଖାଇ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପରିଚାଳନା ସମିତିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀ ଶିକ୍ଷା ସଚେତନତା ସ୍ଲୋଗାନ, ପ୍ଲା କାର୍ଡ ଧରି ଗାଁ ପରିକ୍ରମା କରିଥିଲେ। ଅଧାରୁ ପାଠ ଛାଡି କିମ୍ବା ମୂଳରୁ ନାମ ଲେଖାଇ ନଥିବା ଛାତ୍ରଛାତ୍ରୀ ବୟସ ଅନୁସାରେ ବିଦ୍ୟାଳୟରେ ଓ ୧୪ରୁ ୧୮ ବର୍ଷ ପିଲାମାନଙ୍କର ଓଡ଼ିଶା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଅତିଥି ମାନେ ପରାମର୍ଶ ଦେବା ସହ ଶିକ୍ଷା ସଚେତନତା ଲିଫଲେଟ ବଣ୍ଟନ କରିଥିଲେ। ପଦଯାତ୍ରାରେ ସିଆରସିସି ଅଶୋକ ସାହୁ, ଭେନସ ପ୍ରଧାନ, ବିପିନ ବିହାରି ଅଢ଼ା, ନୀଳାମ୍ବର କଲୋ, ଅଜୟ ସାହୁ, ସ୍ଥାନୀୟ ବିଦ୍ୟାଳୟ ଲିଲିରଞ୍ଜିତା ମିଞ୍ଜ, ରିଙ୍କି ପାତ୍ର, ରାଜେଶ ପ୍ରଧାନ, ପ୍ରତାପ ଜେନା, ଟିପଟନ ସାହୁ, କାର୍ଯ୍ୟାଳୟ ସହାୟକ ଚିନ୍ମୟ ବେହେରା, ୱାର୍ଡ ସଭ୍ୟ ଗଣନାଥ ସାହୁଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା, ବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

### ● ଓପିଏମ୍ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଓପିଏମ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶରେ ଜିଲ୍ଲା ସଂଗଠନ କମିଶନର ଗାଇଡ ପ୍ରତିଭା ମହାପାତ୍ରଙ୍କ ନେତୃତ୍ୱରେ ଶିକ୍ଷା ସଚେତନତା ପଦଯାତ୍ରା ବା ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯେଉଁମାନେ ଏପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସିନାହାନ୍ତି କିମ୍ବା ଅଧାରେ ପଢ଼ା ଛାଡି ଦେଇଛନ୍ତି ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହାର ଉଦ୍ଦେଶ୍ୟ ରହିଥିଲା। ପଦଯାତ୍ରାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା, ଶିକ୍ଷୟିତ୍ରୀ ସସ୍ମିତା ଜେନା, ବବିତା ମିଞ୍ଜ, ସୁଶାନ୍ତି ଡିଗା, ସସ୍ମିତା ସାହୁ, ସୁଜାତା ପଟେଲ, ଅଜୟ ପଟେଲ, ଗୌତମ ଟପ୍ପୋ, କାର୍ତ୍ତିକ ସେଠ, ପୁରନ୍ଦର ବାଗ, ଗୋବିନ୍ଦ ପ୍ରଧାନ, ସୁନନ୍ଦା ଧୂରୁଆ, ଝିଲି ବାରିକ, ପ୍ରଦୀପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ବିଦ୍ୟାଳୟର ଗାଇଡ ରେଡକ୍ରସର ଜୁନିଅରସ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ରାଲିରେ ସାମିଲ ହୋଇଥିଲେ।



# ଭଞ୍ଜ ସାଂସ୍କୃତିକ ପରିସର ହେବ ଦେଶର ବହୁମୁଖୀ ସାଂସ୍କୃତିକକେନ୍ଦ୍ର

**ରାଉରକେଲା, ୧୩।୯ (ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସପି) କର୍ତ୍ତୃପକ୍ଷ ଆଇନଗତ ପ୍ରକ୍ରିୟାର ଅନୁସରଣ କରି ୧୨ ସେପ୍ଟେମ୍ବର ୨୦୨୫ ରେ ଭଞ୍ଜ ସାଂସ୍କୃତିକ ପରିସରସ୍ଥ ୩ ଏକର ୧୯ ଡିସିମିଲ ଜମିକୁ ନିଜ ଦଖଲକୁ ନେଇଛନ୍ତି। ଭଞ୍ଜ ସାଂସ୍କୃତିକ ପରିସରକୁ ଦେଶର ଏକ ବହୁମୁଖୀ ସାଂସ୍କୃତିକ କେନ୍ଦ୍ରରେ ବିକଶିତ କରାଯିବା ପାଇଁ ଆରଏସପି କର୍ତ୍ତୃପକ୍ଷ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ରାଉରକେଲା ଇସ୍ପାତ କାରଖାନା ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା କହିଛନ୍ତି। ଭଞ୍ଜ ସାଂସ୍କୃତିକ ପରିସରର ସଂରଚନା ଗୁଡ଼ିକର ମରାମତି ଓ ନବୀକରଣ କରାଯାଇ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଏହାକୁ ସୁରକ୍ଷିତ କରିବା ନିମନ୍ତେ ତୁରନ୍ତ ବିହିତ ପଦକ୍ଷେପ ନିଆଯିବ। ସମସ୍ତ ସୁବିଧାଗୁଡ଼ିକର ବ୍ୟାପକ ନବୀକରଣ ସହିତ ଏକ ସମ୍ପୂର୍ଣ୍ଣ ନବକଳେବର କରାଯିବ, ଯାହା ଦ୍ୱାରା ଏହାକୁ ପ୍ରକୃତରେ ଏକ ଜାତୀୟସ୍ତରୀୟ ସାଂସ୍କୃତିକ ପରିସରରେ ରୂପାନ୍ତରିତ କରାଯିବ। ଭାରତ, ବିଶେଷକରି ଓଡ଼ିଶାର ଋଦ୍ଧିମନ୍ତ କଳା, ସଂସ୍କୃତି ଏବଂ ସାହିତ୍ୟ ଉପରେ ଧ୍ୟାନ କେନ୍ଦ୍ରିତ ସହକାରେ ଭଞ୍ଜ ସାଂସ୍କୃତିକ ପରିସରର ସମୃଦ୍ଧ ଐତିହ୍ୟକୁ ନା କେବଳ ବଜାୟ ରଖାଯିବ, ବରଂ ଆହୁରି ବୃଦ୍ଧି କରାଯିବ ବୋଲି ସେ କହିଥିଲେ।

ଏ ନେଇ ଆଜି ଉକ୍ତ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ 'ସମାଧାନ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଡିଆଇସି ଶ୍ରୀ ବର୍ମା କହିଛନ୍ତି ଯେ ଭଞ୍ଜ ସାଂସ୍କୃତିକ ପରିସର ସମ୍ପର୍କିତ ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବା ପାଇଁ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏଥିରେ ପରିସରର ନବୀକରଣ, ଉନ୍ନତିକରଣ ଏବଂ କାର୍ଯ୍ୟକଳାପର ପରିସରକୁ ବିସ୍ତାର କରିବାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ଯାହା ଦ୍ୱାରା ପରିସରର ହୃତ ଗୌରବ ଫେରାଇ ଅଣାଯାଇପାରିବ। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ନବୀକରଣ କାର୍ଯ୍ୟପରେ ଭଞ୍ଜ ସାଂସ୍କୃତିକ ପରିସରରେ ବିଭିନ୍ନ ସାଂସ୍କୃତିକ ଏବଂ ସାହିତ୍ୟିକ କାର୍ଯ୍ୟକ୍ରମ ପୁନଃ ଆରମ୍ଭ କରାଯିବ ଯେଉଁ ବୃହତ ଉଦ୍ଦେଶ୍ୟରେ ଏହାର ପ୍ରତିଷ୍ଠା ହୋଇଥିଲା। ନବୀକରଣ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ। ଭଞ୍ଜ ଭବନରେ ଏକ 'ଉପେନ୍ଦ୍ର ଭଞ୍ଜ ଆର୍ଟ ଗ୍ୟାଲେରୀ' ବିକଶିତ କରିବାର




ଯୋଜନା ମଧ୍ୟ ଚାଲିଛି ଯାହା କଳାକାର, କାରିଗର, ଫଟୋଗ୍ରାଫର, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ସୃଜନ ପ୍ରଦର୍ଶନ କରିବା ପାଇଁ ଏକ ଆଧୁନିକ ଏବଂ ଷ୍ଟାଇଲିସ୍ ସ୍ଥାନ ପ୍ରଦାନ କରିବ। ସେହିପରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମବାର୍ଷିକୀ ପାଳନ ପାଇଁ ପ୍ରତିବର୍ଷ ଏକ ସଙ୍ଗୀତ ମହୋତ୍ସବ ଆୟୋଜନ କରାଯିବ ଯେଉଁଥିରେ ସ୍ଥାନୀୟ ଏବଂ ପ୍ରତିଷ୍ଠିତ ଗାୟକମାନଙ୍କ ଦ୍ୱାରା ଲୋକ, ଶାସ୍ତ୍ରୀୟ ଏବଂ ସମସାମୟିକ ସଙ୍ଗୀତ ରୂପଗୁଡ଼ିକ ପ୍ରଦର୍ଶିତ ହେବ ଯାହା ପ୍ରତ୍ୟେକ ବୟସ ଏବଂ ରୁଚିର ବ୍ୟକ୍ତିଙ୍କୁ ଆକର୍ଷିତ କରିବ। ପରିସର ଭିତରେ ଥିବା ପାଠାଗାରକୁ ନୂତନ ପୁସ୍ତକ ଏବଂ ଡିଜିଟାଲ୍ ସୁବିଧା ସହିତ ଆଧୁନିକୀକରଣ କରାଯିବ। ଏହା ବ୍ୟତୀତ, ପ୍ରତିବର୍ଷ ସ୍ଥାନୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ପ୍ରତିଭାମାନଙ୍କୁ ନିମନ୍ତ୍ରଣ କରି କଳା ଏବଂ ସାହିତ୍ୟ ମହୋତ୍ସବ ଆୟୋଜନ କରାଯିବ ଯାହା ଇସ୍ପାତ ନଗରୀର ଉଦୀୟମାନ କଳାକାରମାନଙ୍କୁ ଅନୁପ୍ରେରିତ କରିବ। ରାଉରକେଲା ଇସ୍ପାତ କାରଖାନା କଳା, ସାହିତ୍ୟ, ସଂସ୍କୃତି ଏବଂ ସୃଜନଶୀଳତାର ସମୃଦ୍ଧି ଏବଂ ବିବିଧତାକୁ ପ୍ରୋତ୍ସାହିତ କରି ତଥା ଯୁବମାନସକୁ ମଧ୍ୟ ପୋଷଣ ଓ ଅନୁପ୍ରେରିତ କରି ଭଞ୍ଜ ସାଂସ୍କୃତିକ ପରିସରକୁ ଏକ ସମୃଦ୍ଧ କେନ୍ଦ୍ର ରୂପେ ଗଢିବା ନିମନ୍ତେ ପ୍ରତିବଦ୍ଧ ରହିଛି ବୋଲି ଶ୍ରୀ ବର୍ମା କହିଛନ୍ତି। ସୂଚନାଯୋଗ୍ୟ ଯେ ଭଞ୍ଜ ସାଂସ୍କୃତିକ ପରିସର ପ୍ରତିଷ୍ଠାର ପ୍ରକୃତ ଉଦ୍ଦେଶ୍ୟକୁ ଉଲ୍ଲଂଘନ କରି ବର୍ଷ ବର୍ଷ ଧରି କେତେକ ଜବରଦାଖଲକାରୀଙ୍କ ଦ୍ୱାରା ପରିସରର ବ୍ୟାପକ ବାଣିଜ୍ୟିକ ଅପବ୍ୟବହାର ଯୋଗୁଁ ପରିସର ସ୍ଥିତ ସୌଧ, କୋଠା ଏବଂ ନିର୍ମାଣଗୁଡ଼ିକ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପରିଣତ ହୋଇଛିଲା। ଏପରିକି ନିର୍ମାଣର କିଛି ଅଂଶ ବର୍ତ୍ତମାନ ଲୋକଙ୍କ ପାଇଁ ସୁରକ୍ଷା ବିପଦ ପାଲଟିଛି। ଏହି କୋଠା ଏବଂ ନିର୍ମାଣଗୁଡ଼ିକ ମଧ୍ୟରୁ ଅଧିକାଂଶ ତୁରନ୍ତ ମରାମତି ଏବଂ ନବୀକରଣ ଜରୁରୀ ହୋଇପଡ଼ିଛି ଡିଆଇସି ଶ୍ରୀ ବର୍ମା କହିଛନ୍ତି।

## ୯୫ ଜଣ ପାଇଲେ ୩୫ ଶହ ଟଙ୍କା ଭତ୍ତା

**ଧର୍ମଗଡ଼, ୧୩।୯(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ଧର୍ମଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ଦିବ୍ୟାଙ୍ଗ, ବିଧବା, ବୃଦ୍ଧ ବୃଦ୍ଧା, ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ଧର୍ମଗଡ଼ ସଭା ଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ୭୫ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା କାର୍ଡ ସହ ଦୁଇ ମାସର ଭତ୍ତା ଟଙ୍କା ପ୍ରଦାନ କରିଥିବା ବେଳେ ୯୫ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ବିଡ଼ିଓ ସଦାଶିବ ନାୟକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଦେବି ପ୍ରସାଦ ମେହେର, ଜଗନ୍ନାଥ ସେବା ସମିତି ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ସମାଜସେବୀ ହିମାଂଶୁ ଶେଖର ପଣ୍ଡା, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ଦାୟିତ୍ୱ ପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଲୋକ ନାଥ ଭାଟି, କାର୍ଯ୍ୟକ୍ରମ ସହାୟକ ଦେବେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥାଇ ନୂତନ ହିତାଧିକାରୀଙ୍କୁ ଦୁଇ ମାସର ଭତ୍ତା ଟଙ୍କା ସହ ଭତ୍ତା କାର୍ଡ ପ୍ରଦାନ କରିଥିଲେ।

## ଚୋରି କମ୍ପ୍ରେସର ମେସିନ ଜବତ; ୧ ଗିରଫ




**ରାଉରକେଲା, ୧୩।୯(ସମିସ):** ସ୍ଥାନୀୟ ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀର ଡିଏଭି ପୋଖରୀ ନିକଟରୁ ଚୋରି ହୋଇଥିବା ଏକ କମ୍ପ୍ରେସର ମେସିନକୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତ ହେଉଛି ବାସନ୍ତୀ କଲୋନୀ ଅଧୀନ ଦୁର୍ଗାପୁରବସ୍ତି ନିବାସୀ କାଳିଆ ଓରଫ ସୌମ୍ୟ ନାୟକ (୨୯)। ସିଭିଲ ଟାଉନସିପ ନିବାସୀ ଅମିତ କୁମାର ଭୂୟାଁ ଗତ ୨୬ ତାରିଖ ବିଳମ୍ବିତ ରାତିରେ ବାସନ୍ତୀ କଲୋନୀର ଡିଏଭି ପୋଖରୀ ନିକଟରେ ଛିଡା ଥିବା ତାଙ୍କ କମ୍ପ୍ରେସର ମେସିନକୁ କେହି ଚୋରି କରି ନେଇଥିବା ନେଇ ଉଦିତନଗର ଥାନାରେ ଏତଲା ଦେଇଥିଲେ। ପୁଲିସ ଏହି ଘଟଣାରେ ତଦନ୍ତ କରି କାଳିଆ ଓରଫ ସୌମ୍ୟ ନାୟକକୁ ଗିରଫ କରିବା ସହ ତା ନିକଟରୁ ଏକ କମ୍ପ୍ରେସର ମେସିନ ଓ ଏକ ବୋଲେରୋ ଭ୍ୟାନକୁ ଜବତ କରିଥିଲେ। ଗିରଫ କାଳିଆ ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ମୂଳବାସିନ୍ଦା ବୋଲି ସୂଚନା ମିଳିଛି।

## ଜଙ୍ଗଲରେ ଚାଲିଲେ ଡିଏଫଓଙ୍କ ସହ ବନ କର୍ମଚାରୀ



**ନୂଆପଡ଼ା, ୧୩।୯(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ବନଖଣ୍ଡର ୨୦୦ହେକ୍ଟର ବିଶିଷ୍ଟ ଛତା ପ୍ରସ୍ତାବିତ ଜଙ୍ଗଲରେ ପାଦରେ ଦୀର୍ଘ ୭ କିଲୋମିଟର ଚାଲିଲେ ଖଡିଆଳ ବନ ବିଭାଗ ଡିଏଫଓ, ଭବାନୀପାଟଣା ଆରସିସିଏଫ୍, ଦୁଇ ଜଣ ଏସିଏଫ, କୋମନା ରେଞ୍ଜର, ଅନ୍ୟ ବନକର୍ମଚାରୀ, ବନ ସୁରକ୍ଷା ସମିତି ସହ ସ୍ଥାନୀୟ ଗ୍ରାମବାସୀ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୋମନା ରେଞ୍ଜ ଛତା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଶନିବାର ଦିନ ଭବାନୀପାଟଣା ଆରସିସିଏଫ ସନ୍ତୋଷ ଯୋଶୀ, ଖଡିଆଳ ଡିଏଫଓ ଅଜିଜ ଖାନ, ଏସିଏଫ୍ ମହମ୍ମଦ ସଲେହା, ଏସିଏଫ ପ୍ରସେନଜିତ ନାୟକ, କୋମନା ରେଞ୍ଜର ଦେବଦତ୍ତ ସୁତାର, ୱାଇଲ୍ଡ ଲାଇଫ ୱାଡେନ ମାୟାଧର ସରାଫ, ଫରେଷ୍ଟର ଗୋପାଳ ମହାନନ୍ଦ, ଗଗନ ବିହାରି ହଂସ, ଧର୍ମେନ୍ଦ୍ର ନାରାୟଣ ନାୟକ ଫରେଷ୍ଟ ଗାର୍ଡ ଯଜ୍ଞାସେନି ଖେତି, ଉତ୍ତମ ମେହେର, ପରେଶ ଧାରୁଆ, ଶଶିଧର ଟାଣି, ଦେବାଶିଷ କୁଲଦୀପ, ଅର୍ଚ୍ଚନା ସାହୁ, ଦିତି ଭୋଇ, ଘସେନ୍ ପୋଡ଼, ଜଗ ମୋହନ ମାଝୀ ସହ ପାରା ଫରେଷ୍ଟ ଷ୍ଟାଫ ସାମିଲ ଥିଲେ।ଜଙ୍ଗଲର ସ୍ଥିତି, ବନ୍ୟ ଜନ୍ତୁ, ଜଳସ୍ରୋତ, ଆଦି ବୁଲି ଦେଖି ଥିଲେ। ବନ ବିଭାଗ ଟିମ୍ ସହ ବନ ସୁରକ୍ଷା ସମିତିର ନୀଳାମ୍ବର ମାଝୀ, ଖଡିରତ୍ନ ମାଝୀ, ଗ୍ରାମବାସୀ ମଧ୍ୟ ଜଙ୍ଗଲରେ ଚାଲିଥିଲେ।

## ବେନଗାଁ ଚିକିତ୍ସାଳୟରେ ବିକାଶ ସାମ୍ମୁଖ୍ୟ ସଭା

**ଲାଞ୍ଜିଗଡ଼, ୧୩।୯(ସମିସ):** ସରକାରଙ୍କ ପ୍ରଚାର ପ୍ରଶାରର ଅଭାବ ହେତୁ ସରକାର ସ୍ତର ହେଉ ଅବା ବେସରକାରୀସ୍ତର ହେଉ ସମସ୍ତ ପ୍ରକାର ବିକାଶ ମୁଖି ଯୋଜନା ତୃଣମୂଳସ୍ତରରେ ପହଞ୍ଚିପାରୁନାହିଁ। ଏଭଳି ବିକାଶ ମୁଖି ଯୋଜନା କିଭଳି ଭାବରେ ଜନତାଙ୍କ ଦରବାରରେ ପହଞ୍ଚିବ ସେଥିପାଇଁ ସରକାର ଅନେକ ପଦକ୍ଷେପ ଆପଣାଉଛନ୍ତି। ସୂଚନାଯୋଗ୍ୟ ଯେ ସେବାଜଗତ ସଂସ୍ଥା ତରଫରୁ ବେନଗାଁ ଡାକ୍ତରଖାନା ଠାରେ ଶଙ୍କରସୁନାଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ଉପାନ୍ତ ଅଞ୍ଚଳରେ କିପରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନା ଗମନର ସୁବିଧା ହୋଇପାରିବ ଆଲୋଚନା କରିଥିଲେ।ମୁଖ୍ୟଅତିଥି ଭାବରେ ବେନଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ପୁରାଣ ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ନାରୀନେତ୍ରୀ ସୁଶ୍ରୀ ଫୁଲମେ ମାଝୀ ଯୋଗଦେଇଥିଲେ।ଉକ୍ତ ସଭାକୁ କର୍ଣ୍ଣ ସାହୁ ପରିଚାଳନା କରିଥିବା ବେଳେ ବେନଗାଁ ଡାକ୍ତରଖାନାର ଡ. ସଚ୍ଚିଦାନନ୍ଦ ସେନାପତି, ଏମବିବିଏସ୍ ବିବେକ ସାହୁ, ଆଦର୍ଶ ପାତ୍ର, ମହିନ୍ଦ୍ର ଗହୀରଙ୍କ ସମେତ ବେନଗାଁ ଡାକ୍ତର ଖାନା ପାରିପାର୍ଶ୍ୱିକ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ସଭା ଶେଷରେ ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## ନୃତ୍ୟଗୁରୁ ରତ୍ନ ସମ୍ମାନ ପାଇଲେ ଦୁର୍ଯ୍ୟୋଧନ ଚଣ୍ଡି




**କୋକସରା, ୧୩।୯(ସମିସ):** ଜାତୀୟ କଳା, ସଂସ୍କୃତି, ଭାଷା ସାହିତ୍ୟ ଏବଂ ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ଶନିବାର ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁରଠାରେ ସପ୍ତମ ବିଶ୍ୱସ୍ତରୀୟ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।ଏହି ଅବସରରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡାଲଗୁମା ଗ୍ରାମର ଯୁବ ନାଟ୍ୟ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ଚଣ୍ଡୀ ନୃତ୍ୟଗୁରୁ ରତ୍ନ ସମ୍ମାନ ପାଇଛନ୍ତି। ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଥିବା ବେଳେ କଳାକାର ମହଲରେ ଖୁସିର ଲହରୀ ଖେଳିଯାଇଛି। ସେହିପରି କଳାହାଣ୍ଡି ଜିଲ୍ଲା ମାଲିଗୁଡାର ଦେବବର ଡଙ୍ଗରୀ ଓ ଚିଚିଆ ଗ୍ରାମର ଚୈତନ୍ୟ ବାଗ ପ୍ରମୁଖ ଗଙ୍ଗାଧର ମେହେର କାବ୍ୟ ରତ୍ନରେ ସମ୍ମାନିତ ହୋଇଛନ୍ତି। ଉକ୍ତ ଭେଟଘାଟ କାର୍ଯ୍ୟକ୍ରମକୁ ମଙ୍ଗଲୁ କୁମାର ଦାସ ଅଧ୍ୟକ୍ଷତା କରିଥିବାବେଳେ ନବକିଶୋର ଶତପଥୀଙ୍କ ସଭିପତ୍ୱରେ ଅନେକ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ।

## ଏସ୍‌ବିଆଇ ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ

**ଲାଞ୍ଜିଗଡ଼, ୧୩।୯ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଠାରେ ବେଦାନ୍ତ କମ୍ପାନୀର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଏଟିଏମ୍ ଭାଙ୍ଗି ଚୋରି ଉଦ୍ୟମ ଫେଲ ମାରିଛି। ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରେ। ସୂଚନାନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ ପରିସରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ଏଟିଏମ୍‌ରେ କୌଣସି ଚୋର ପ୍ରଥମେ ସଟର ଭାଙ୍ଗି ସେଥିରେ ସଫଳ ନହେବାରୁ ଉପରେ ଥିବା କାଚ କବାଟ ଭାଙ୍ଗି ଭିତରେ ପଶିବା ସହିତ ଏଟିଏମ୍ ତାଡ଼ି ଚୋରି ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବେଦାନ୍ତ କାରଖାନାକୁ ଲାଗି ରହିଥିବା ଏହି ବ୍ୟାଙ୍କ ଶାଖା ଓ ଏଟିଏମ୍ ନିକଟରେ ଦିନରାତି ଭିଡ଼ ଓ କମ୍ପାନୀର କଡ଼ା ସୁରକ୍ଷା ବ୍ୟବସ୍ଥା ରହିଛି। କିନ୍ତୁ ଏହାସତ୍ତ୍ୱେ ଜଣେ ଚୋର ଦେହରେ ରେନକୋର୍ଟ ଓ ମୁହଁରେ ମାସ୍କ ପିନ୍ଧି ଏଟିଏମ୍ ଭିତରକୁ ପଶି ଚୋରି ଉଦ୍ୟମ କରିବା ସିସିଟିଭିରେ କଏଦ ହୋଇଛି। ଏ ସମ୍ପର୍କରେ ଖବର ପାଇ ବଡ଼ିଭୋରରୁ ଖବର ପାଇ କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ଦୀପ



ମାଝୀ, ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ କୁମାର ହିଆଲଙ୍କ ନେତୃତ୍ୱରେ ପୁଲିସ ଦଳ ପହଞ୍ଚି ସିସିଟିଭି ଯାଞ୍ଚ ସହିତ ତଦନ୍ତ ଆରମ୍ଭ ବେଳେ ଲାଞ୍ଜିଗଡ଼ ଶାଖା ପରିଚାଳକ ସତୀଶ ମହାକୁଡ଼ ଏବଂ ବ୍ୟାଙ୍କର ସମସ୍ତ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ବ୍ୟାଙ୍କ ଶାଖା ପକ୍ଷରୁ ଏଟିଏମ୍ ରେ କୌଣସି ନିଜସ୍ୱ ସୁରକ୍ଷା କର୍ମଚାରୀ ନଥିବାବେଳେ ବେଦାନ୍ତ କମ୍ପାନୀର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବା ଏହି ଏଟିଏମ୍‌ରେ ଚୋରି ଉଦ୍ୟମ ସାଧାରଣ ଲୋକଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।ଭବାନୀପାଟଣା ଏଚଆର ମ୍ୟାନେଜର ରଶ୍ମି ରଞ୍ଜନ ଦାସ, ଚାନେଲ ମ୍ୟାନେଜର ଅଜୟ କୁମାର ସାହୁ ଏବଂ ଲାଞ୍ଜିଗଡ଼ ଶାଖା ପରିଚାଳକ ସତୀଶ ମହାକୁଡ଼ ପ୍ରମୁଖ ଲାଞ୍ଜିଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ କମ୍ପାନୀ ଗେଟରେ ଥିବା ସିସିଟିଭି ଯାଞ୍ଚ କରିଥିବା ବେଳେ ସିସିଟିଭି ଫୁଟେଜ ଆଧାରରେ ଜଣକୁ ପୁଲିସ ଥାନାରେ ଅଟକ ରଖି ତଦନ୍ତ କରୁଛୁ ବୋଲି କେସିଙ୍ଗା ଏସଡିପିଓ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରି ଫିଙ୍ଗର ପ୍ରିଣ୍ଟ ଯାଞ୍ଚ କରିଛନ୍ତି।

## ଦେବେନ୍ଦ୍ରନାଥ ନନ୍ଦଙ୍କ ବିୟୋଗରେ ଗୋପବନ୍ଧୁ ପାଠାଗାରରେ ଶୋକସଭା

**ରାଉରକେଲା, ୧୩।୯(ସମିସ):** ଗୋପବନ୍ଧୁ ପାଠାଗାର ସହ ଛେଣ୍ଡ କଲୋନୀରେ ଥିବା ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାସହ ଜଡ଼ିତ ଥିବା ଦେବେନ୍ଦ୍ର କୁମାର ନନ୍ଦଙ୍କର ଗତ ୧୨ ତାରିଖ ଅପରାହ୍ନରେ ୭୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଜଗତସିଂହପୁର କୁଜଙ୍ଗ ଅଞ୍ଚଳର ସାମାଗୋଳମୂଳ ଗାଁର ମୂଳ ବାସିନ୍ଦା ସ୍ୱର୍ଗତ ନନ୍ଦ ରାଉରକେଲାରେ ଉଚ୍ଚ ଶିକ୍ଷା ଲାଭ ପରେ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଉପ ସହକାରୀ ନିବନ୍ଧକ ଭାବରେ କାର୍ଯ୍ୟ କରି ଅବସରପରେ ଛେଣ୍ଡ କଲୋନୀ, ଫେଜ୍-୨, ସି୨ଏମ୍ ବ୍ଲକ ରେ ପରିବାର ସହ ରହିଆସୁଥିଲେ। ଶ୍ରୀ ନନ୍ଦ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ କିଛି ଦିନ ହେବ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ନନ୍ଦ ଗୋପବନ୍ଧୁ ପାଠାଗାର ସହ, ଛେଣ୍ଡ ସିଟିଜେନ କମିଟି, ସିନିଅର ସିଟିଜେନ୍ ଆସୋସିଏସନ୍, ରାଉରକେଲା ରିଟାୟର୍ଡ ଏମ୍ପ୍ଲଇଜ୍ ଆସୋସିଏସନ, ମଡେଲ ସିନିଅର ସିଟିଜେନ୍ ଆସୋସିଏସନ୍ ପ୍ରଭୃତି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହ ଜଡ଼ିତ ରହି ସମାଜ ସେବାରେ ବ୍ରତୀ ଥିଲେ। ତାଙ୍କ ବିୟୋଗରେ ଗୋପବନ୍ଧୁ ପାଠାଗାରର ସଭାଗୃହରେ ଏକ ମିଳିତ ଶୋକସଭା ପାଠାଗାରର ସଭାପତି ନବଘନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥଲା। ଏହି ସଭାରେ ଶଙ୍କରପ୍ରସାଦ ତ୍ରିପାଠୀ, ଡ. ଶକ୍ତି ପ୍ରସାଦ ସାମନ୍ତରାୟ, ଆନନ୍ଦଚନ୍ଦ୍ର ସାମଲ, ଲକ୍ଷ୍ମଣ ନାଥ ଦାସ, ଡ. ଗିରିଜା ଶଙ୍କର ଗୋସ୍ୱାମୀ, ହରିହର ନାୟକ, କୈଳାଶ ଚନ୍ଦ୍ର ସାମଲ, ରବିନାରାୟଣ ସିଂହ, ଗୁରୁପ୍ରସାଦ ପଟ୍ଟନାୟକ, ରମେଶ ଚନ୍ଦ୍ର ସିଂହ, ହରିଶ୍ଚନ୍ଦ୍ର ଭୂମିରେ ପ୍ରମୁଖ ସଦସ୍ୟମାନେ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଚାରଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ପିକ୍‌ଅପ୍ ଧକ୍କାରେ ବାଇକ୍‌ଚାଳକ ମୃତ

**ଜୁନାଗଡ଼, ୧୩।୯(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା କାଲୋପଲାରେ ଏକ ପରିବା ବୋଝେଇ ପିକ୍‌ଅପ୍ ଗୋଟିଏ ବାଇକ୍‌କୁ ଧକ୍କା ଦେଇଛି। ଏଥିରେ ବାଇକ୍ ଚାଳକ ଧନେର ଗ୍ରାମର ହରିଶଙ୍କର ମାଝୀଙ୍କ ମୃତ୍ୟୁ ଘଟିଛି। ସେ ଭବାନୀପାଟଣାସ୍ଥିତ ଡୁମାଲ ଗାଁକୁ ତାଙ୍କ ବନ୍ଧୁ ଘରକୁ ଯାଇ ଶନିବାର ସନ୍ଧ୍ୟାରେ ଫେରୁଥିଲେ। ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇ ପରିବାର ଲୋକେ ୨୬ ନମ୍ବର ଜାତୀୟ ରାଜପଥର କାଲୋପଲାରେ ରାସ୍ତା ଅବରୋଧ କରିଥିଲେ।

■ **ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଠିକାଦାରଙ୍କ ଧମକ ଘଟଣା**

## ଏସ୍‌ପିଙ୍କୁ ଭେଟିଲେ ଦଳିତ ଆଦିବାସୀ ମହାସଂଘ କର୍ମକର୍ତ୍ତା

**ଭବାନୀପାଟଣା, ୧୩।୯(ସମିସ):** ବଲାଙ୍ଗିର ଜିଲ୍ଲାର ଠିକାଦାର ଆକାଶ ଅଗ୍ରୱାଲ ଓ ତାଙ୍କ ଭାଇ ନୀଲେଶ ଅଗ୍ରୱାଲ ଏକ ରାସ୍ତା କାମର ମିଥ୍ୟା ବିଲ କରିବାକୁ ମ. ରାମପୁରସ୍ଥିତ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ। ତେବେ ସେ



କରିଥିବା ରାସ୍ତା କାମ ନିମ୍ନମାନର ଅଭିଯୋଗ ହେବା ପରେ କଟକରୁ କ୍ୱାଲିଟି କଣ୍ଟ୍ରୋଲ ବିଭାଗର ଅଧିକାରୀମାନେ ତଦନ୍ତ କରିବା ସହିତ ବିଲ ବନ୍ଦ କରିବାକୁ ସୁପାରିଶ କରିଥିଲେ। ସେଇ ଆଧାରରେ ବିଲ ବନ୍ଦ ହୋଇଥିଲା ଆଉ ଠିକାଦାର ଆକାଶ ଅଗ୍ରୱାଲକୁ ରାସ୍ତା ନିର୍ମାଣ ପାଇଁ ତାଗିଦ କରାଯାଇଥିଲା। କିନ୍ତୁ ବିଭାଗୀୟ ନିର୍ଦ୍ଦେଶକୁ ବେଖାତିର କରି ଜୋର ଜବରଦସ୍ତ ବିଲ ପାସ କରାଇନେବାକୁ ତାଙ୍କ ଭାଇ ନୀଲେଶ ଅଗ୍ରୱାଲ ଗତ୮.୧୦.୨୦୨୫ ରିଖ ଦିନ କିଛି ଲୋକଙ୍କୁ ସାଙ୍ଗରେ ନେଇ ଶ୍ରୀ ପ୍ରଧାନଙ୍କ ସରକାରୀ ବାସଭବନକୁ ଯାଇ ଧମକ ଚମକ ଦେବା ସହିତ ବନ୍ଧୁକ ଦେଖାଇ ଭୟଭୀତ କରିଥିବା ସମ୍ପର୍କରେ ସେ ମ. ରାମପୁର ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ଏଇ ମାମଲାରେ ଆଜି ପର୍ଯ୍ୟନ୍ତ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ସୂଚନାଯୋଗ୍ୟ, ଠିକାଦାର ନୀଲେଶ ଓ ଆକାଶ ପୂର୍ବରୁ ମଧ୍ୟ ଜିଲ୍ଲାର ଅନେକ ଲୋକଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ରହିଛି। ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ସହିତ ଅଭିଯୁକ୍ତ ନୀଲେଶ ଅଗ୍ରୱାଲ ଓ ଆକାଶ ଅଗ୍ରୱାଲଙ୍କୁ ଗିରଫ କରିବାକୁ ଦାବି କରିଛି ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ଦଳିତ ଆଦିବାସୀ ମହାସଂଘ। ନିର୍ବାହୀ ଯନ୍ତ୍ରୀ ଶ୍ରୀ ପ୍ରଧାନ ଜଣେ ଆଦିବାସୀ ଶ୍ରେଣୀର ବ୍ୟକ୍ତି ହୋଇଥିବାବେଳେ ସେ ଓ ତାଙ୍କ ପରିବାର ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଦଳିତ ଆଦିବାସୀ ମହାସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି। ମହାସଂଘର ସଭାପତି ପରମାନନ୍ଦ ମାଝୀ, ମହାସଚିବ ଦେବୀ ପ୍ରସାଦ ସିନ୍ଧୁର, ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ, ନଗର କମିଟି କାର୍ଯ୍ୟକାରୀ ସଭାପତି ଅଭୟ ନାଏକ, ନାଦରାଜ ନାଏକ ପ୍ରମୁଖ ଆଜି ସନ୍ଧ୍ୟାରେ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡାଙ୍କୁ ସାକ୍ଷାତ କରି ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ କରିବା ସହିତ ଏ ଦିଗରେ ସମୁଚିତ ପଦକ୍ଷେପ ନେବେ ବୋଲି ଏସ୍‌ପି ଦେବରକୋଣ୍ଡା ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ପୋକ୍‌ସୋ ଆଇନ୍ ଏବଂ ପୀଡିତ କ୍ଷତିପୂରଣ ସମ୍ବନ୍ଧୀୟ ସଚେତନତା

**ଥୁଆମୂଳରାମପୁର, ୧୩।୯(ସମିସ):** ସମାଜରେ ମହିଳା ଓ ଶିଶୁଙ୍କ ଉପରେ ହେଉଥିବା ବିଭିନ୍ନ ନିର୍ଯାତନା ସମାଜର ଶୃଙ୍ଖଳା ଭଙ୍ଗ କରୁଥିବା ବେଳେ ଏହାକୁ ପ୍ରତିରୋଧ କରିବା ସହ ସେମାନଙ୍କ ସୁରକ୍ଷା ମଧ୍ୟ ଜରୁରୀ।ଅନେକ ସମୟରେ



ଘଟୁଥିବା ଅପରାଧକୁ ରୋକିବା ପାଇଁ ବିଭିନ୍ନ ଆଇନ୍ ପ୍ରଣୟନ ହୋଇଛି। ସେଇ ଆଇନ୍‌ର ଆଶ୍ରୟ ଏବଂ ସହାୟତା ପାଇଁ ସମସ୍ତଙ୍କୁ ସଚେତନ ହେବାର ଆବଶ୍ୟକତା ରହିଛି।କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଥୁଆମୂଳ ରାମପୁର ତାଲୁକ ଆଇନ୍ ସେବା ସମିତି ଦ୍ୱାରା ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଜଡିତ ଯୌନ ସମ୍ବନ୍ଧୀୟ ଆଇନ୍, ଶିଶୁ ନିର୍ଯାତନା ଏବଂ ପୋକ୍‌ସୋ ଆଇନ୍ ତଥା ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ପୀଡିତା କ୍ଷତିପୂରଣ ଯୋଜନା, ୨୦୧୮ ସମ୍ବନ୍ଧରେ ବିଦ୍ୟାଳୟର ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ବୁଝାଇଥିଲେ। ସମାଜରେ କିପରି ଭଦ୍ର ଏବଂ ଶିକ୍ଷିତ ହେବା ସହ ସମାଜକୁ ଏକ ସୁସ୍ଥ ବାତାବରଣରେ ଗଢ଼ି ତୋଳିବା ସହ ନିଜକୁ ନିଜେ ସୁରକ୍ଷିତ ତଥା ବ୍ୟକ୍ତିତ୍ୱର ବିକାଶ ପାଇଁ ବରିଷ୍ଠ ଆଇନଜୀବୀ ଦେବଦତ୍ତ ଯୋଷୀ ଛାତ୍ରୀମାନଙ୍କୁ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ମନୋରଞ୍ଜନ ନାଏକ, ଆଇନଜୀବୀ ପ୍ରିୟଙ୍କା ମାଝୀ ପ୍ରମୁଖ ଉପସ୍ଥିତ ରହି ପୋକ୍‌ସୋ ଆଇନ୍ ସମ୍ବନ୍ଧରେ ଆଇନଗତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ଶିକ୍ଷକ ଚନ୍ଦନ କୁମାର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଶିକ୍ଷକ ରୁଦ୍ର ନାରାୟଣ ନାଏକ, ଶିକ୍ଷୟିତ୍ରୀ ରଞ୍ଜିତା ନାଗ, ବରିଷ୍ଠ ଶିକ୍ଷକ ନିରାକାର ଶବରଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଜେଏମ୍‌ଏଫ୍‌ସିର ମୁଖ୍ୟ କିରାଣୀ ଅଶୋକ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

**କର୍ଲାପାଟରେ ବାବା ଖଣ୍ଡୁଆଳ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ**

## ଆସ୍ଥା, ବିଶ୍ୱାସ, ଭକ୍ତି ଏବଂ ଶକ୍ତିର ଅଦୃଶ୍ୟ ମିଳନ

**ଥୁଆମୂଳରାମପୁର, ୧୩।୯ (ସମିସ)**

କଳାହାଣ୍ଡି ଜିଲ୍ଲାର ଗଡ଼ଜାତ ଅଞ୍ଚଳ ଭାବେ ପରିଚିତ କର୍ଲାପାଟରେ ବାବା ଖଣ୍ଡୁଆଳଦେବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି। ଚଳିତ ବର୍ଷ ମଧ୍ୟ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତଥି ଦିନ ଖଣ୍ଡୁଆଳ ମାଳି ଶିଖରରେ ଥିବା ବାବା ଖଣ୍ଡୁଆଳଙ୍କ ପୀଠରୁ ପୂଜା ପାଉଥିବା ଖଣ୍ଡାକୁ ଏହି ମାଳିର ପାଦଦେଶରେ ଥିବା ରାଜୁଡା ଶାସନର କର୍ଲାପାଟ ଗାଁର ପୀଠକୁ ଅଣାଯାଇଥିଲା। ପାରମ୍ପରିକ ବିଧି ଅନୁସାରେ ଉକ୍ତ ଖଣ୍ଡାକୁ ଅବସ୍ଥାପିତ କରାଯାଇଥିଲା। ଏଇ ଦିନଠୁ ବାବା ଖଣ୍ଡୁଆଳଙ୍କ ଗାଁ ପୀଠରେ ନବଦିନା।କ ଉତ୍ସବ ଆରମ୍ଭ ହୋଇ ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଖଣ୍ଡୁଆଳ ବାବାଙ୍କ ଝାମୁଯାତ୍ରା ପର୍ବ ପାଳନ ହୋଇଥିଲା।ଶୁକ୍ରବାର ବାବା ଖଣ୍ଡୁଆଳ




ଦେବଙ୍କ ପୂଜକ ସୁନ୍ଦର ପୂଜାରୀଙ୍କୁ କାଳିସି ଲାଗି ହେଲା ପରେ ଅଗ୍ନି କୁଣ୍ଡରେ ଶକ୍ତି ପ୍ରଦର୍ଶନ କରିଥିଲେ। ଏଥି ସହିତ ମା ଡୋକରୀ ଦେବୀ, ଦେବୀ ବନଦୁର୍ଗା, ବାବୁରାଏ ଏବଂ ବାଇରୀ ବୁଢୀଙ୍କ କାଳିସି ଲାଗି ଝାମୁଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆସ୍ଥା ଓ ବିଶ୍ୱାସକୁ ଦୃଢ କରିବା ପାଇଁ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ବହୁ ମାନସିକ ଧାରୀ ନିଜଇ ମାନସିକ ମୁତାବକ ଭୋଗ ଅର୍ପଣ କରିଥିଲେ। ଖଣ୍ଡୁଆଳ ବାବାଙ୍କ ଏହି ଝାମୁଯାତ୍ରା ଉତ୍ସବରେ ରାଜ ପରିବାରର ଇଷ୍ଟଦେବୀ ମା ଡୋକରୀଙ୍କ ସମେତ ବନଦୁର୍ଗା, ବାବୁରାଏ ଏବଂ ବାଇରି ବୁଢୀ ଦେବୀଙ୍କ କାଳିସି ଲାଗି ହୋଇଥାଏ। ବହୁ କାଳରୁ କର୍ଲାପାଟ ରାଜାଙ୍କ ତତ୍ତ୍ୱାବଧାନରେ ବାବା ଖଣ୍ଡୁଆଳଙ୍କ ପୂଜାର୍ଚ୍ଚନା ଚଳି ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ କର୍ଲାପାଟ ରାଜ ପରିବାରର କୁମାର ପ୍ରମୋଦ ସିଂଦେଓ, ସ୍ୱରୂପ ସିଂଦେଓ ଏବଂ ରାଜ ସିଂଦେଓଙ୍କ ତତ୍ତ୍ୱାବଧାନରେ ଝାମୁଯାତ୍ରା ଉତ୍ସବ ପାଳନ ହୋଇଥିଲା। ଅନ୍ୟାନ୍ୟ ପୂଜକ ମାନଙ୍କ ମଧ୍ୟରେ ବିଘ୍ନେଶ୍ୱର ପୂଜାରୀ, କାର୍ତ୍ତିକ ପୂଜାରୀ ପ୍ରମୁଖ ସହଯୋଗୀ ସୂଚାରୁ ରୁପେ ସମ୍ପାଦନ କରିଥିଲେ। ଆବାହମାନ କାଳରୁ କର୍ଲାପାଟ ଅଭୟାରଣ୍ୟର ଘଞ୍ଚ ଜଙ୍ଗଲ ବେଷ୍ଟିତ ଖଣ୍ଡୁଆଳ ମାଳିର ପାହାଡ ଦେଶର ଏକ ଗୁମ୍ଫାରେ ପୂଜା ପାଉଥିବା ଖଣ୍ଡୁଆଳ ବାବାଙ୍କ ଏହି ପୀଠରେ ପ୍ରତିବର୍ଷ ବିଭିନ୍ନ ସମୟରେ ପୂଜାର୍ଚ୍ଚନା କରାଯାଇଥାଏ। ଖଣ୍ଡୁଆଳ ମାଳି ପର୍ବତର ପାଦ ଦେଶରେ ଥିବା ଆଖପାଖ ଅଞ୍ଚଳର ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହେଉଛନ୍ତି ବାବା ଖଣ୍ଡୁଆଳ।





# ବଡ଼ ବଜେଟ୍‌ର 'ଚ୍ୟାଲେଞ୍ଜ'

ଚଳିତ ଦଶହରାରେ ମୁକ୍ତିଲାଭ କରିବ ବିଗ୍ ବଜେଟ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଅର୍ଦ୍ଧେନ୍ଦୁ ସାହୁ, ଏଲିନା ସାମନ୍ତରାୟ, ପୁପିନ୍ଦର ସିଂହ, ଲିପି ମହାପାତ୍ର, ହରିହର ମହାପାତ୍ର ଏବଂ ପୁନିତ ଇଶାର୍‌ଙ୍କୁ ନେଇ ନିର୍ମାଣ ହୋଇଛି ଏହି ବଡ଼ ବଜେଟ୍‌ର ସିନେମା। ଏଥିରେ ଆକ୍ସନ ଷ୍ଟାର୍ ଅର୍ଦ୍ଧେନ୍ଦୁଙ୍କ ଜବରଦସ୍ତ ଆକ୍ସନ ଦେଖିବାକୁ ପାଇବେ ଦର୍ଶକେ। ଏହାସହ ପୁପିନ୍ଦର, ଲିପିଙ୍କ ପୁରୁଣା ଯୋଡ଼ିକୁ ପୁଣି ଥରେ ମନେ ପକାଇବେ। 'ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍'ରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଜୀ ସାର୍ଥକର ସହଭାଗିତାରେ ପ୍ରସ୍ତୁତ ହୋଇଥିବା ଏହି ଚଳଚ୍ଚିତ୍ରକୁ ସାଇ କିରଣ ମଙ୍ଗରାଜ ନିର୍ଦ୍ଦେଶନା ଦେଇଛନ୍ତି। କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ମାନସ ପଡ଼ିଆରୀ। ସିନେମାର ଚିତ୍ରତ୍ତୋଳନ କରିଛନ୍ତି ପ୍ରତାପ ରାଉତ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରଭ ଆନନ୍ଦ। ତେବେ ଏହା ଦଶହରାରେ ଦର୍ଶକଙ୍କର ଯଥେଷ୍ଟ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି। ■



## ଓଡ଼ିଆ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା କହୁଛି

# ଲହରୀ

କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ 'ଲହରୀ' ବଡ଼ ପରଦାରେ ମୁକ୍ତିଲାଭ କରିଛି। ଏହି ସିନେମାରେ ରହିଛି ମାଟିର କଥା ଓ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା। ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବା ପ୍ରଥମ ଦିନରୁ ଜଣାପଡ଼ିଛି।

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ତଥା ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ। ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ୍, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଥିବା ବେଳେ ଲୋକପ୍ରିୟ ତାରକା ଦେବାଶିଷ ପାତ୍ର ଅତିଥି କଳାକାର ଭୂମିକାରେ ଏବଂ ସୁପରଷ୍ଟାର ବାବୁଶାନ ମହାନ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି। ସିନେମାରେ ଥିବା 'ଝିଅର ସ୍କୃ ଟା ଢିଲା..' ଗୀତଟି ଏବେ ଟ୍ରେଣ୍ଡିଙ୍ଗରେ ରହିଥିବା ବେଳେ ଏଥିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ସାରା ଓଡ଼ିଶାରେ ୩୧ଟି



ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ସିନେମାର ଗ୍ରାଣ୍ଡ ପ୍ରିମିୟର ରାଜଧାନୀର ଏସ୍‌ପ୍ଲାନେଡ୍ ସିନେପଲିସରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟିବା ସହ 'ଲହରୀ'ର ଟିମ୍ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବୁକ୍ ମାଇଁ ଶୋ' ପ୍ରଥମ ଦିନ ପ୍ରତ୍ୟେକ ଟିକଟ୍ ଉପରେ ୫୦ ପ୍ରତିଶତ ରିହାତି ଥିବା ବେଳେ ପ୍ରଥମ ଦିନର ପ୍ରଥମ ଶୋ ହାଉସଫୁଲ୍ ଦେଖିବାକୁ ମିଳିଥିଲା। ସିନେମାଟି ଉଭୟ କଳାତ୍ମକ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ବେଶ୍ ଭଲ ହୋଇଛି ବୋଲି ଦର୍ଶକ ମତବ୍ୟକ୍ତ କରିଛନ୍ତି। ■

**ପରଦା ପଛର କାହାଣୀ**

# ଅଭିନେତ୍ରୀଙ୍କୁ ବଞ୍ଚାଇବାକୁ ନିଆଁକୁ ଡେଇଁଥିଲେ ଅଭିନେତା

୧୯୫୭ ମସିହାରେ ମୁକ୍ତିଲାଭ କରିଥିଲା କଲ୍ଟ୍‌କ୍ଲାସିକ୍ ଫିଲ୍ମ 'ମଦର ଇଣ୍ଡିଆ'। ଏହି ଫିଲ୍ମରେ ଅଭିନେତ୍ରୀ ନର୍ଗିସ୍, ଅଭିନେତା ସୁନିଲ ଦତ୍ତ ଏବଂ ରାଜେନ୍ଦ୍ର କୁମାର ଚମତ୍କାର ଅଭିନୟ କରିଛନ୍ତି। ଏଥିରେ ନର୍ଗିସ୍ ଦୁଇଜଣ ଅଭିନେତାଙ୍କ ମାଆ ଚରିତ୍ରରେ ଅଭିନୟ କରିଥିଲେ। ନିକଟରେ ଏହି ଫିଲ୍ମ ସହ ଜଡ଼ିତ ଏକ ରୋଚକୀୟ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ଅଭିନେତା ନିଜ ଜୀବନକୁ ବାଜି ଲଗାଇ ଅଭିନେତ୍ରୀଙ୍କୁ ବଞ୍ଚାଇ ଥିଲେ। 'ମଦର ଇଣ୍ଡିଆ'ର ସୁଟିଂ ସମୟରେ ସେଟ୍‌ରେ ନିଆଁ ଲାଗିଯାଇଥିଲା। ଅଧିକାଂଶ କ୍ରିଉ ମେମ୍ବର ଓ ଅଭିନେତ୍ରୀ ସେହି ନିଆଁ ମଧ୍ୟରେ ଫସି ରହିଥିଲେ। ନର୍ଗିସଙ୍କୁ ନିଆଁରେ ଦେଖି ଅଭିନେତା ତାଙ୍କୁ ବଞ୍ଚାଇବାକୁ ଭୟଙ୍କର ନିଆଁ ମଧ୍ୟକୁ ଝାସ ଦେଇଥିଲେ। ଅଭିନେତ୍ରୀଙ୍କୁ ବଞ୍ଚାଇବା ପାଇଁ ସୁନୀଲ ଦତ୍ତ ସେହି ନିଆଁରେ ଫସି ଯାଇଥିଲେ। ଏଥିରେ ତାଙ୍କ ମୁହଁର କିଛି ଅଂଶ ଜଳି ଯାଇଥିଲା। ସୁନୀଲ ସୁସ୍ଥ ହେବା ଯାଏ ତାଙ୍କ ସହିତ ରହି ନର୍ଗିସ୍ ଦେଖାଶୁଣା କରିଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛି ଦିନ ପରେ ନର୍ଗିସଙ୍କୁ ବିବାହ ପାଇଁ ସୁନୀଲ ଦତ୍ତ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମନା କରିବା ପରେ ଦ୍ୱିତୀୟ ଥର ନର୍ଗିସ୍ ବିବାହ ପାଇଁ ରାଜି ହୋଇଥିଲେ। ଏହାପରେ ୧୯୫୮ ମସିହାରେ ଦୁହେଁ ବିବାହ କରିଥିଲେ।



ନିକଟରେ ସାମାଜିକ ଗଣମାଧ୍ୟମରେ ସୁନିଲ ଦତ୍ତ ଓ ନର୍ଗିସଙ୍କ ଏକ ଫଟୋ ଭାଇରାଲ୍ ହୋଇଥିବା ଦେଖିବାକୁ ମିଳିଛି। ଏହା 'ମଦର ଇଣ୍ଡିଆ' ଫିଲ୍ମର ନିଆଁ ଲାଗିବା ସମୟର ଦୃଶ୍ୟ ବୋଲି ଜଣାପଡ଼ିଛି। ■

# ୨୨ରୁ ଆଓ ନେକ୍ସଟ୍‌ରେ ଘମାଘୋଟ୍



ଓଡ଼ିଶାର ବିଭିନ୍ନ ଫିଲ୍ମ ହଲ୍‌ରେ ଦର୍ଶକଙ୍କ ଭଲ ପାଇବା ସାଉଁଟିବା ପରେ ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଡିଜିଟାଲ ପ୍ରିମିୟର ହେବାକୁ ଯାଉଛି। କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା.ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ଗ୍ୟାଙ୍ଗ ୱାର୍‌ର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା। ନିର୍ଦ୍ଦେଶକ କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସ ଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା। ଫଳରେ ଫାଇଟ୍ ଦୃଶ୍ୟଗୁଡ଼ିକ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ ହୋଇଛି। ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜ୍ୟୋଣ୍ଟି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଣା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି। ତେବେ ଯେଉଁ ଦର୍ଶକମାନେ ଫିଲ୍ମଟିକୁ ହଲରେ ଦେଖି ପାରି ନ ଥିଲେ ସେମାନେ ସେପ୍ଟେମ୍ବର ୨୨ରୁ ଆଓ ନେକ୍ସଟରେ ଏହି ଓଡ଼ିଆ ହାଇ-ଆକ୍ସନ ଫିଲ୍ମ ଦେଖିପାରିବେ। ■

# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍'ରେ ରଞ୍ଜିତ ବେଦୀ



ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ବଡ଼ ରିୟାଲିଟି ଶୋ' "ଓଡ଼ିଶାର ବେଷ୍ଟ ସିନେ ଷ୍ଟାରର ଖୋଜ୍" ମଞ୍ଚରେ ମୁମ୍ବାଇ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତା ତଥା ପ୍ରଖ୍ୟାତ ଖଳନାୟକ ରଞ୍ଜିତ ବେଦୀ ଅତିଥି ବିଚାରକ ଭାବେ ଯୋଗ ଦେଇଛନ୍ତି। ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଥିବା ପ୍ରତିଭାବାନ କଳାକାର ସୃଷ୍ଟି କରିବା ପାଇଁ ଜୀ ସାର୍ଥକ ଯେଉଁ ପ୍ଲାଟଫର୍ମ ଯୋଗାଇଦେଉଛି ସେଥିପାଇଁ ଚ୍ୟାନେଲକୁ ସାଧୁବାଦ ଜଣାଇଛନ୍ତି ରଞ୍ଜିତ। ପରିଶ୍ରମ କଲେ ନିଶ୍ଚିତ ଭାବେ ଜଣେ ଜଣେ ସୁପ୍ରତିଷ୍ଠିତ କଳାକାର ହୋଇପାରିବେ ବୋଲି ସେ କହିଛନ୍ତି। ତେବେ ଏହି ଶୋ' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ। ଏହି ରିୟାଲିଟି ଶୋ'ରେ ବିଭିନ୍ନ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବେ ପ୍ରତିଯୋଗୀ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ। ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ। ଏହି ରିୟାଲିଟି ଶୋ'ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି। ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ। ■

# "ସଫଳ କଳାକାର ହେବା ମୋର ଲକ୍ଷ୍ୟ"

## ରିତିକ୍ ପାଣିଗ୍ରାହୀ



ଭାଷା ଅପେକ୍ଷା ଭାବନାକୁ ନୃତ୍ୟ ଅଧିକ ଗଭୀର ଭାବରେ ପ୍ରସାର କରିବାରେ କ୍ଷମତା ପ୍ରଦାନ କରିଥାଏ। ଅଙ୍ଗଭଙ୍ଗୀ ମାଧ୍ୟମରେ ଜଣେ ନୃତ୍ୟଶିଳ୍ପୀ ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିପାରନ୍ତି। ତେବେ ଖୁବ୍ କମ୍ ନୃତ୍ୟଶିଳ୍ପୀଙ୍କ ଭାଗ୍ୟ ତାଙ୍କୁ କଳାକାର ସଜାଇଦିଏ। ଏମିତି ଜଣେ ଉଦୀୟମାନ କଳାକାର ହେଉଛନ୍ତି ରାଉରକେଲାର ରିତିକ୍ ପାଣିଗ୍ରାହୀ। 'ଡିଓଡି' ଓ 'ବିଗ୍ ବ୍ରେକ୍-୨' ପରି ରିଆଲିଟି ଶୋ'ରେ ସେ ନିଜର ପ୍ରତିଭା ଦେଖାଇଥିଲେ। 'ଡିଓଡି' ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୧୮ ରେ ରହିଥିଲେ। ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି। ୪ରୁ ୫ଟି ମ୍ୟୁଜିକ୍ ଭିଡିଓରେ ସେ କାମ କରିସାରିଛନ୍ତି। 'ମଙ୍ଗୁଳା କନ୍ୟା' ତାଙ୍କର ପ୍ରଥମ ଧାରାବାହିକ। ତେବେ ଅଭିନୟ ଜଗତକୁ ସେ କେମିତି ଆସିଲେ, ଏଥିପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କଠାରୁ।

**ନୃତ୍ୟଶିଳ୍ପୀରୁ ଅଭିନେତା କେମିତି ହେଲେ?**

● ପିଲାଟିଦିନରୁ ନୃତ୍ୟ ପ୍ରତି ମୋର ଦୁର୍ବଳତା ଥିଲା। ମୁଁ ସୁପରଷ୍ଟାର୍ ଶାହରୁଖ ଖାନ୍‌ଙ୍କ ବହୁତ ବଡ଼ ପ୍ରଶଂସକ। ବିଭିନ୍ନ ଷ୍ଟେଜ୍ ପ୍ରୋଗ୍ରାମରେ ନୃତ୍ୟ କରିଛି। ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ (ଡିଓଡି)ରେ ଭାଗ ନେଇ ଏଥିରେ ଟପ୍ ୧୮ ଯାଏଁ ରହିଛି। ବାପୀ ପଲେଇ ସାର୍ ଓ ରୋଜା ରଣା ମାଡାମ୍ ହେଉଛନ୍ତି ମୋ ନୃତ୍ୟ ଗୁରୁ/ ଗୁରୁମା। ଦଶମ ପରେ ମୁଁ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ। ସେଠି ଟପ୍ ୧୬ ଯାଏଁ ଯାଇଥିଲି। 'ଏ ଜାଇଫୁଲ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ। ମୋର ବିପକ୍ଷରେ ଥିଲେ ଗାର୍ଗୀ। ଏହି ଭିଡିଓଟି ମୋର ୨୬ ଲକ୍ଷ ଭିଉ ଯାଇଥିଲା। ପରେ କିଛି ୟୁଟ୍ୟୁବ୍ ଚ୍ୟାନେଲର କାମ କରିଛି। 'ଲଭ୍ ଟ୍ୟୁନ୍' ସମେତ ୫ଟି ମ୍ୟୁଜିକ୍ ଆଲବମ୍ କରିବାକୁ ମୋତେ ସୁଯୋଗ ମିଳିଛି। ତାହାରି ଭିତରେ ମୋତେ ଅଭିନୟ କରିବାକୁ ବି ଇଚ୍ଛା ଥାଏ। ସ୍ନାତକ ପଢ଼ା ସମୟରେ ସିଦ୍ଧାର୍ଥ ଟିଭିର 'ମଙ୍ଗୁଳା କନ୍ୟା' ଧାରାବାହିକ ପାଇଁ ଅଡିସନ୍ ଦେବାକୁ ମୋତେ ସୁଯୋଗ ମିଳିଲା। ଏଥିରେ ମୁଖ୍ୟ ନାୟକ ଅନୁରାଗ ଚରିତ୍ରରେ କାମ କରିଥିଲି।

**ପ୍ରଥମ ପ୍ରୋଜେକ୍ଟରେ ଦର୍ଶକ ଗ୍ରହଣ କରିଥିଲେ କି?**

● "ମଙ୍ଗୁଳା କନ୍ୟା' ଧାରାବାହିକରେ ଅନ୍ୟ ଜଣଙ୍କ ସ୍ଥାନରେ ଏହି ଚରିତ୍ର ମୋତେ ମିଳିଥିଲା। ପ୍ରଥମ ପ୍ରୋଜେକ୍ଟରେ ଦର୍ଶକଙ୍କଠାରୁ ଆଶାଠାରୁ ଅଧିକ ଭଲପାଇବା ପାଇଥିଲି। ଯେହେତୁ ପ୍ରଥମ ଧାରାବାହିକରେ ବରିଷ୍ଠ କଳାକାରଙ୍କ ସହ କାମ କରୁଥିଲି। ରାତି ରାତି ସୁଟ୍ କରିବା, ପାଠ ପାଇଁ ସମୟ ଦେବା, ସଂଳାପ କହିବା ଆଦି ସବୁ ପାଇଁ ସମୟ ଲାଗିଥିଲା। ବରିଷ୍ଠ କଳାକାରଙ୍କଠାରୁ ବହୁତ କିଛି ଶିଖିବାକୁ ମୋତେ ସୁଯୋଗ ମିଳିଥିଲା।

**ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

● ଯେତେ କାମ କଲେ ବି ପାଠକୁ ଗୁରୁତ୍ୱ ଦେଇଆସିଛି। ଡ୍ୟାନ୍ସ, ମ୍ୟୁଜିକ୍ ଭିଡିଓ ଏବଂ ଧାରାବାହିକକୁ ବାଦ୍ ଦେଲେ, ଅନେକ ଗୁଡ଼ିଏ ବିଜ୍ଞାପନ କରିଛି। ଯେହେତୁ ମୁଁ ମାସ୍ କମ୍ୟୁନିକେସନ ଆଣ୍ଡ ଜର୍ଣ୍ଣାଲିଜିମ୍‌ରେ ସ୍ନାତକୋତ୍ତର କରିଥିଲି। ଏବେ ଏକ ଇଭେଣ୍ଟ କମ୍ପାନୀର ମିଡିଆ ପ୍ଲାନର ଭାବେ କାମ କରୁଛି। କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅଭିନୟଠାରୁ ଦୂରେଇ ଯାଇଛି। ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି। ଏଥିପାଇଁ ପ୍ରସ୍ତୁତ ଜାରି ରଖିଛି। ଅଭିନୟ ମୋର ନିଶା, ଚାକିରି ମୋର ପେଶା।

**ଡ୍ରିମ୍ ରୋଲ୍?**

● ଡ୍ରିମ୍ ରୋଲର ସ୍ୱପ୍ନ ମୁଁ ଦେଖିନି। କିନ୍ତୁ ହଁ ଜୀବନ ଥିବା ଯାଏଁ ମୁଁ ଅଭିନୟ ଆଉ ନୃତ୍ୟ ଜାରି ରଖିବି। ସଫଳ କଳାକାରଟିଏ ହେବା ମୋର ଲକ୍ଷ୍ୟ। ତେଣୁ ମୋତେ ଯେଉଁ ଚରିତ୍ର ମିଳିଲେ ମୁଁ କରିବି।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର?**

● ପ୍ରଥମେ ନିଜର ଗୋଲ୍ ସେଟ୍ କରନ୍ତୁ। ଫିଲ୍ମ ଲାଇନ୍‌ରେ ଯିବେ, କ'ଣ କରିପାରିବେ ତାହାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ନ୍ତୁ। ସବୁ ଲାଇନ୍‌ରେ କଷ୍ଟ ଆଉ ସଂଘର୍ଷ କରିବାକୁ ପଡ଼ିଥାଏ। ରାତିରାତି ସଫଳ ହେବାକୁ ଇଚ୍ଛା ନ ରଖି କଠିନ ପରିଶ୍ରମ କରନ୍ତୁ। ଚେଷ୍ଟା କରି ବିଫଳ ହେବାରେ ମଜା ଥାଏ। ସେହିପରି ସ୍କ୍ରିପ୍ଟ ଯାହା ମାଗୁଛି ତା' ଅନୁସାରେ ଅଭିନୟ କରିଲେ ଏହା ପ୍ରଶଂସନୀୟ ହୋଇଥାଏ। ■

# ଭାରତ-ପାକିସ୍ତାନ ହାଇଭୋଲ୍ଟେଜ୍ ମୁକାବିଲା ଆଜି

ଦୁବାଇ, ୧୩।୯ (ଏଜେନ୍ସି): ବିଶ୍ୱ କ୍ରିକେଟର ଦୁଇ ଶକ୍ତି ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍ କ୍ରିକେଟର ଗ୍ରୁପ୍-ବି' ମୁକାବିଲା ଆସନ୍ତାକାଲି ବା ରବିବାର ଏଠାରେ ଖେଳାଯିବ। ଏହାକୁ ଏକ ହାଇଭୋଲ୍ଟେଜ ମ୍ୟାଚ୍ ବା ଆଉ କେତେକ ମହାମୁକାବିଲା ଭାବେ ବର୍ଣ୍ଣନା କରୁଥିଲେ ମଧ୍ୟ ଏଥର ସେଭଳି ଉତ୍ସାହ ନାହିଁ। ବିଶେଷ କରି ଭାରତ ଓ ପାକିସ୍ତାନ ଯେଉଁଠାରେ ଖେଳିଲେ ମଧ୍ୟ ଏମାନଙ୍କ ମୁକାବିଲା ପୂର୍ବରୁ ଟିକଟ ଅଧଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଇଥାଏ। କିନ୍ତୁ ଏଠାରେ ତାହା ଦେଖିବାକୁ ମିଳିନାହିଁ। ୨୫,୦୦୦ କ୍ଷମତା ବିଶିଷ୍ଟ ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଏଯାଏ ଅନେକ ଟିକଟ ବିକ୍ରି ହୋଇପାରି ନାହିଁ। ଏହାର କାରଣ ଯାହା ହେଉନା କାହିଁକି ମ୍ୟାଚ୍‌ରେ ଷ୍ଟାଡିୟମ୍ ପୂରା କରିବାକୁ ଆୟୋଜକମାନେ କୌଣସି ଉଦ୍ୟମ ଛାଡୁନାହାନ୍ତି ଓ ସମସ୍ତ ଟିକଟ ବିକ୍ରି ହୋଇଯିବ ବୋଲି ଆଶା ରଖିଛନ୍ତି। ଏହା ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗ୍ରୁପ୍-ଲିଗ୍ ମ୍ୟାଚ୍ ଖେଳିସାରିଛନ୍ତି। ଉଭୟ ଦଳ ପ୍ରଥମ ମୁକାବିଲାକୁ ସହଜରେ ଜିତିଥିଲାବେଳେ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଜିତିବ, ସେହି ଦଳ ଗ୍ରୁପ୍‌ରେ ପ୍ରଥମସ୍ଥାନ ଅଧିକାର କରିବ ଓ ପ୍ରଥମେ ସୁପର-୪'ରେ ପ୍ରବେଶ କରିବ। ଏଣୁ ଭାରତକୁ ହରାଇବା ଲାଗି ପାକିସ୍ତାନ ଦଳ କୌଣସି ସାମାନ୍ୟତମ ସୁଯୋଗକୁ ହାତଛଡ଼ା କରିବ ନାହିଁ ବୋଲି ଆଶାକରାଯାଉଛି।



## ରେକର୍ଡରେ ଭାରତ ଆଗୁଆ

୧୩ ବର୍ଷ ହେଲା ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ୍ ଖେଳାଯାଉନାହିଁ। ଉଭୟ ଦେଶ ରାଜନୈତିକ ବାତାବରଣ ଯୋଗୁଁ ଅନ୍ୟ ଦେଶକୁ ଲୋକପ୍ରିୟ କ୍ରିକେଟକୁ ପଠାଇବାକୁ ଚାହୁଁ ନାହାନ୍ତି। କିନ୍ତୁ କ୍ରିକେଟ ଖେଳର ସର୍ବୋଚ୍ଚ ସଂସ୍ଥା ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ପରସ୍ପର ସହ ଖେଳୁଛନ୍ତି। ୨୦୦୭ରେ ପ୍ରଥମଥର ଆୟୋଜିତ ଟି-୨୦ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପର ସହ ଭେଟାଭେଟି ହୋଇଥିଲେ। ବିଶ୍ୱ କ୍ରିକେଟରେ ୨୦୦୭ ସେପ୍ଟେମ୍ବର ୧୪ରେ ଉଭୟ ଦଳ ପରସ୍ପର ସହ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏବେ ଏସିଆ କପ୍‌ରେ ଦୀର୍ଘ ୧୮ ବର୍ଷ ପରେ ସେହି ସେପ୍ଟେମ୍ବର ୧୪ରେ ଉଭୟଙ୍କ ମଧ୍ୟରେ ୧୪ତମ ଟି-୨୦ ମୁକାବିଲା ଅନୁଷ୍ଠିତ ହେବ। ଏହା ପୂର୍ବରୁ ଖେଳାଯାଇଥିବା ୧୩ଟି ମଧ୍ୟରୁ ପ୍ରଥମ ମ୍ୟାଚ୍‌ଟି ଟାଇ ରହିଥିଲା। ତତ୍କାଳୀନ ନିୟମ ଅନୁଯାୟୀ ଭାରତ ବୋଲ ଆଉଟରେ ଏହି ମ୍ୟାଚ୍‌କୁ ଜିତିଥିଲା। ଭାରତ ମଧ୍ୟ ଫାଇନାଲରେ ପାକିସ୍ତାନକୁ ୫ ରନ୍‌ରେ ହରାଇ ପ୍ରଥମଟାଇଟଲ ଜିତିଥିଲା। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ୧୨ଟି ପୂର୍ଣ୍ଣାଙ୍ଗ ମୁକାବିଲା ମଧ୍ୟରୁ ଭାରାତ ୯ଟିରେ ଓ ପାକିସ୍ତାନ ମାତ୍ର ୩ଟିରେ ବିଜୟୀ ହୋଇଛି। ଏସିଆ କପ୍‌ରେ ୩ଟି ଟି-୨୦ ମୁକାବିଲାରୁ ଭାରତ ୨ଟିରେ ଜିତିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଶେଷ ୫ଟି ମୁକାବିଲା ମଧ୍ୟରୁ ଭାରତ ୩ଟି ଓ ପାକିସ୍ତାନ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଏଣୁ ଗତ ୫ଟି ମୁକାବିଲାରେ ଭାରତ ସହ କଡା ଟକ୍କର ଦେଇଛି ପାକିସ୍ତାନ। ଏଠାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

ଭାରତର ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନର ସଲମାନ ଅଲି ଆଘା ପ୍ରଥମଥର ଏସିଆ କପ୍‌ରେ ଦଳର ନେତୃତ୍ୱ ନେଉଛନ୍ତି। ଏଣୁ ସମର୍ଥକଙ୍କ ନିକଟରେ ଏମାନେ ଏତେ ଅଧିକ ଲୋକପ୍ରିୟତା ହାସଲ କରିପାରିନାହାନ୍ତି। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ନିକଟରେ ଦକ୍ଷତା ନାହିଁ। ଭାରତୀୟ ଦଳ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ପାକିସ୍ତାନ ଟିକେ ପଛରେ ପଡ଼ିଛି। ଉଭୟଦେଶ ମୁକାବିଲା ବେଳେ ଏଭଳି ତଥ୍ୟର କିଛି ମୂଲ୍ୟ ନ ଥାଏ। ଏଣୁ ଏହି ମ୍ୟାଚ୍‌ର ଫଳାଫଳ ଏକତରଫା ହେଉ କି ପ୍ରତିଦ୍ୱନ୍ଦ୍ୱିତାମୂଳକ, ଷ୍ଟାଡିୟମ ନିଶ୍ଚିତ ଭରପୁର ରହିବ।

| ଭାରତ-ପାକିସ୍ତାନ |
|---|
| ଆଜିର ମ୍ୟାଚ୍ |
| ସ୍ଥାନ : ଦୁବାଇ |
| ଖେଳ ଆରମ୍ଭ : ରାତି ୮ଟା |
| ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

ଉଭୟଦେଶର ଖେଳାଳି ସେମାନଙ୍କ ପ୍ରିମିୟର ଲିଗ୍‌ରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳର ୧ରୁ ୧୧ ନମ୍ବର ଖେଳାଳିଙ୍କ ନିକଟରେ ମ୍ୟାଚ୍ ଜିତାଇବାର ଦକ୍ଷତା ରହିଛି। ପାକିସ୍ତାନର ଖେଳାଳିମାନେ ମଧ୍ୟ କମ୍ ନୁହଁନ୍ତି। କିନ୍ତୁ ଏମାନଙ୍କ ମଧ୍ୟରେ ଯିଏ ଜିତୁ ନା କାହିଁକି, ମୁକାବିଲା ଅଧିକାଂଶ ସମୟ ଏକତରଫା ହୋଇଥାଏ। ପ୍ରଥମ ମ୍ୟାଚ୍‌ରେ ଭାରତ ଯେପରି ୪.୩ ଓଭରରେ ବା ପାୱାରପ୍ଲେ'ରେ ମ୍ୟାଚ୍ ଜିତିଲା ତାହା ଅନ୍ୟ ଦଳପ୍ରତି ଏକ ଚେତାବନୀ। ବୋଲର ହୁଅନ୍ତୁ କିମ୍ବା ବ୍ୟାଟର ଏମାନେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏକତ୍ର ହୋଇ ପରାଜିତ କରିବାର ଅନେକ ନଜର ରହିଛି। ବିଶ୍ୱଚାମ୍ପିଅନ ଭାରତୀୟଦଳ ଦମ୍ ଦେଖାଇବ ବୋଲି ଆଶା କରାଯାଉଛି।

### ● ନୂଆ ଖେଳାଳିଙ୍କ ଆକର୍ଷଣ କମ୍

ଏସିଆ କପ୍‌ରେ ଏଥର ଭାଗନେଇଥିବା ଅନେକ ଖେଳାଳି ନବାଗତ। ଘରୋଇ ତଥା ଫ୍ରାଞ୍ଚାଇଜ୍ କ୍ରିକେଟର ସଫଳତାକୁ ନେଇ ଉଭୟ ଦେଶର ଦଳ ଗଠନ କରାଯାଇଛି। ଯେହେତୁ ଏହା ଟି-୨୦ ଫର୍ମାଟରେ ଖେଳାଯାଉଛି, ସେଥିଲାଗି ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଉଛି। ଉଭୟ ଅଧିନାୟକ

### ଖେଳାଳି ତାଲିକା

**ଭାରତ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ପାକିସ୍ତାନ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ଫହୀମ ଅଶ୍ରଫ୍, ଫକର ଜମାନ, ହାରିସ୍ ରୌଫ୍, ହାସନ ଅଲି, ହାସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ ଶାହ, ମହମ୍ମଦ୍ ହାରିସ୍ (ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ମହମ୍ମଦ୍ ୱାସିମ୍, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ସାହିନ ଆଫ୍ରିଦୀ ଓ ସୁଫିୟାନ ମୁକୀମ୍।

## ବୋଲିଂରେ ଦମ୍ ଦେଖାଇଲା ଶ୍ରୀଲଙ୍କା

ଆବୁଧାବି, ୧୩।୯ (ଏଜେନ୍ସି): ଏସିଆ କପ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ଶ୍ରୀଲଙ୍କା ଦଳ ଆଜି ଏଠାରେ ଦମ୍ ଦେଖାଇଛି। ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନେବା ପରେ ଜଣଙ୍କ ପରେ ଜଣେ ବାଂଲାଦେଶୀ ବ୍ୟାଟରଙ୍କୁ ପାଭିଲିୟନ ପଠାଇ ଶ୍ରୀଲଙ୍କା ଆତଙ୍କ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ୧୦ମ ଓଭର ଖେଳ ଶେଷ ସୁଦ୍ଧା ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫ ୱିକେଟ ହରାଇ ୫୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଦଳ ପକ୍ଷରୁ ଜେକର ଅଲି ୪ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳର ଦୁଇ ଓପନର ତାନ୍‌ଜିଦ୍ ହାସନ ସମିମ ଓ ପରଭେଜ ହୋସେନ ଏମନ ଖାତା ଖୋଲିପାରି ନାହାନ୍ତି। ସେହିପରି ନିର୍ଭରଯୋଗ୍ୟ ତୋହିଦ୍ ହୃଦୟ ୮ ଓ ମେହଦୀ ହାସନ ମିରାଜ ୯ ରନ୍ କରିପାରିଥିଲେ। ୫ମ ଖେଳାଳିଭାବେ ଅଧିନାୟକ ଲିଟନ ଦାସ ୨୮ ରନ୍‌ରେ ଆଉଟ ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଲେଗ୍ ସ୍ପିନର ୱାନିନ୍ଦୁ ହାସରଙ୍ଗା ୨ଟି, ନୁୱାନ ଥୁସରା ଓ ଦୁଷ୍ମନ୍ତ ଚାମୀରା ଗୋଟିଏ ଲେଖାଏଁ ୱିକେଟ ନେଇଛନ୍ତି। ହୃଦୟ ରନ୍‌ଆଉଟ ହୋଇଥିଲେ।

ଗତକାଲି ଖେଳାଯାଇଥିବା ମ୍ୟାଚ୍‌ରେ ଓମାନକୁ ୯୩ ରନ୍‌ରେ ହରାଇ ପାକିସ୍ତାନ ଏସିଆ କପ୍ ଗ୍ରୁପ୍-ଏ' ମ୍ୟାଚ୍‌ରେ ପ୍ରଥମ ବିଜୟ ହାସଲ କରିଥିଲା। ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୦ ରନ୍ କରିଥିଲା। ଦଳ ପକ୍ଷରୁ ଯୁବ ଖେଳାଳି ମହମ୍ମଦ୍ ହାରିସ୍‌ଙ୍କ ୬୬ ରନ୍ କରିଥିଲେ। ଜବାବରେ ଦଳ ୧୬.୪ ଓଭରରେ ମାତ୍ର ୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା।

## ସୁଟିଂ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ଜିତିଲେ ଇଶା



ନିନବୋ, ୧୩।୯ (ଏଜେନ୍ସି): ଚାଇନାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ରାଇଫଲ୍/ପିସ୍ତଲ ସୁଟିଂ ବିଶ୍ୱକପ୍‌ରେ ଭାରତର ଇଶା ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଇଶା ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସଫଳତା ପାଇଥିଲେ। ଫାଇନାଲରେ ଇଶା ଓ ଘରୋଇ ଚାଇନା ସୁଟର୍ ୟାଓ ଜିଆନଜୁନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷରେ ଇଶା ମାତ୍ର ୦.୧ ସ୍କୋରରେ ବାଜିମାତ୍ କରି ଚାମ୍ପିଅନ ହୋଇଥିଲେ। ଇଶା ୨୪୨.୬ ସ୍କୋର କରିଥିଲେ। ସେହିଭଳି ଜିଆନଜୁନ ୨୪୨.୫ ସ୍କୋର ସହ ଅଳ୍ପକେ ଶୀର୍ଷ ସ୍ଥାନ ହରାଇଥିଲେ। ଡିଫେଣ୍ଡିଂ ଅଲିମ୍ପିକ ଚାମ୍ପିଅନ ଦକ୍ଷିଣ କୋରିଆର ଓହ ୟେଜିନ ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ।

## ମହିଳା ଫୁଟ୍‌ବଲ୍ ଚୟନ କମିଟିରେ ଶ୍ରଦ୍ଧାଞ୍ଜଳି ଅଧ୍ୟକ୍ଷା

ଭୁବନେଶ୍ୱର, ୧୩।୯ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଶନିବାର ରାଜ୍ୟ ମହିଳା ଫୁଟ୍‌ବଲର ନୂତନ ଚୟନ କମିଟି ଗଠନ କରାଯାଇଛି। ଜାତୀୟ ଦଳର ପୂର୍ବତନ ଅଧିନାୟିକା ତଥା ଫାଓ ଯୁଗ୍ମ ସମ୍ପାଦକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉଭୟ ସିନିଅର ଓ ଜୁନିଅର ଦଳ ଚୟନ କମିଟିର ଅଧ୍ୟକ୍ଷା



ନିଯୁକ୍ତ ହୋଇଛନ୍ତି। ସିନିଅର ଚୟନ କମିଟିରେ ରଞ୍ଜିତା ମହାନ୍ତି, ଗୀତାଞ୍ଜଳି ଖୁଣ୍ଟିଆ, ଗାୟତ୍ରୀ ମଲ୍ଲିକ ଓ ସସ୍ମିତା ମଲ୍ଲିକ ସଦସ୍ୟ ରହିଛନ୍ତି। ସେହିଭଳି ସରିତା ଜୟନ୍ତୀ ବେହେରା, ମମତା କୁମାରୀ ସାମନ୍ତ, ଆଲୋଚନା ସେନାପତି, ସୁପ୍ରଭା ସାମଲ ଓ ସ୍ୱର୍ଣ୍ଣମୟୀ ସାମଲ ଜୁନିଅର ଚୟନ କମିଟିରେ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ବିଭିନ୍ନ ଜାତୀୟସ୍ତରୀୟ ସିନିଅର ଓ ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଏହି କମିଟି ଦଳ ଚୟନ କରିବ। ଏହି ଅବସରରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଦୁଲୀପ ଟ୍ରଫି: ଡ୍ରାଇଭର ସିଟ୍‌ରେ କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୩।୯ (ଏଜେନ୍ସି): ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲାରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩୩ ଓଭରରେ ୨ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଛି। ଆଠ ୱିକେଟ୍ ବଳକା ଥାଇ ପାଳି ପରାଜୟ ଏଡ଼ାଇବା ଲାଗି ଦକ୍ଷିଣାଞ୍ଚଳ ଆହୁରି ୨୩୩ ରନ ଆବଶ୍ୟକ କରୁଛି। ପୂର୍ବରୁ ଶନିବାର ସକାଳେ କେନ୍ଦ୍ରାଞ୍ଚଳ ଏହାର ଅସମାପ୍ତ ପ୍ରଥମ ପାଳି ସ୍କୋର ୩୮୪/୫ରୁ ବ୍ୟାଟିଂ ଆରମ୍ଭ କରି ୫୧୧ ରନରେ ସୀମିତ ରହିଥିଲା। ୧୩୭ ରନ କରି ଅପରାଜିତ ରହିଥିବା ଯଶ ରାଠୋଡ ଆଜି ୧୯୪ ରନରେ ଆଉଟ୍ ହୋଇ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଥିଲେ। ଦକ୍ଷିଣାଞ୍ଚଳର ଦୁଇ ବୋଲର ଗୁରଜାପନୀତ୍ ସିଂହ ଓ ଅଙ୍କିତ ଶର୍ମା ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ୧୪୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଖେଳ ଆହୁରି ୨ ଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଛି।

## ୩୦ ଲିଟର ମାତୃକ୍ଷୀର ଦାନ କଲେଣି ଜ୍ୱାଲା

ହାଇଦରାବାଦ୍, ୧୩।୯ (ଏଜେନ୍ସି): ପୂର୍ବତନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା ଏକ ଅନନ୍ୟ ପ୍ରୟାସ ଆରମ୍ଭ କରିଛନ୍ତି। ଯାହାକୁ ନେଇ ସେ ବର୍ତ୍ତମାନ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଗତ ଏପ୍ରିଲରେ ମାତୃତ୍ୱ ଲାଭ କରିଥିବା ୪୨ ବର୍ଷୀୟା ଜ୍ୱାଲା ସମ୍ପ୍ରତି ହାଇଦରାବାଦର ଏକ ସରକାରୀ ହସ୍ପିଟାଲକୁ ପ୍ରତିଦିନ ନିଜର ୬୦୦ ଗ୍ରାମ ମାତୃକ୍ଷୀର ଦାନ କରୁଛନ୍ତି। ଯେଉଁ ନବଜାତ ଶିଶୁମାନଙ୍କର ମା



ନାହାନ୍ତି ସେମାନଙ୍କୁ ସାହାଯ୍ୟ କରିବାକୁ ଜ୍ୱାଲା ନିଜର ଅତିରିକ୍ତ କ୍ଷୀରକୁ ଦାନ କରିବା ଭଳି ମହନୀୟ ନିଷ୍ପତ୍ତି ନେଇଛନ୍ତି। ଛୋଟ ଓ ନିଷ୍ପାପ ଶିଶୁଙ୍କ ଜୀବନ ବଞ୍ଚାଇବା ଲାଗି ସେ ଆରମ୍ଭ କରିଥିବା ଏହି ପ୍ରୟାସକୁ ନେଇ ତାଙ୍କୁ ଚାରିଆଡୁ ପ୍ରଶଂସା କରାଯାଉଛି। ତାଙ୍କର ଏହି କାର୍ଯ୍ୟକୁ ପ୍ରେରଣାଦାୟୀ ଭାବେ ଦେଖାଯାଉଛି। ରିପୋର୍ଟ ଅନୁସାରେ ଜ୍ୱାଲା ସେପ୍ଟେମ୍ବର ୧୨ ସୁଦ୍ଧା ମୋଟ୍ ୩୦ ଲିଟର କ୍ଷୀର ଦାନ କରିସାରିଲେଣି। ଉଲ୍ଲେଖଯୋଗ୍ୟ, ଜ୍ୱାଲା ୨୦୦୫ରେ ସାଥୀ ଖେଳାଳି ଚେତନ ଆନନ୍ଦଙ୍କୁ ବିବାହ କରିଥିଲେ। ୨୦୧୧ରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ଘଟିଥିଲା। ଏହାପରେ ଜ୍ୱାଲା ୨୦୨୧ରେ ତାମିଲ ଅଭିନେତା ବିଷ୍ଣୁ ବିଶାଲଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

## ଫାଇନାଲରେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଚଳିତ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନର ଦୁଇଟି ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଲକ୍ଷ୍ୟ ସେନ୍ ୨୩-୨୧, ୨୨-୨୦ ସିଧାସଳଖ ଗେମରେ ଚାଇନିଜ ତାଇପେଇର ଚୋଉ ତିଏନଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଛନ୍ତି। ସାତ୍ତ୍ୱିକ-ଚିରାଗ ଯୋଡ଼ି ସେମିରେ ୨୧-୧୭, ୨୧-୧୫ରେ ଚାଇନିଜ ତାଇପେଇ ଯୋଡ଼ିଙ୍କୁ ପରାସ୍ତ କରିଥିଲେ।

■ କଳିଙ୍ଗରେ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ

## ଭାଗନେବେ ୨୨ ଦେଶର ୪୫୦ ଖେଳାଳି

ଭୁବନେଶ୍ୱର,୧୩।୯ (ସମିସ): ଏସୀୟ ଟେବଲ ଟେନିସର ଟିମ୍ ଚାମ୍ପିଅନସିପ୍ ପ୍ରଥମଥର ଆଇକନିକ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଲାଗି ରାଜ୍ୟ ଟିଟି ଖେଳାଳି ଓ ସମର୍ଥକ ତଥା କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଶେଷକରି ଟିଟିରେ ଏସିଆ ମହାଦେଶର ବିକଳ୍ପ ଏଯାଏ ସୃଷ୍ଟି ହୋଇପାରିନାହିଁ। ବିଶ୍ୱରେ ଚୀନ୍ ଏକ ଅପରାଜେୟ ଦଳ ଭାବେ ପ୍ରତିଷ୍ଠା ଲାଭ କରିଛି। ଦକ୍ଷିଣ କୋରିଆ, ଜାପାନ, ମାଲେସିଆ ଓ ଇଣ୍ଡୋନେସିଆ ମଧ୍ୟ ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛନ୍ତି। ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିବାକୁ ଯାଉଛି। ଗୋଟିଏ ହେଉଛି ଲଣ୍ଡନରେ ହେବାକୁ ଥିବା ୨୦୨୬ ୱାର୍ଲ୍ଡ ଟିମ୍ ଚାମ୍ପିଅନସିପ୍ ଲାଗି ପ୍ରସ୍ତୁତି ଏବଂ ଦ୍ୱିତୀୟଟି ହେଉଛି ଏସୀୟ ଟେବଲ ଟେନିସ ୟୁନିଅନ୍‌ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ। ଅକ୍ଟୋବର ୧୩ରେ ବୈଠକ ହେବାର କାର୍ଯ୍ୟକ୍ରମ ଥିଲାବେଳେ ୧୫ରେ ପ୍ରତିଯୋଗିତା ଶେଷ ହେବ।

### ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ଧରାଶାୟୀ

## ସଲ୍ଟଙ୍କ ଶତକରେ ଇଂଲଣ୍ଡର ରେକର୍ଡ ବିଜୟ

ମାଞ୍ଚେଷ୍ଟର, ୧୩।୯ (ଏଜେନ୍ସି): ଓପନର୍ ଫିଲ୍ ସଲ୍ଟଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଘରୋଇ ଇଂଲଣ୍ଡ ରେକର୍ଡ ୧୪୬ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟି-୨୦ରେ ରନ ବ୍ୟବଧାନରେ ଇଂଲଣ୍ଡର ଏହା ସର୍ବବୃହତ ବିଜୟ ହୋଇଛି। ପୂର୍ବରୁ ପ୍ରଥମ ଟି-୨୦କୁ ୧୪ ରନରେ ହାରିଥିବା ଇଂଲଣ୍ଡ ଏଥିସହ ସିରିଜକୁ ୧-୧'ର ସମାନସ୍ତରକୁ ଆଣିଛି। ରବିବାର ନିର୍ଣ୍ଣାୟକ ତଥା ୩ୟ ଟି-୨୦ ଖେଳାଯିବ।



ଏହି ମ୍ୟାଚରେ ଟସ୍ ହାରି ଇଂଲଣ୍ଡ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜୋଶ୍ ବଟଲର ଓ ଫିଲ୍ ସଲ୍ଟ ବିଧ୍ୱଂସୀ ବ୍ୟାଟିଂ କରି ପ୍ରଥମ ୬ ଓଭରରେ ୧୦୦ ଓ ୮ ଓଭରରେ ରେକର୍ଡ ୧୨୬ ଉଠାଇଥିଲେ। ଅଭିଜ୍ଞ ବଟଲର ୩୦ ବଲରେ ୮୩ ରନ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ପାଳିରେ ସେ ୮ ଚୌକା ଓ ୭ ଛକା ମାରିଥିଲେ। ଏହାପରେ ଅନ୍ୟତମ ଓପନର୍ ସଲ୍ଟ କିନ୍ତୁ ତାଙ୍କ ଦ୍ରୁତ ବ୍ୟାଟିଂ ଜାରି ରଖିଥିଲେ। ୩୯ ବଲରେ ଶତକ ହାସଲ କରିଥିବା ସଲ୍ଟ ୬୦ ବଲରୁ ୧୪୧ ରନ (୧୫ଟି ଚୌକା ଓ ୮ଟି ଛକା) କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଫଳରେ ଇଂଲଣ୍ଡ ୨ ୱିକେଟ୍‌ରେ ୩୦୪ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜାକବ ବେଥେଲ ୨୬ ଓ ଅଧିନାୟକ ହ୍ୟାରୀ ବ୍ରୁକ ଅପରାଜିତ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହି ମ୍ୟାଚରେ ଇଂଲଣ୍ଡ ଏକାଧିକ ରେକର୍ଡ କରିଛି। ଟି-୨୦ରେ ୩ୟ ଦଳ ଭାବେ ଇଂଲଣ୍ଡ ୩୦୦ ରନ ଅତିକ୍ରମ କରିଛି। କିନ୍ତୁ ଟେଷ୍ଟ ମାନ୍ୟତାପ୍ରାପ୍ତ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଏକ ଟି-୨୦ରେ ପ୍ରଥମଥର ଦଳଗତ ସ୍କୋର ୩୦୦ ଡେଇଁଛି। ପୂର୍ବରୁ ୨୦୨୪ରେ ବାଂଲାଦେଶ ବିପକ୍ଷରେ ଭାରତ ୬ ୱିକେଟ୍‌ରେ ୨୯୭ ରନ କରିଥିଲା। ତେବେ ଟି-୨୦ରେ ସର୍ବାଧିକ ଦଳଗତ ସ୍କୋର ଜିମ୍ବାୱେ (୩୪୪/୪ ବନାମ ଗାମ୍ବିଆ) ନାମରେ ରହିଛି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଟେକ୍‌ନିକାଲ କମିଟିରେ ଗଗନେନ୍ଦୁ



ଭୁବନେଶ୍ୱର, ୧୩।୯ (ସମିସ): ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୫ମ ସଂସ୍କରଣ ଆସନ୍ତା ନଭେମ୍ବରରେ ରାଜସ୍ଥାନରେ ଖେଳାଯିବ। ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଓ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଆୟୋଜିତ କରିବେ। ଏହି ପ୍ରତିଯୋଗିତାରେ ୨୦ଟି ଇଭେଣ୍ଟରେ ୮୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏଥିଲାଗି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର ଡ. ଗଗନେନ୍ଦୁ ଦାଶଙ୍କୁ ଏକ ବଡ଼ ଦାୟିତ୍ୱ ପ୍ରଦାନ କରାଯାଇଛି। ଗେମ୍ସ ଟେକନିକାଲ କଣ୍ଡକ୍ଟ କମିଟି (ଜିଟିସିସି)ରେ ପୂର୍ବାଞ୍ଚଳରୁ ସଦସ୍ୟ ଭାବେ ଗଗନେନ୍ଦୁଙ୍କୁ ମନୋନୀତ କରାଯାଇଛି। ଏଥିଲାଗି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

ଯୁବ ଏସିଆନ ହ୍ୟାଣ୍ଡବଲ୍

## ଭାରତୀୟ ଦଳରେ ସୁପ୍ରଜିତ ଓ ସ୍ୱସ୍ତିକ; ଗୌରୀ ପ୍ରଶିକ୍ଷକ

ଭୁବନେଶ୍ୱର, ୧୩।୯ (ସମିସ): ଜୋର୍ଡାନର ରାଜଧାନୀ ଅମାନ ସହରରେ ସେପ୍ଟେମ୍ବର ୧୫ ତାରିଖରୁ ଯୁବ ଏସିଆନ ହ୍ୟାଣ୍ଡବଲ ଚାମ୍ପିଅନସିପ (୧୭ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁପ୍ରଜିତ ବେହେରା ଓ ସ୍ୱସ୍ତିକ ମହାପ୍ରସାଦ। ସେହିଭଳି ଯୁବ ଭାରତୀୟ ହ୍ୟାଣ୍ଡବଲ ଦଳର ପ୍ରଶିକ୍ଷକ ଭାବେ ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ଜୋର୍ଡାନ ଯାତ୍ରା କରିଛନ୍ତି। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଏହି ତିନିଜଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



ଏସିଆ କପ୍ ମହିଳା ହକି

## ଆଜି ଭାରତ-ଚୀନ୍ ଫାଇନାଲ ମୁକାବିଲା

ହାଙ୍ଗଝୋଉ,୧୩।୯ (ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ ଚଳିତ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚଟି ରବିବାର ଭାରତୀୟ ସମୟ ସନ୍ଧ୍ୟା ୫ଟା ୩୦ରୁ ଆରମ୍ଭ ହେବ। ଆଜି ତଥା ଶନିବାର ଖେଳାଯାଇଥିବା ସୁପର-୪'ର ଶେଷ ପର୍ଯ୍ୟାୟ ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିବା ପରେ ଭାରତ ଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିନେଇଥିଲା।





କୋରିଆ ପରାଜିତ ହେବା ପରେ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ସୁପର-୪'ରେ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲରେ ସ୍ଥାନ ପକ୍କା କରିଥିଲା। ପୂର୍ବରୁ ଭାରତ ୧-୧ ଗୋଲ୍‌ରେ ଜାପାନ ସହ ମ୍ୟାଚ୍ ଡ୍ର ରଖିବା ଫଳରେ ଫାଇନାଲ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟରୁ ୪ ପଏଣ୍ଟ ପାଇ ସୁପର-୪'ରେ ଦ୍ୱିତୀୟସ୍ଥାନରେ ରହିଥିଲା। ସୁପର-୪'ରେ ଚୀନ୍ ଓ ଭାରତ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜାପାନ ବିପକ୍ଷରେ ଭାରତ ଆଜି ଖେଳିଥିବା ମ୍ୟାଚ୍‌ରେ ଭାରତ ଆରମ୍ଭରୁ ସୁଯୋଗ ପାଇ ଏହାର ସଦ୍‌ବ୍ୟବହାର କରିଥିଲା। ଖେଳର ପ୍ରଥମ କ୍ୱାର୍ଟରର ୭ମ ମିନିଟରେ ନେହାଙ୍କଠାରୁ ପାସ୍ ପାଇ ବିଉଟି ଡୁଙ୍ଗ ଡୁଙ୍ଗ୍ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଏହି ଗୋଲ ପରେ ଭାରତୀୟ ଖେଳାଳି ଉତ୍ସାହିତ ହୋଇଥିଲାବେଳେ ଜାପାନ ଖେଳାଳିମାନେ ଆକ୍ରମଣାତ୍ମକ ହୋଇପଡ଼ିଥିଲେ। ଏହା ପରେ ଜାପାନ ଏକାଧିକ ଆକ୍ରମଣ ରଚନା କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ଖେଳର ଶେଷ ସମୟରେ ଅର୍ଥାତ୍ ୫୮ତମ ମିନିଟ୍‌ରେ ସିହୋ କୋବାୟାକା ଗୋଲ ଶୁଝାଇ ଦେଇଥିଲେ। ଅବଶିଷ୍ଟ ସମୟରେ କେହି କାହାରିକୁ ଗୋଲ ଦେଇ ନପାରିବା ଫଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS